- Vol.- 44, Issue No. 285
- Thursday, 16 January 2025
- ଗୁରୁବାର, ୧୬ ଜାନୁୟାରୀ ୨୦୨୫
- Bhubaneswar
- Price: Rs. 2.00, Page: 8
- R.N.I. Regd. No. 34063/81
- Postal Regd. No. BN/79/18-20
- Online Portal: www.dinalipi.com
- Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି
THE DINALIPI




ମନୁ ଭାକର ପାଇଥିବା ଦୁଇ ମେଡାଲ ନକଲି !

Web: www.dinalipi.com, E-mail: dinalipinews@gmail.com



### ବର୍ଦ୍ଧିତ ଭତ୍ତା କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ

# ବରିଷ୍ଠ ନାଗରିକ ଆସ୍ଥା ଓ ବିଶ୍ୱାସର ମନ୍ଦିର

- କାର୍ଯ୍ୟକ୍ରମ ଆଦର୍ଶ ସମାଜ ଆଡ଼କୁ ଗୁରୁତ୍ୱପୂର୍ଣ୍ଣ ପାହାଚ
- ଉପକୃତ ହେବେ ୪ଲକ୍ଷ ୧୭ ହଜାର ହିତାଧିକାରୀ
- ପାଉଥିଲେ ୧୨୦୦, ଏବେ ହେଲା ୩୫୦୦

ଭୁବନେଶ୍ୱର,୧୫।୧: ରାଜ୍ୟର ୮୦ ବର୍ଷ ବା ତା'ଠାରୁ ଅଧିକ ବୟସ୍କ ବ୍ୟକ୍ତି ଏବଂ ୮୦ ପ୍ରତିଶତ ବା ତାହାଠାରୁ ଅଧିକ ଭିନ୍ନକ୍ଷମ ହିତାଧିକାରୀମାନେ ଆଜିଠାରୁ ମାସକୁ ୩୫୦୦ ଟଙ୍କା ପେନସନ ପାଇବେ । ପୂର୍ବରୁ ସେମାନେ ୧୨୦୦ ଟଙ୍କା ପେନସନ ପାଉଥିବା ବେଳେ ଏଥିରେ ୨୩୦୦ ଟଙ୍କା ବୃଦ୍ଧି କରାଯାଇ ୩୫୦୦ ଟଙ୍କା କରାଯାଇଛି । ଏହା ଦ୍ୱାରା ରାଜ୍ୟର ୪,୧୭,୪୯୬ ଜଣ ବ୍ୟକ୍ତି ଉପକୃତ ହେବେ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁଧବାର କେନ୍ଦୁଝର ଠାରେ ଏହି ବର୍ଦ୍ଧିତ ଭତ୍ତା ବିତରଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଯେଉଁ ସମାଜରେ ବରିଷ୍ଠ ନାଗରିକ, ଭିନ୍ନକ୍ଷମ ଓ ଅସହାୟ ବ୍ୟକ୍ତିଙ୍କୁ ସମ୍ମାନ ଓ ଆଦର ଦିଆଯାଏ, ସେହି ସମାଜ ହେଉଛି ଏକ ଆଦର୍ଶ ସମାଜ । ଏମାନଙ୍କ ପ୍ରତି ସମାଜ ସମ୍ବେଦନଶୀଳ ହେବା ଆବଶ୍ୟକ । ବରିଷ୍ଠ ନାଗରିକମାନେ ହେଉଛନ୍ତି ଆମ ଆସ୍ଥା ଓ ବିଶ୍ୱାସର ମନ୍ଦିର । ସେମାନଙ୍କ ହସ, ଖୁସି ଏବଂ ଯୁବ ସମାଜ ଉପରେ ସେମାନଙ୍କ ଅଖଣ୍ଡ ଆସ୍ଥା ହିଁ ଆମ ବିରଳ ସମ୍ପତ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । କେନ୍ଦୁଝରେ ଧରଣୀଧର ବିଶ୍ୱବିଦ୍ୟାଳୟ ପଡିଆରେ ଆୟୋଜିତ ଏହି ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ରାଷ୍ଟ୍ରୀୟ ସାମାଜିକ କାର୍ଯ୍ୟକ୍ରମର ହିତାଧିକାରୀ ହୁଅନ୍ତୁ ବା ମଧୁବାବୁ ପେନସନ ହିତାଧିକାରୀ, ସମସ୍ତେ ଏହି ବର୍ଦ୍ଧିତ ପେନସନ ପାଇବେ । କେନ୍ଦୁଝର ଜିଲ୍ଲାର ମଧ ୯,୯୧୩ ଜଣ ବ୍ୟକ୍ତି ଏଥିରେ ଅନ୍ତର୍ଭୁକ୍ତ । ଆଜିର ଏହି କାର୍ଯ୍ୟକ୍ରମ ଏକ ଆଦର୍ଶ ସମାଜ ଆଡକୁ ଆମ ଯାତ୍ରାର ଏକ ଗୁରୁତ୍ୱପୂର୍ଣ୍ଣ ପାହାଚ । ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ ଯେ, ଜଣେ ମଣିଷ ଭାବରେ ଆପଣ ଯଦି, ବୟସ୍କ ଓ ଭିନ୍ନକ୍ଷମଙ୍କୁ କିଛି ସହାୟତା ବା ସହଯୋଗ କରିପାରନ୍ତି, ତାହା ବାସ୍ତବିକ ମନକୁ ଖୁସି ଦିଏ ଏବଂ ପୁଣ୍ୟ ଅର୍ଜନ ହୋଇଥାଏ । ସେ ପୁଣି କହିଥିଲେ ଆମ ସରକାର ଆସିବାକୁ ମାତ୍ର ୭ ମାସ ହୋଇଛି । ଏହି ୭ ମାସ ମଧ୍ୟରେ ଆମ ସରକାର ଲୋକଙ୍କ କଲ୍ୟାଣ ପାଇଁ ଅନେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛନ୍ତି ।ଶେଷରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଓଡିଶାର ସମୃଦ୍ଧି ତଥା ରାଜ୍ୟର ଚାଷୀ, ମହିଳା, ଶ୍ରମିକ, ଯୁବଗୋଷ୍ଠୀ ଇତ୍ୟାଦି ସମସ୍ତ ବର୍ଗର କଲ୍ୟାଣ ପାଇଁ ଆମ ସରକାର ନିରନ୍ତର ଉଦ୍ୟମ କରୁଛନ୍ତି । କାର୍ଯ୍ୟକ୍ରମରେ ବହୁ ପ୍ରଶାସନିକ ଅଧିକାରୀ ଯୋଗ ଦେଇଥିଲେ ।

---

## ପୁରୀ ଗଜପତିଙ୍କ ପୁଷ୍ୟାଭିଷେକ



ପୁରୀ,୧୫।୧: ପୁରୀ ଗଜପତିଙ୍କ ପୁଷ୍ୟାଭିଷେକ ଶ୍ରୀନହରରେ ପାରମ୍ପରିକ ରୀତିନୀତିରେ ଅନୁଷ୍ଠିତ ହୋଇଛି । ଏଥିରେ ଷୋଳ ଶାସନ ବ୍ରାହ୍ମଣ ପୁରୋହିତ ଗଜପତିଙ୍କୁ ଆଶୀର୍ବାଦ କରିଛନ୍ତି । ଏହି ପୁଷ୍ୟାଭିଷେକ କାର୍ଯ୍ୟ ରାଜଗୁରୁ ଦେବୀପ୍ରସାଦ, ରାଜଗୁରୁ ସୁଧାଂଶୁ ସମ୍ପାଦନ କରିଛନ୍ତି । ପରେ ଗଜପତି ଏବଂ ମହାରାଣୀଙ୍କୁ ଅଭିମନ୍ତ୍ରିତ ଜଳରେ ଅଭିଷେକ କରାଯାଇଥିଲା । ଏହାସହ ବନ୍ଦାପନା କରାଯାଇ ଗଜପତିଙ୍କୁ ପଇତାଲାଗି ଏବଂ ମହାପ୍ରସାଦ ପ୍ରଦାନ କରାଯାଇଥିଲା । ପରେ ଗଜପତି ତାଙ୍କ ପାରମ୍ପରିକ ବେଶରେ ଗାଦିକୁ ବିଜେ କରିବା ପରେ ଷୋଳ ଶାସନ ବ୍ରାହ୍ମଣ ଓ ପଣ୍ଡିତମାନେ ତାଙ୍କୁ ନଡିଆ ଏବଂ ପଇତା ପ୍ରଦାନ କରିବା ସହ ଆଶୀର୍ବାଦ କରିଥିଲେ ।

## 'ମାରବର୍ଗ' ଭୂତାଣୁର ଉଗ୍ରରୂପ

➔ ତାଞ୍ଜାନିଆରେ ୮ ମୃତ ➔ ସତର୍କ ହେଲା ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ



ନୂଆଦିଲ୍ଲୀ,୧୫।୧: ଏଚ୍ଏମ୍ପିଭି ପରେ ଏବେ ଲୋକଙ୍କ ଜୀବନ ନେବା ଆରମ୍ଭ କଲାଣି 'ମାରବର୍ଗ' ଭାଇରସ୍ । ତାଞ୍ଜାନିଆରେ ୮ ଜଣଙ୍କ ମୃତ୍ୟୁ ପରେ ସତର୍କ ହୋଇଛି ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲୁଏଚ୍ଓ) । ଉତ୍ତର ତାଞ୍ଜାନିଆର ଏକ ଦୁର୍ଗମ ଅଞ୍ଚଳରେ ମାରବର୍ଗ ଭାଇରସରେ ଆକ୍ରାନ୍ତ ହୋଇ ୮ ଜଣଙ୍କ ମୃତ୍ୟୁ ଘଟିଥିବା ଡବ୍ଲୁଏଚ୍ଓ କହିଛି । ଡବ୍ଲୁଏଚ୍ଓ ମୁଖ୍ୟ ଟେଡ୍ରୋସ୍ ଅଧନୋମ୍ ଘେବ୍ରେୟସସ୍ ଏକ ବିବୃତିରେ କହିଛନ୍ତି, ତାଞ୍ଜାନିଆରେ ମାରବର୍ଗ ଭାଇରସ୍ ସଂକ୍ରମଣର ୯ଟି ମାମଲା ବିଷୟରେ ଆମେ ସୂଚନା ପାଇଛୁ, ସେଥିମଧ୍ୟରୁ ୮ ଜଣଙ୍କର ମୃତ୍ୟୁ ଘଟିଛି । ଇବୋଲା ପରି ମାରବର୍ଗ ଜୀବାଣୁ ଫଳ, ବାଦୁଡ଼ି ଆଦିଙ୍କଠାରୁ ଉତ୍ପନ୍ନ ହୋଇଥାଏ । ସଂକ୍ରମିତ ବ୍ୟକ୍ତିଙ୍କ ସଂସ୍ପର୍ଶରେ ଆସିଲେ ଏହା ଅନ୍ୟ ଜଣଙ୍କୁ ବ୍ୟାପେ । ଯଦି ଚିକିତ୍ସା କରା ନ ଯାଏ, ମାରବର୍ଗ ରୋଗରେ ପୀଡ଼ିତ ୮୮ ପ୍ରତିଶତ ଲୋକଙ୍କ ପାଇଁ ଏହା ଘାତକ ହୋଇପାରେ । ଏହାର ଲକ୍ଷଣଗୁଡ଼ିକ ହେଉଛି ଜ୍ୱର, ମାଂସପେଶୀ ଯନ୍ତ୍ରଣା, ଝାଡ଼ା, ବାନ୍ତି ଏବଂ କେତେକ କ୍ଷେତ୍ରରେ ଅତ୍ୟଧିକ ରକ୍ତ କ୍ଷୟ ହେତୁ ମୃତ୍ୟୁ ମଧ ହୋଇଥାଏ । ବର୍ତ୍ତମାନ ମାରବର୍ଗ ପାଇଁ କୌଣସି ସ୍ୱୀକୃତିପ୍ରାପ୍ତ ଚିକିତ୍ସା କିମ୍ବା ଟିକା ଉପଲବ୍ଧ ନାହିଁ । ତାଞ୍ଜାନିଆର ସ୍ୱାସ୍ଥ୍ୟ ଅଧିକାରୀଙ୍କ ତରଫରୁ ଏ ନେଇ କୌଣସି ବିବୃତି ଦିଆଯାଇ ନାହିଁ । ପ୍ରଥମ ଥର ଗତ ସେପ୍ଟେମ୍ବର ୨୭ରେ ରୱାଣ୍ଡାରେ ମାରବର୍ଗର ପ୍ରକୋପ ଚିହ୍ନଟ ହୋଇଥିଲା । ଡିସେମ୍ବର ୨୦ରେ ଏହା ଘୋଷଣା କରାଯାଇଥିଲା । ରୱାଣ୍ଡାର ଅଧିକାରୀମାନେ ଏହି ରୋଗରେ ମୋଟ ୧୫ ଜଣଙ୍କ ମୃତ୍ୟୁ ଏବଂ ୬୬ଟି ମାମଲା ସମ୍ପର୍କରେ ସୂଚନା ଦେଇଥିଲେ ।

### ଜାତୀୟ ଶିକ୍ଷା ନୀତି-୨୦୨୦ ଲାଗୁ ପାଇଁ ବିଜ୍ଞପ୍ତି

## ଶିକ୍ଷା କ୍ଷେତ୍ରରେ ନୂତନ ଯୁଗ ଆରମ୍ଭ

ଭୁବନେଶ୍ୱର,୧୫।୧: ରାଜ୍ୟରେ ନୂଆ ଜାତୀୟ ଶିକ୍ଷା ନୀତି(ଏନଇପି)-୨୦୨୦ ଲାଗୁ ପାଇଁ ଗଣଶିକ୍ଷା ବିଭାଗ ବିଜ୍ଞପ୍ତି ପ୍ରକାଶ କରିଛି । ବୁଧବାର ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି । ଶିକ୍ଷା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ଲାଗି ଏହି ନିଷ୍ପତ୍ତି ନିଆଯାଇଥିବା ସରକାରଙ୍କ ପକ୍ଷରୁ କୁହାଯାଇଛି । ଏହି ଶିକ୍ଷାନୀତି ଲାଗୁ ହେବା ପରେ ଆଞ୍ଚଳିକ ବିଷୟବସ୍ତୁକୁ ବିଚାରକୁ ନିଆଯାଇ ପାଠ୍ୟକ୍ରମ ପ୍ରସ୍ତୁତ କରାଯିବ ବୋଲି କୁହାଯାଇଛି । ଓଡ଼ିଶାର ଶିକ୍ଷା କ୍ଷେତ୍ରରେ ଏକ ନୂତନ ଯୁଗର ଆରମ୍ଭ ବୋଲି ରାଜ୍ୟରେ ଜାତୀୟ ଶିକ୍ଷା ନୀତି (ଏନଇପି)- ୨୦୨୦ ଲାଗୁ ପାଇଁ ବିଧିବଦ୍ଧ ଭାବେ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ପ୍ରତିକ୍ରିୟା ଦେଇଛନ୍ତି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ । ସେ ସୋସିଆଲ ମିଡିଆ ଏକ୍ସରେ ଲେଖିଛନ୍ତି. ଓଡ଼ିଶାର ଶିକ୍ଷା କ୍ଷେତ୍ରରେ ଏକ ନୂତନ ଯୁଗର ଆରମ୍ଭ। ଶିକ୍ଷାକ୍ଷେତ୍ରକୁ ସୁଦୃଢ଼ କରିବା ପାଇଁ ଗଣଶିକ୍ଷା ବିଭାଗରେ ଲାଗୁହେବ ଜାତୀୟ ଶିକ୍ଷା ନୀତି-୨୦୨୦। ମାତୃଭାଷାରେ ଶିକ୍ଷାଦାନକୁ ଗୁରୁତ୍ୱ ଦେବା ସହିତ ଛାତ୍ରଛାତ୍ରୀମାନଙ୍କ ଗୁଣାତ୍ମକ ଶିକ୍ଷା ହେବ ସୁନିଶ୍ଚିତ।



## ଧଳା ବାଘୁଣୀର ଶାବକ ମୃତ




ଭୁବନେଶ୍ୱର,୧୫।୧: ନନ୍ଦନକାନନରେ ଅଢ଼େଇ ମାସର ଧଳା ବାଘ ଶାବକର ମୃତ୍ୟୁ ଘଟିଛି । ମା' ବାଘୁଣୀ ଠାରୁ ଅଲଗା କରି ଧଳା ଶାବକର ଚିକିତ୍ସା କରାଯାଉଥିଲା । ଶାବକର ମୃତ୍ୟୁ ପରେ ପ୍ରାଣୀ ଉଦ୍ୟାନରେ ବାଘ ସଂଖ୍ୟା ୨୭କୁ ଖସିଛି । ନନ୍ଦନକାନନ ଉପନିର୍ଦ୍ଦେଶକ ସାନଥ କୁମାର୍ ନାରାୟଣ ଶାବକ ମୃତ୍ୟୁ ନେଇ ସୂଚନା ଦେଇଛନ୍ତି । ୨୦୨୪ ନଭେମ୍ବର ୨ ତାରିଖରେ ବାଘୁଣୀ ରୁପା ୪ଟି ଶାବକ ଜନ୍ମ ଦେଇଥିଲା । ସେମାନଙ୍କ ମଧ୍ୟରୁ କିଛିଦିନ ତଳେ ଏକ ଧଳା ମାଈ ଶାବକ ଅସୁସ୍ଥ ହୋଇପଡ଼ିଥିଲା । ତେଣୁ ମା' ବାଘୁଣୀ ରୁପା ଠାରୁ ଶାବକକୁ ଅଲଗା କରି ଚିକିତ୍ସା କରାଯାଉଥିଲା । ଚିକିତ୍ସିତ ଅବସ୍ଥାରେ ବୁଧବାର ସକାଳୁ ଶାବକଟିର ମୃତ୍ୟୁ ହୋଇଛି ।

## ୪ ଲକ୍ଷରେ ସ୍ତ୍ରୀକୁ ଶ୍ୱଶୁରଘର ଲୋକେ ବିକ୍ରି କଲେ !

କଲ୍ୟାଣସିଂହପୁର,୧୫।୧: ରାୟଗଡା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ପାର୍ଶାଲି ପଞ୍ଚାୟତର ଭାଲେରି ଗ୍ରାମର ନରସିଂ ବାଗଙ୍କ ପୁଅ ବଳରାମ ବାଗ ତାଙ୍କ ସ୍ତ୍ରୀ ରଶ୍ମିତା ବାଗକୁ ତାଙ୍କ ଶ୍ୱଶୁର ଘର ଲୋକେ ୪ ଲକ୍ଷ ଟଙ୍କାରେ ବିକ୍ରି କରିଥିବା ନେଇ ଥାନାରେ ଅଭିଯୋଗ କରିଥିବା ଜଣାପଡିଛି । ବଳରାମ ବାଗ ମୁନିଗୁଡା ବ୍ଲକର ଅମ୍ବାଦଳା ଥାନା ରଘୁବାରି ପଞ୍ଚାୟତ ସଦର ଗୁରୁବାରୁ ଛାତ୍ରୀଆଙ୍କ ଝିଅ ରଶ୍ମିତାଙ୍କୁ ପ୍ରାୟ ୧୪ ବର୍ଷ ହେବ ପ୍ରେମ ବିବାହ କରିଥିଲେ । ତାଙ୍କର ଦୁଇଟି ଝିଅ ଓ ଗୋଟିଏ ପୁଅ ରହିଛି । ଆର୍ଥିକ ଅନଟନ ଯୋଗୁଁ ବଳରାମ ଦାଦନ ଶ୍ରମିକ ଭାବେ ଆନ୍ଧ୍ରପ୍ରଦେଶକୁ ଯାଇଥିଲେ । ବଳରାମ ବହୁ ଦିନ ଧରି ଘରକୁ ନ ଫେରିବାର ସୁଯୋଗ ନେଇ ୨୦୨୪ ମସିହା ମେ ମାସ ୩୦ ତାରିଖ ଅପରାହ୍ନରେ ରଶ୍ମିତାକୁ ତାଙ୍କ ଭାଇ ବକଚନ ଛାତ୍ରୀଆ, ଅଭିମନ୍ୟୁ ଛାତ୍ରୀଆ ଓ ଭାଉଜ ତିନି ଜଣ ରାଜସ୍ଥାନର ଏକ ଲୋକ ଠାରୁ ୪ ଲକ୍ଷ ଟଙ୍କା ଆଣି ତାଙ୍କ ସହିତ ବିବାହ କରାଇ ଦେଇ ଥିବା କହିବା ସହ ଅଭିଯୋଗ କରିଛନ୍ତି । ବଳରାମ ଆନ୍ଧ୍ରପ୍ରଦେଶରେ ଥାଇ ସବୁ ଜାଣିବା ପରେ ଶ୍ୱଶୁର ଘରକୁ ଯାଇ ରଶ୍ମିତା ବିଷୟରେ ପଚାରିଥିଲେ । ଦୁଇଶଳା ଓ ଭାଉଜ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରି ଜୀବନରୁ ମାରିଦେବା ପାଇଁ ଧମକ ଦେଇଥିଲେ । ତିନି ପିଲାଙ୍କ ଭବିଷ୍ୟତ କଥା ଭାବି ଭୟରେ ସେହି ଠାରୁ ଚାଲି ଆସିଥିଲେ ବୋଲି ବଳରାମ କହିଛନ୍ତି ।

### କଳାବାଘ ଉପରେ ଶିକାରୀଙ୍କ ଲୋଲୁପ ଦୃଷ୍ଟି

## ଚମଡ଼ା ଜବତ, ୪ ଜଣଙ୍କୁ ବାନ୍ଧିଲା ବନବିଭାଗ



ବାରିପଦା,୧୫।୧: କଳାବାଘ ଉପରେ ଶିକାରୀଙ୍କ ଲୋଲୁପ ଦୃଷ୍ଟି ପଡ଼ିଛି । ଏହି ବିରଳ କିସମ ବାଘର ଶିକାର ହେଉଛି । ଶିମିଳିପାଳ ଅଭୟାରଣ୍ୟରୁ ଶିକାର ହୋଇଥିବା କଳାବାଘ ଚମଡ଼ା ଓ ନଖକୁ ଜବତ କରାଯିବା ଘଟଣାରୁ ଏହା ଜଣାପଡ଼ିଛି । ଏହି ଘଟଣାରେ ଜଡିତ ୪ଜଣ ଶିକାରୀଙ୍କୁ ବନବିଭାଗ ଗିରଫ କରିଛି । ଅଭିଯୁକ୍ତମାନେ ହେଲେ ଉଦଳା ଥାନା ଅଞ୍ଚଳ ତେନ୍ତଲା ଗ୍ରାମର ଅଜମ୍ବର ନାୟକ ଛଦ୍ମନାମ ଫାଟୁ, ପୀତାମ୍ବର ନାୟକ ଛଦ୍ମନାମ ଡାକ୍ତର, ରାମା ନାୟକ ଛଦ୍ମନାମ ଥାଲୁ ଓ ପାଟସାଣିପୁର ଅନ୍ତର୍ଗତ ବାଲିଘାଟର ବାଇରାମ ମୁର୍ମୁ ଛଦ୍ମନାମ ଡୁଡିବାବା । ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଦକ୍ଷିଣ ଡିଭିଜନର ଉପନିର୍ଦ୍ଦେଶକ ସମ୍ରାଟ ଗୌଡ଼ାଙ୍କ ଠାରୁ ଏହି ସୂଚନା ମିଳିଛି । ଶିମିଳିପାଳ କ୍ଷେତ୍ର ଅଧୀନ ଢୁକୁରା ବନ୍ୟପ୍ରାଣୀ ବନାଞ୍ଚଳ ଉଦଳା ଥାନା ଅଧୀନ ତେନ୍ତୁଳା ଓ ବାଲିଘାଟ ଅଞ୍ଚଳରେ କଳାବାଘ ଚମଡା ଥିବା ନେଇ ବିଶ୍ୱସ୍ତ ସୂତ୍ରରୁ ବନବିଭାଗ ଜାଣିବାକୁ ପାଇଥିଲା । ବାରିପଦା ଆରସିସିଏଫଙ୍କ ସୂଚନା ଅନୁଯାୟୀ, ଶିମିଳିପାଳ ଦକ୍ଷିଣ ୱାଇଲ୍ଡ ଲାଇଫ୍ ଡିଭିଜିନର ସ୍ପେଶାଲ ଏନଫୋର୍ସମେଣ୍ଟ ୱିଙ୍ଗ୍ ପକ୍ଷରୁ ଗତ ୧୨ ତାରିଖ ରାତିରେ ଏ ଚାରି ଜଣଙ୍କୁ ଗିରଫ ସହ ଏକ ବାଘ ଛାଲକୁ ଜବତ କରାଯାଇଛି । ବାଘର ବୟସ ଦେଢ଼ ବର୍ଷ ହେବା ଅନୁମାନ କରାଯାଉ ଥିଲା ବେଳେ ବାଘଟି ଅଣ୍ଡିରା କି ମାଈ ସ୍ପଷ୍ଟ ହୋଇନାହିଁ । ତେବେ ଗତ ଡିସେମ୍ବରରେ ବାଘ ଶିକାର ଘଟଣାରେ ଗିରଫ ଅଭିଯୁକ୍ତଙ୍କଠୁ ଜବତ ବାଘନଖ ଆଧାରରେ ଏ କଳାବାଘ ଛାଲ ପାଖରେ ବନବିଭାଗ ପହଞ୍ଚିଥିଲା ଏବଂ ଏଇ ଘଟଣାରେ ଏପର୍ଯ୍ୟନ୍ତ ୧୦ ଜଣଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ସୂଚନା ଦେଇଛନ୍ତି ଆରସିସିଏଫ୍ । ହେଲେ କଳାବାଘଟିକୁ କେବେ ଶିକାର କରାଯାଇଛି, ସେ ନେଇ କିଛି ସ୍ପଷ୍ଟ କରାଯାଇ ନାହିଁ ।

## ସିବିଆଇ ତଦନ୍ତ ନେଇ ମୁହଁ ଖୋଲିଲେ ଦୀପାଳି



ଭୁବନେଶ୍ୱର,୧୫।୧: ପୂର୍ବତନ ମନ୍ତ୍ରୀ ନବ ଦାସଙ୍କ ହତ୍ୟା ପ୍ରସଙ୍ଗରେ ମୁହଁ ଖୋଲିଛନ୍ତି ତାଙ୍କ ଝିଅ ତଥା ପୂର୍ବତନ ବିଧାୟକ ଦୀପାଳି ଦାସ । ମୋହନ ସରକାରକୁ ସେ ଏକ ବକ୍ତବ୍ୟରେ ନିଶାଣ କରିଛନ୍ତି । ସେ କହିଛନ୍ତି, କିଛି ବିଧାୟକ ତାଙ୍କ ବାପାଙ୍କ ମୃତ୍ୟୁ ପ୍ରସଙ୍ଗ ଉଠାଉଛନ୍ତି, ଯାହାକି ଝିଅ ହିସାବରେ ତାଙ୍କୁ ବାଧୁଛି । ତାଙ୍କ ପରିବାରକୁ ଆକ୍ଷେପ କରାଯାଉଛି । ସେ ପ୍ରଶ୍ନ କରିଛନ୍ତି, ମୋହନ ସରକାର ତାଙ୍କ ବାପାଙ୍କ ମୃତ୍ୟୁ ଘଟଣାର ସିବିଆଇ ତଦନ୍ତ କରାଇବେ କି ? ତା ସହ ଯେଉଁ ବିଧାୟକମାନେ ତାଙ୍କ ବାପାଙ୍କ ହତ୍ୟାକାଣ୍ଡ କଥା କହୁଛନ୍ତି, ସେମାନେ ତାଙ୍କ ପରିବାର ସହ ଠିଆ ହେବେ କି ?

## ସିଙ୍ଗଲ ମେମ୍ବର କମିଶନ ଗଠନ ହେବ: ଆଇନମନ୍ତ୍ରୀ

### କିଛି ଲୋକ ରାଜନୈତିକ ରୁଟି ସେକୁଛନ୍ତି



ଭୁବନେଶ୍ୱର,୧୫।୧: ଶ୍ରୀଲିଙ୍ଗରାଜଙ୍କ ମହାପ୍ରଭୁଙ୍କ ସ୍ୱତ୍ୱଲିପିରେ କିଛି ଆଇନଗତ ସମସ୍ୟା ରହିଛି । ଶୀଘ୍ର ଏହାର ସମାଧାନ କରାଯିବ । ଶୀଘ୍ର ହାଇକୋର୍ଟର ଜଣେ ଅବସରପ୍ରାପ୍ତ ବିଚାରପତିଙ୍କୁ ଦାୟିତ୍ୱ ଦିଆଯିବ । ସିଙ୍ଗିଲ୍ ମେମ୍ବର କମିଶନ ଭାବେ କାର୍ଯ୍ୟ କରିବେ ବିଚାରପତି । ଯାହା ପୂର୍ବରୁ ବିଧି ରହିଛି , ତାହାର ତର୍ଜମା କରିବେ ବିଚାରପତି । ଦୁଇ ମାସ ଭିତରେ ଡ୍ରାଫ୍ଟ କରି ଦେବୋତ୍ତର ବିଭାଗକୁ ହସ୍ତାନ୍ତର କରିବେ । ଅନ୍ୟପଟେ ଏହି ପ୍ରସଙ୍ଗକୁ ନେଇ ସେ ବିରୋଧୀଙ୍କୁ ଟାର୍ଗେଟ୍ କରିଛନ୍ତି । ସେ କହିଛନ୍ତି କିଛି ଲୋକ ମୁଣ୍ଡ ପୂରାଇ ରାଜନୈତିକ ରୁଟି ସେକୁଛନ୍ତି । ଏହା ଆମେ କରିବାକୁ ଦେବୁ ନାହିଁ , ସମସ୍ତେ ସୁଧୁରି ଯାଆନ୍ତୁ । ପୂର୍ବ ସରକାର ଅମଳରେ ସମସ୍ୟା ସମାଧାନ ପାଇଁ କିଛି ହେଲାନି ।

## ଶ୍ରୀଲିଙ୍ଗରାଜଙ୍କ ନୀତିକାନ୍ତି ବିବାଦ ତୁଟିଲା

■ ଅଭିଯୁକ୍ତ ସେବାୟତଙ୍କୁ ନୋଟିସ୍ ଜାରି ହେବ ■ ୨୪ଘଣ୍ଟାରେ ଏଡିଏମ୍ ତଦନ୍ତ ରିପୋର୍ଟ ଦେବେ



ଭୁବନେଶ୍ୱର,୧୫।୧: ବୁଧବାର ସ୍ୱାଭାବିକ ହୋଇଛି ଭୁବନେଶ୍ୱର ସ୍ଥିତ ଶ୍ରୀଲିଙ୍ଗରାଜ ମନ୍ଦିର ନୀତିକାନ୍ତି । ଟ୍ରଷ୍ଟ ବୋର୍ଡ ବୈଠକରେ ସେବାୟତ ବିବାଦର ସମାଧାନ ହୋଇଛି । ସବୁ ନିଯୋଗ ସହ ବୈଠକ ବସିଥିଲା । ଅପରପକ୍ଷେ ନୀତି ବିଭ୍ରାଟ ଘଟଣାର ତଦନ୍ତ ହେବ । ୨୪ଘଣ୍ଟା ଭିତରେ ଅତିରିକ୍ତ ଜିଲ୍ଲାପାଳ(ଏଡିଏମ୍) ତଦନ୍ତ ରିପୋର୍ଟ ଦେବେ । ନୀତି ବିଭ୍ରାଟରେ ଯିଏ ଦାୟୀ ଥିବେ ତାଙ୍କ ବିରୋଧରେ ହେବ ଦୃଢ଼ କାର୍ଯ୍ୟାନୁଷ୍ଠାନ । ଆବଶ୍ୟକ ପଡ଼ିଲେ ସେବା ପାଇଁ ଭୋଗ କରୁଥିବା ଜମିକୁ ଉଚ୍ଛେଦ କରାଯିବ ବୋଲି ସୂଚନା ମିଳିଛି । ଲିଙ୍ଗରାଜ ମନ୍ଦିରର ସେବକମାନଙ୍କ ମଧ୍ୟରେ ଚାଲିଥିବା ବିବାଦର ଶେଷରେ ସମାଧାନ ହୋଇଛି ବୋଲି ମନ୍ଦିରର ଟ୍ରଷ୍ଟ ବୋର୍ଡର ଏକ ବୈଠକରେ ଯୋଗଦେବା ପରେ ଖୋର୍ଦ୍ଧା ଜିଲ୍ଲାପାଳ ଚଞ୍ଚଳ ରାଣା ସୂଚନା ଦେଇଛନ୍ତି । ଖୋର୍ଦ୍ଧା ଜିଲ୍ଲାପାଳ ଆଶ୍ୱାସନା ଦେଇ କହିଛନ୍ତି ଯେ, ଅଭିଯୁକ୍ତ ସେବାୟତମାନଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯିବ ଏବଂ ଟ୍ରଷ୍ଟ ବୋର୍ଡର ଧାରା ୩୨ ଅନୁଯାୟୀ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଏହା ବାଦ୍ ଦରକାର ପଡିଲେ ଧାରା ୬୮ ଅନୁସାରେ ଲିଙ୍ଗରାଜଙ୍କ ଯେଉଁ ଜମିକୁ ସେବାୟତ ଭୋଗ କରୁଛନ୍ତି ତାକୁ ମଧ୍ୟ ଫେରାଇ ନେବାକୁ ନିଷ୍ପତ୍ତି ନିଆଯାଇଛି । ତେବେ ଆଗକୁ ଏଭଳି ସମସ୍ୟା ଯେପରି ଆଉ ନ ସୃଷ୍ଟି ହୁଏ ସେଥିପାଇଁ ଲିଙ୍ଗରାଜଙ୍କ ନୀତିକାନ୍ତିକୁ ସଠିକ ଭାବେ ତର୍ଜମା କରିବା ପାଇଁ ମନ୍ଦିର ପ୍ରଶାସନକୁ ଦାୟିତ୍ୱ ଦିଆଯାଇଛି । ମନ୍ଦିରର ଯାହା ରେକର୍ଡ ଅଫ ରାଇଟସ ଅଛି ସେହି ଆଧାରରେ ସମସ୍ତ ନୀତିକାନ୍ତି କରାଯିବ ବୋଲି ଜିଲ୍ଲାପାଳ ଚଞ୍ଚଳ ରଣା କହିଛନ୍ତି । ସୂଚନାଯୋଗ୍ୟ ଯେ ସେବାୟତଙ୍କ ମଧ୍ୟରେ ହୋଇଥିବା ବିବାଦ ଯୋଗୁଁ ପ୍ରଭୁ ଲିଙ୍ଗରାଜଙ୍କ ନୀତି କିଛି ସେବାୟତ ବନ୍ଦ କରିଥିଲେ । ମକର ମଣ୍ଡପରେ ସୋମବାର ରାତିରୁ ପ୍ରଭୁ ଲିଙ୍ଗରାଜ ଉପାସ ରହିଥିଲେ । ଠାକୁରଙ୍କ ମଙ୍ଗଳ ଆଳତି, ଅବକାଶ ନୀତି, ଭୋଗ ସମର୍ପଣ ବନ୍ଦ ରହିଥିଲା । ବଡୁ ନିଯୋଗ ଓ ବ୍ରାହ୍ମଣ ନିଯୋଗ ମଧ୍ୟରେ ଘୃତ କମଳ ନୀତିରେ ହୋଇଥିବା ବିବାଦ ପାଇଁ ୩ ଦିନ ହେଲାଣି ସମସ୍ତ ନୀତି ବନ୍ଦ ରହିଥିଲା । କ୍ଷୀର ଆଉଟିବା ନୀତିକୁ ନେଇ ବିବାଦ ସୃଷ୍ଟି ହୋଇଥିଲା ।

# ସନାତନ ଧର୍ମରେ ସଂସ୍କାର





ସଂସ୍କାର ଏମିତି ଏକ ଦିବ୍ୟ ଶବ୍ଦ ଯାହା ଶ୍ରବଣ କରିବା ମାତ୍ରେ ମନରେ ଏକ ଆଧ୍ୟାତ୍ମିକତାର ଭିନ୍ନ ପ୍ରକାର ସମ୍ମାନ ଭାବ ହୃଦୟରୁ ନିର୍ଗତ ହୋଇଥାଏ । ସଂସ୍କାର ଆମର ଧାର୍ମିକ ଓ ସାମାଜିକ ଜୀବନର ପରିଚୟ । ମାନବ ସମାଜକୁ ପବିତ୍ରମୟ, ଶୁଦ୍ଧ ଏବଂ ମର୍ଯ୍ୟାଦାସମ୍ପନ୍ନ କରିବାରେ ସଂସ୍କାର ଅଗ୍ରଗଣ୍ୟ ଭୂମିକା ନିର୍ବାହ କରେ । ସନାତନ ଧର୍ମରେ ଜନ୍ମ ଠାରୁ ମୃତ୍ୟୁ ପର୍ଯ୍ୟନ୍ତ ସଂସ୍କାର ହିଁ ସମସ୍ତଙ୍କୁ ବାନ୍ଧି ରଖିଛି । ଯାହାକୁ ଷୋହଳ ସଂସ୍କାର ଭାବେ ବିଭକ୍ତ କରାଯାଇଛି ଏବଂ ବୈଜ୍ଞାନିକ ଦୃଷ୍ଟିକୋଣରୁ ମଧ୍ୟ ଗ୍ରହଣଯୋଗ୍ୟ । ମହର୍ଷି ବେଦବ୍ୟାସ ସ୍ମୃତିଶାସ୍ତ୍ରରେ ପ୍ରତ୍ୟେକ ମନୁଷ୍ୟକୁ ଏହି ପବିତ୍ର ଷୋହଳ ସଂସ୍କାର ଦେଇ ଜୀବନ ଅତିବାହିତ କରିବା ପାଇଁ ପରାମର୍ଶ ଦେଇଛନ୍ତି । ସୁସ୍ଥ ସଭ୍ୟ ସମାଜ ପାଇଁ ସଂସ୍କାର ଅତ୍ୟନ୍ତ ଆବଶ୍ୟକ । ସଂସ୍କାର ଏକ ସୁନ୍ଦର ସାମାଜିକ ଜୀବନଯାପନରେ ବ୍ୟକ୍ତିର ବ୍ୟକ୍ତିତ୍ୱକୁ ବିକଶିତ କରିଥାଏ । କୁଳଧର୍ମ, କୁଳାଚାର, କୁଳପରମ୍ପରାକୁ ଯୁଗ ଯୁଗ ଧରି ଜୀବିତ ରଖିବାରେ ସହାୟକ ହୋଇଥାଏ । ଗାଁ ସହର, ରାଜ୍ୟ, ଦେଶର ବିକାଶରେ ଶ୍ରେଷ୍ଠ ଦାୟିତ୍ୱ ଗ୍ରହଣ କରିଥାଏ । ଇତିହାସକୁ ଅବଲୋକନ କଲେ ଦେଖାଯାଏ ଯେ ଆମ ପୂର୍ବପୁରୁଷମାନେ ପ୍ରତ୍ୟେକ କାର୍ଯ୍ୟକୁ ସଂସ୍କାରମୟ କରିବାରେ ଅତ୍ୟନ୍ତ ଗୁରୁତ୍ୱ ଦେଇଥାଆନ୍ତି । ବର୍ତ୍ତମାନ ୨୧ତମ ଶତାବ୍ଦୀରେ ମଧ୍ୟ ସଂସ୍କାର କେତେକ କ୍ଷେତ୍ରରେ ବଞ୍ଚିରହିଛି । ଏକଥା ସତ୍ୟ ଯେ, ମନୁଷ୍ୟ ଚନ୍ଦ୍ର, ମଙ୍ଗଳ ଗ୍ରହରେ ନିଜର ଆଧିପତ୍ୟ ବିସ୍ତାର କରିଛି ; ତଥାପି ସଂସ୍କାର ପ୍ରାୟ ଆମ ସହିତ ଜଡ଼ିତ ହୋଇରହିଛି । ଗୌତମଙ୍କ ସ୍ମୃତିଶାସ୍ତ୍ରରେ ୪୦ ପ୍ରକାର ସଂସ୍କାର କଥା ଉଲ୍ଲିଖିତ ଥିବା ବେଳେ ସମୟାନୁକ୍ରମେ ଯୁଗର ଉପଯୋଗିତା ଅନୁଯାୟୀ ମହର୍ଷି ଅଙ୍ଗିରା ଏହାକୁ ହ୍ରାସ କରି ୨୫ ପ୍ରକାର କରିଥିଲେ । ପୁଣି ବ୍ୟାସଦେବ ନିଜ ସ୍ମୃତିଶାସ୍ତ୍ରରେ ୧୬ ପ୍ରକାର ସଂସ୍କାର କଥା ବର୍ଣ୍ଣନା କରି ସମସ୍ତଙ୍କ ସହଜରେ ଉପଯୋଗୀ ହୋଇପାରିବ ବୋଲି ଚିନ୍ତା କରିଥିଲେ । ଋଷି ବଶିଷ୍ଠ ଭଗବାନ ଶ୍ରୀରାମଙ୍କ ସଂସ୍କାରମୂଳକ କାର୍ଯ୍ୟ କରିଥିଲେ ଏବଂ ଶ୍ରୀକୃଷ୍ଣଙ୍କ ସଂସ୍କାର ସନ୍ଦିପନୀ କରିଥିଲେ । ଉତ୍ତମ ପରିବାର, ସଭ୍ୟ ସମାଜ ପାଇଁ ସଂସ୍କାର ଅତ୍ୟନ୍ତ ଆବଶ୍ୟକ । ସାଧୁ, ସନ୍ଥ, ମୁନି, ଋଷିମାନେ ମନୁଷ୍ୟ ଜୀବନକୁ ପବିତ୍ରମୟ ଏବଂ ମର୍ଯ୍ୟାଦାସମ୍ପନ୍ନ କରିବା ପାଇଁ ସଂସ୍କାର ପ୍ରଚଳନ କରିଥିଲେ ।

*ଶ୍ରୀ ଜଗଦାନନ୍ଦଜୀ*
*ମୋ-୯୪୩୭୨୩୬୫୭୫*

## ଦଶରଥଙ୍କ ନୀତିଶିକ୍ଷା

ରାଜା ଦଶରଥ ନିଜ ୪ ପୁତ୍ରଙ୍କୁ ବରବେଶରେ ସଜାଇ ବରଯାତ୍ରୀ ଦଳ ସହିତ ମିଥିଳାପୁରୀରେ ଥିବା ରାଜା ଜନକଙ୍କ ଦ୍ୱାରରେ ପହଞ୍ଚିଲେ । ରାଜା ଜନକ ସମ୍ମାନପୂର୍ବକ ବରଯାତ୍ରୀଙ୍କୁ ସ୍ୱାଗତ କଲେ । ଏହି ସମୟରେ ରାଜା ଦଶରଥ ଆଗକୁ ଆସି ରାଜର୍ଷି ଜନକଙ୍କ ପାଦ ଛୁଇଁ ପ୍ରଣାମ କଲେ । ଚକିତ ହୋଇ ଜନକ ରାଜା ଦଶରଥଙ୍କୁ ଧରିନେଲେ ଏବଂ କହିଲେ, ମହାରାଜ ଆପଣ ବରପକ୍ଷର ମୁଖ୍ୟ । ତେଣୁ ଆପଣ ମୋ ଠାରୁ ଜ୍ୟେଷ୍ଠ । ଏଭଳି ପରିସ୍ଥିତି ଆପଣ ମୋର ପାଦ ଛୁଇଁବା ଅନୁଚିତ। ଏହାଶୁଣି ରାଜା ଦଶରଥ କହିଲେ, ମହାରାଜ ! ଆପଣ ଦାତା । କନ୍ୟାଦାନ କରୁଛନ୍ତି । ମୁଁ ଯାଚକ, ଆପଣ ଦାନସ୍ୱରୂପ ଦେଉଥିବା କନ୍ୟାକୁ ନେବା ଲାଗି ଆସିଛି । ଏଥର ଆପଣ କୁହନ୍ତି, ଦାତା ଏବଂ ଯାଚକ ମଧ୍ୟରେ ବଡ଼ କିଏ ? ଏକଥା ଶୁଣି ରାଜା ଜନକଙ୍କ ଆଖିରୁ ଅଶ୍ରୁ ଝରିପଡ଼ିଲା । ସେ କହିଲେ ଦଶରଥଙ୍କ ଭଳି ପରିବାରରେ କନ୍ୟାଦାନ କରୁଥିବାରୁ ମୁଁ ଭାଗ୍ୟବାନ । ପ୍ରତ୍ୟେକ କନ୍ୟାର ଭାଗ୍ୟରେ ପିତା ଥାଆନ୍ତି, କିନ୍ତୁ ପ୍ରତ୍ୟେକ ପିତାଙ୍କ ଭାଗ୍ୟରେ କନ୍ୟା ନ ଥାନ୍ତି ।



## ପ୍ରକୃତ ସାଧକ



ଜଣେ ସନ୍ଥ ଏବଂ ଆଉ ଜଣେ ସାଧକ ଏକାଠି କୌଣସି ଏକ ସ୍ଥାନକୁ ଯାଉଥିଲେ। ରାସ୍ତାରେ ସେମାନେ ଜଣେ ବ୍ୟକ୍ତିଙ୍କୁ ଭେଟିଲେ, ସିଏ ସାଧକଙ୍କୁ ଜାଣିଥିଲେ। କିନ୍ତୁ ସେ ସାଧକଙ୍କୁ ଦେଖି ଗାଳି କରିବାକୁ ଲାଗିଲେ। ସନ୍ଥ ଏହା ଦେଖି ଆଶ୍ଚର୍ଯ୍ୟ ହେଲେ। ସେ ଉକ୍ତ ବ୍ୟକ୍ତିଙ୍କୁ କହିଲେ, ଭାଇ ଆପଣ କାହିଁକି ଏତେ ଖରାପ ଭାଷାରେ ଗାଳି ଦେଉଛନ୍ତି ଏପରି ଶବ୍ଦ ବ୍ୟବହାର କରିବା ଦ୍ୱାରା ଆପଣ ନିଜ ପାଟି ଖରାପ କରୁଛନ୍ତି। ସନ୍ଥଙ୍କ କଥା ଶୁଣି ସାଧକଙ୍କୁ ସାହସ ଜୁଟିଲା। ଏବେ ସେ ମଧ୍ୟ ଖରାପ ଭାଷାରେ ସେହି ବ୍ୟକ୍ତିକୁ ଗାଳି କରିବାକୁ ଲାଗିଲେ। ଦୁଇ ଜଣଙ୍କ ମଧ୍ୟରେ ଏପରି ଗାଳିଗୁଲଜ ଚାଲିଲା। ଏହା ଦେଖି ସନ୍ଥ ଦୁଃଖିତ ହେଲେ। ଅଜଣା ବ୍ୟକ୍ତିକୁ ସେ ତ' ବୁଝାଇପାରିଲେ, କିନ୍ତୁ ସାଧକଙ୍କୁ କ'ଣ କହିଥାନ୍ତେ ! ଶେଷରେ ସେ ଦୁହେଁ ଝଗଡ଼ା ଛାଡ଼ି ଏକୁଟିଆ କୁଟୀରକୁ ଫେରିଆସିଲେ ଏବଂ ଭଜନ ଗାଇବାକୁ ଲାଗିଲେ। କିଛି ସମୟ ପରେ ସାଧକ ତାଙ୍କୁ ଖୋଜି ଖୋଜି କୁଟୀରରେ ପହଞ୍ଚିଲେ। ସେଠାରେ ସନ୍ଥଙ୍କୁ ବସିଥିବା ଦେଖି କହିଲେ, ମହାରାଜ ! ଆପଣ କାହିଁକି ମୋତେ ସେହି ଦୁଷ୍ଟ ପାଖରେ ଛାଡ଼ି ଚାଲିଆସିଲେ ସନ୍ଥ କହିଲେ, ଯେପର୍ଯ୍ୟନ୍ତ ଆପଣ ଏକୁଟିଆ ଥିଲେ, ମୁଁ ଆପଣଙ୍କ ସହ ଥିଲି। ହେଲେ ଆପଣ ଗାଳିକୁ ଯେବେ ଗାଳିର ସାହାରା ନେଲେ ଓ ସେହି ବ୍ୟକ୍ତିଙ୍କୁ ମାରିବା ଲାଗି ଧମକ ଦେଲେ, ମୁଁ ଭାବିଲି ଯେ ଏବେ ତ' ହିଂସା ଆପଣଙ୍କ ସାଥୀରେ ଅଛି। ସେପରି ସ୍ଥିତିରେ ମୋର ଆବଶ୍ୟକତା କ'ଣ ସେଥିପାଇଁ ମୁଁ ଫେରିଆସିଲି। ସନ୍ଥଙ୍କ କଥା ଶୁଣି ସାଧକ ନିଜର ଭୁଲ ବୁଝିପାରିଲେ। ସେ ବୁଝିପାରିଲେ ଯେ ଗାଳିର ଜବାବ ଗାଳିରେ ଦେବା ପ୍ରକୃତ ସାଧକର ଧର୍ମ ନୁହେଁ।

## ଦୂରହେଲା ମୁଦ୍‌ଗଲ ବିଷାଦ

ମହର୍ଷି ମୁଦ୍‌ଗଲଙ୍କ କାନରେ 'ଭବତି ଭିକ୍ଷାଂ ଦେହି' ସ୍ୱର ପଡ଼ିଲା। ସେ ଆସନରୁ ଉଠିଆସିଲେ । ଦ୍ୱାରରେ ଦେଖିଲେ ମହର୍ଷି ଦୁର୍ବାସା ଛିଡ଼ା ହୋଇଛନ୍ତି । ମହର୍ଷି ତାଙ୍କୁ ସାଦରେ ନିଜ କୁଟୀରକୁ ନେଇ ଆସିଲେ ଏବଂ ତାଙ୍କର ଅତିଥି-ସତ୍କାର କଲେ । ଦୁର୍ବାସା ପ୍ରସନ୍ନ ହେଲେ। ସେତେବେଳେ ମହର୍ଷି ମୁଦ୍‌ଗଲ କଚ୍ଛ ତପସ୍ୟା କରୁଥିଲେ। ସେ ସପ୍ତାହକୁ କେବଳ ଗୋଟିଏ ଦିନ, ଗୋଟିଏ ବେଳା ଭୋଜନ କରୁଥିଲେ। ସେଦିନ ଅନ୍ନ ଗ୍ରହଣ କରିବାର ଦିନ ଥିଲା। ଭୋଜନ ପାଇଁ ବସିବାକୁ ଯାଉଥିବା ସମୟରେ ମହର୍ଷି ଦୁର୍ବାସା ସେଠାକୁ ଆସିଥିଲେ। ସେ ମହର୍ଷି ମୁଦ୍‌ଗଲଙ୍କ ପରୀକ୍ଷା ନେବାକୁ ଚାହୁଁଥିଲେ । ମହର୍ଷି ମୁଦଗଲ୍ ନିଜ ପାଇଁ ପ୍ରସ୍ତୁତ କରିଥିବା ଭୋଜନ ଦୁର୍ବାସାଙ୍କୁ ଦେଇଦେଲେ। ଅନେକ ଦିନ ଏବଂ ଅନେକ ସପ୍ତାହ ପର୍ଯ୍ୟନ୍ତ ଉପବାସ ରହିଥିବା କାରଣରୁ ସେ ଅସୁସ୍ଥ ହୋଇପଡ଼ିଥିଲେ । ସେଦିନ ସେମିତି ରାତି ପାହି ସକାଳ ହେଲା। ଭୋକରେ ଆଉଟୁପାଉଟୁ ଋଷି ମୁଦଗଲ୍ ବାହାରକୁ ଯିବାକୁ ଚାହିଁଲେ । କିଛି ନମିଳିଲେ ଦୁବଘାସ ଚୋବାଇ ଦେଇ ସାମାନ୍ୟ ବଳ ପାଇବେ ବୋଲି ଇଚ୍ଛା କରି ସେ ବାହାରିଲେ। ହେଲେ ଘର ଦ୍ୱାର ପାଖକୁ ମଧ୍ୟ ଆସିପାରିଲେ ନାହିଁ । ଏପରି ସ୍ଥିତିରେ ସେ ଥିବା ସମୟରେ ପୁଣି ଥରେ 'ଭବତି ଭିକ୍ଷାଂ ଦେହୀ' ସ୍ୱର ଶୁଣାଗଲା। ଋଷି ମୁଦ୍‌ଗଲ ଦେଖିଲେ ଘର ଦୁଆରେ ମହର୍ଷି ଦୁର୍ବାସା ଛିଡ଼ା ହୋଇଛନ୍ତି । ଆଜି ଅତିଥି ଉପବାସରେ ଯିବେ। କାରଣ ତାଙ୍କ ପାଖରେ ଖାଇବାକୁ ଦେବା ଲାଗି କିଛି ନାହିଁ । ତାଙ୍କ ଆଖିରୁ ଲୁହ ଝରିଆସିଲା। ସେ ମହର୍ଷି ଦୁର୍ବାସାଙ୍କ ପାଦ ତଳେ ପଡ଼ିଗଲେ। ନିରାଶାଭରା କଣ୍ଠରେ ନିଜର ଦୟନୀୟ ସ୍ଥିତି ସମ୍ପର୍କରେ ଅବଗତ କରାଇଲେ। ଦୁର୍ବାସା ମୁନି ଖୁସି ହୋଇ ତାଙ୍କୁ ଉଠାଇ ନେଲେ । କହିଲେ- ଋଷିବର ! ଆପଣ ସାଧାରଣ ମନୁଷ୍ୟ ନୁହନ୍ତି । ଆପଣଙ୍କ ଭିତରେ ଥିବା ଋଷି ଜାଗ୍ରତ ହୋଇସାରିଛି । ଦୁର୍ବାସା ମହର୍ଷି ମୁଦ୍‌ଗଲଙ୍କୁ ଆଲିଙ୍ଗନ କଲେ। ଏହା ତାଙ୍କ ପାଇଁ ମାନ୍ୟତା ଥିଲା। ଏଥର ମୁଦ୍‌ଗଲଙ୍କ ମନରେ ରହିଥିବା ବିଷାଦ ଦୂର ହେଲା।



# କରୁଣାମୟୀ ଦେବୀ ସିଦ୍ଧ ବାସେଲୀ



ପୁରୁଷୋତ୍ତମ ଦେବଙ୍କ ଦୁଃଖ ସହିତ ଶ୍ରୀଜଗନ୍ନାଥଙ୍କର କାର୍ଯ୍ୟହୀନ କହି ସ୍ୱୟଂ ଜଗନ୍ନାଥଙ୍କର ଅବମାନନା କରିଥିବାରୁ ତାହାର ପ୍ରତିକାର ବିଧାନ ନିମନ୍ତେ ଯୁଦ୍ଧକୁ ଯିବା ପାଇଁ ଶ୍ରୀଜଗନ୍ନାଥ ମହାପ୍ରଭୁ ସିଦ୍ଧ ବାସେଲୀଙ୍କୁ ସ୍ମରଣ କଲେ । ମା' କରୁଣାମୟୀ ସିଦ୍ଧବାସେଲୀ କଳା ଓ ଧଳା ଘୋଡ଼ା ରୂପେ ଆସି ତାଙ୍କ ସମ୍ମୁଖରେ ଉପସ୍ଥିତ ହେଲେ। ଶ୍ରୀଜଗନ୍ନାଥ ଓ ବଳଭଦ୍ର ଦୁଇଭାଇ ସୈନିକ ରୂପରେ ଦୁଇ ଘୋଡ଼ାରେ ବସି ଆଗରେ କାଞ୍ଚି ଯୁଦ୍ଧକ୍ଷେତ୍ର ଆଡ଼କୁ ଅଗ୍ରସର ହେଲେ। ଶେଷରେ ରାଜା ପୁରୁଷୋତ୍ତମ କାଞ୍ଚି ଯୁଦ୍ଧରେ କାଞ୍ଚିରାଜାଙ୍କୁ ପରାସ୍ତ କରି ତାଙ୍କର ସୁନ୍ଦରୀ କନ୍ୟା ପଦ୍ମାବତୀଙ୍କ ସହ ନିଜ ଦେଶକୁ ପ୍ରତ୍ୟାବର୍ତ୍ତନ କଲେ। ମହାପ୍ରଭୁ ଶ୍ରୀଜଗନ୍ନାଥ ସିଦ୍ଧ ବାସେଲୀଙ୍କୁ ବର ଦେଲେ ତୁମେ ଦୁହେଁ କୈବର୍ତ୍ତଙ୍କର ଇଷ୍ଟଦେବୀ ରୂପେ ପୂଜା ପାଇ ଖ୍ୟାତ ହେବ । ପୁରୀସହରରେ ବାସେଲୀ ସାହି ବା ଘୋଡ଼ାବାସେଲୀ ସାହି ନାମରେ ଏକ ସାହି ରହିଛି । ଏଠାରେ କୈବର୍ତ୍ତଙ୍କର ଇଷ୍ଟଦେବୀ ରୂପେ ଘୋଡ଼ା ବାସେଲୀ ଅଦ୍ୟାବଧି ପୂଜିତ ହେଉଛନ୍ତି । ପୁରୀ ସହରରେ ପ୍ରାୟ ୩୨ ଘୋଡ଼ା ପ୍ରତିମା ବିଭିନ୍ନ ସାହିରେ କୈବର୍ତ୍ତଙ୍କର ଗୃହରେ ପୂଜା ପାଉଅଛନ୍ତି । ଚୈତ୍ର ପୂର୍ଣ୍ଣିମା ଦିନ ପୂଜା ପାଇଁ ତାର ପରଦିନ ପରିଚ୍ଛାଙ୍କ ଗୃହକୁ ଯାଇ ସେଠାରୁ ପଣା ଭୋଗ ଖାଇ ରାଜାଙ୍କ ସିଂହଦ୍ୱାରଠାରେ ଆସି ସମସ୍ତ ବାସେଲୀ ଠାକୁରାଣୀ ମିଳିତ ହୋଇଥାନ୍ତି । ଯୋଡ଼ି ମହୁରୀ ଓ ଢୋଲବାଦ୍ୟର ତାଳେ ତାଳେ ଘୋଡ଼ା। ବାସେଲୀଙ୍କ ନାଚରେ କୈବର୍ତ୍ତଗଣ ମଜି ଯାଇଛନ୍ତି । ବଡ଼ଦାଣ୍ଡ ହରିବୋଲ ହୁଳହୁଳି ଓ କରତାଳିରେ ପ୍ରକମ୍ପିତ ହୋଇ ଉଠୁଛି ପଡୁଛି। ଏହି ସମୟରେ ପୁରୀ ରାଜା ଗଜପତି କୈବର୍ତ୍ତମାନଙ୍କୁ ପ୍ରଶ୍ନ ପଚାରିଛନ୍ତି, ମା'ବାସେଲୀଙ୍କର ଅପାର ମହିମା, ମା'ବାସେଲୀଙ୍କର ଅପାର ଶକ୍ତି ବିଷୟରେ । ଜଣେ କୈବର୍ତ୍ତ ଉତ୍ତର ଦେଲେ ଆପଣ ସମ୍ମୁଖରେ ରହି ମା'ସିଦ୍ଧ ବାସେଲୀଙ୍କର ପରୀକ୍ଷା ନିଅନ୍ତୁ । ରାଜା କହିଲେ ଯଦି ବାସେଲୀ ମା' ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବେ, ତେବେ ଆମ୍ଭେ ବିଶ୍ୱାସ କରିବୁ । ପୁନର୍ବାର ରାଜା କହିଲେ ମୁଁ କିଛି ମହାପ୍ରସାଦ କୋଠା ଉପରେ ରଖିଆସିଛି । ଯଦି ତୁମଠାକୁର ମହାପ୍ରସାଦ ଖାଇ ଫେରିଆସି ତାଙ୍କ ସ୍ୱସ୍ଥାନରେ ବିରାଜମାନ କରିବେ, ତାହାହେଲେ ବିଶ୍ୱାସ କରିବୁ । କୈବର୍ତ୍ତମାନେ ଘୋଡ଼ାନାଚ ଗୀତ ବୋଲିଲେ । ସଙ୍ଗେ ସଙ୍ଗେ ବତାର ପଞ୍ଜରା କାଠ ଘୋଡ଼ା ମୁଣ୍ଡ ସହିତ ଛାତ ଉପରକୁ ଉଡ଼ିଗଲେ, ଛାତ ଉପରୁ ମହାପ୍ରସାଦ ଖାଇ ପୁଣି ନିଜ ସ୍ଥାନରେ ଆସି ବିରାଜମାନ ହେଲେ । ସେହି ଦିନଠାରୁ ବାସେଲୀଙ୍କ ଉପରେ ସମସ୍ତ ପୁରବାସୀ ବିଶ୍ୱାସ କଲେ । ରାଜା ମଧ୍ୟ ତାଙ୍କର ବିଶ୍ୱାସ ହେବା ଯୋଗୁଁ ମା'ସିଦ୍ଧବାସେଲୀଙ୍କୁ ରୁପାର ହାର ଓ ରୂପାର କିରୀଟ ପ୍ରଦାନ କଲେ, ଯାହା ଅଦ୍ୟାବଧି ମା'ସିଦ୍ଧବାସେଲୀଙ୍କ ଦେହରେ ଶୋଭା ପାଉଅଛି ।

> ଯଦି ତୁମଠାକୁର ମହାପ୍ରସାଦ ଖାଇ ଫେରିଆସି ତାଙ୍କ ସ୍ୱସ୍ଥାନରେ ବିରାଜମାନ କରିବେ, ତାହାହେଲେ ବିଶ୍ୱାସ କରିବୁ । କୈବର୍ତ୍ତମାନେ ଘୋଡ଼ାନାଚ ଗୀତ ବୋଲିଲେ ।

# ରାକ୍ଷସୀର ମଣିଷ ବର

> ଭୀମସେନଙ୍କ ବଳିଷ୍ଠ ଚେହେରା ଓ ସୁନ୍ଦର ରୂପକାନ୍ତି ଦେଖି ହିଡିମ୍ବୀ ମନରେ କାମନା ଜାଗ୍ରତ ହେଲା । ତାକୁ ଲାଗିଲା ଏହି ଯୁବକ ହିଁ ତା'ର ବର ହେବାକୁ ଉପଯୁକ୍ତ ମଣିଷ ।







ସେଇ ଜଙ୍ଗଲରେ ହିଡିମ୍ବା ନାମରେ ଗୋଟେ ଭୟଙ୍କର ରାକ୍ଷସ ତା' ଭଉଣୀ ହିଡିମ୍ବୀ ସହ ଗୋଟେ ଡେଙ୍ଗା ଶାଳ ଗଛରେ ରହୁଥାଏ । ପାଣ୍ଡବମାନେ ସେ ଜଙ୍ଗଲରେ ପଶିବା ବେଳରୁ ରାକ୍ଷସ ହିଡିମ୍ବା ନାକରେ ମଣିଷ ବାସ୍ନା ବାଜିଲାଣି । ନୂଆ ମଣିଷଙ୍କ ଉଷୁମ ରକ୍ତ ଓ କଅଁଳିଆ ମାଂସ ଖାଇବାକୁ ତା'ର ବଡ ଲୋଭ । ସେଉଠୁ ହିଡିମ୍ବା ରାକ୍ଷସ ତା' ଭଉଣୀକୁ ପଠେଇ କହିଲା, ଯା ଦେଖ କିଏ ସବୁ ଆସିଛନ୍ତି । କେତେଜଣ ଆସିଛନ୍ତି । ସେ ମଣିଷମାନଙ୍କୁ ମାରି ମୋ ପାଖକୁ ଆଣ । କାହିଁରେ କେତେ ଦିନ ହେଲାଣି ପାଟିରେ ମଣିଷ ମାଉଁସ ବାଜିନି । ହିଡିମ୍ବା ରାକ୍ଷାସୁଣୀ ଗଛରୁ ଓହ୍ଲାଇ ପାଣ୍ଡବମାନଙ୍କ ପାଖକୁ ବାହାରିଲା । ଅଳ୍ପ ଦୂରରୁ ଦେଖିଲା ଜଣେ ସ୍ତ୍ରୀ ଲୋକ ଓ ତା' ପାଖରେ ଚାରିଜଣ ଲୋକ ଶୋଇଛନ୍ତି ଓ ଆଉ ଜଣେ ସୁନ୍ଦର ବଳୁଆ ଯୁବକ ସେଇଠି ସେମାନଙ୍କୁ ଜଗି ବସିଛି । ଭୀମସେନଙ୍କ ବଳିଷ୍ଠ ଚେହେରା ଓ ସୁନ୍ଦର ରୂପକାନ୍ତି ଦେଖି ହିଡିମ୍ବୀ ମନରେ କାମନା ଜାଗ୍ରତ ହେଲା । ତାକୁ ଲାଗିଲା ଏହି ଯୁବକ ହିଁ ତା'ର ବର ହେବାକୁ ଉପଯୁକ୍ତ ମଣିଷ । ସେଉଠୁ ହିଡିମ୍ବୀ ତତ୍‌କ୍ଷଣାତ୍ ତା'ର କଦାକାର ଅସୁନ୍ଦର ରାକ୍ଷସୀ ରୂପ ବଦଳାଇ, ଜଣେ ରୂପସୀ ଯୁବତୀ ପାଲଟି ଗଲା ଓ ଅଳସ ଚାଲିରେ ଭୀମଙ୍କ ପାଖରେ ଆସି ପହଞ୍ଚିଲା । ଅଗନାଅଗନି ବନସ୍ତ ଭିତରେ ଅପରୂପା ଯୁବତୀକୁ ଦେଖି ଭୀମ ଆଶ୍ଚର୍ଯ୍ୟ ହେଲେ ଓ ସନ୍ଦେହ ବି କଲେ । ତାଙ୍କ ସନ୍ଦେହକୁ ସତ କରି ଯୁବତୀ ଜଣକ କହିଲା, ପ୍ରକୃତରେ ସେ ଜଣେ ରାକ୍ଷସୀ ଓ ତା' ନାମ ହିଡିମ୍ବୀ । ତା' ଭାଇର ନାମ ହିଡିମ୍ବା । ସେଇ ଭାଇ ହିଁ ତାକୁ ପଠେଇଛି ତୁମମାନଙ୍କୁ ମାରି ତା' ପାଖକୁ ନେବା ପାଇଁ । ହେଲେ ତୁମକୁ ଦେଖି ମୋ ଭିତରେ ପ୍ରେମ ଭାବ ଉଦ୍ରେକ ହେଉଛି। ତୁମକୁ ମୁଁ ମୋର ସ୍ୱାମୀ ଭାବରେ ବରଣ କରିବାକୁ ଚାହେଁ । ଚାଲ ଆମେ ବିବାହ କରିବା ଓ ଅନ୍ୟ କେଉଁଆଡେ ଗୋଟେ ପଳେଇ ଘର ସଂସାର କରି ରହିବା । ତୁମେ ଜାଣିନ ମୁଁ ଆକାଶରେ ଉଡିପାରେ । ତୁମକୁ ଧରି ମୋ ଭାଇ ଆସିବା ଆଗରୁ ଏ ଜାଗା ଛାଡି ପଳେଇବି । ରାକ୍ଷସୀର କଥାରେ ଭୀମସେନ ବିରକ୍ତି ପ୍ରକାଶ କଲେ । କହିଲେ ମୁଁ କେବଳ ତୋ ଭାଇ ନୁହେଁ କୋଉ ରାକ୍ଷସ କି ରାକ୍ଷସୀକୁ ଭୟ କରେନି । ଡାକ ତୋ ଭାଇକୁ ସେ ମୋତେ ଆଜି ଚିହ୍ନିବ ମୁଁ କିଏ । ଦେଖ, ମୋ ମା ଆଉ ମୋ ଭାଇମାନେ କ୍ଲାନ୍ତ ହୋଇ ଶାନ୍ତିରେ ଶୋଇଛନ୍ତି । ବେଶି ଗୁରାଳି ନକରି ଏଉଠୁ ପଳା। ଭଲରେ କହୁଛି, ମୋତେ ବିରକ୍ତ କରେନି କି ରଗାନି । ଭୀମଙ୍କର ବିରକ୍ତି ଓ କଟୁ କଥା ପରେ ବି ହିଡିମ୍ବୀ ରାକ୍ଷସୀ ସେ ସ୍ଥାନ ଛାଡି ଗଲାନି । ଓଲଟି କହିଲା, ଦେଖ ଏବେ ମୋ ଭାଇ ଆସିଲେ ସତରେ କାହାକୁ ବି ଛାଡିବନି । ଚାଲ ତୁମେ ମାଆ ଓ ଭାଇଙ୍କୁ ବି ସାଙ୍ଗରେ ଧରି ଏ ଜଙ୍ଗଲ ଛାଡି ପଳେଇବା । ତୁମେ ଜାଣିନ ମୋ ଭାଇ କେତେ ବଳୁଆ ଆଉ ଭୟଙ୍କର । ହିଡିମ୍ବୀର କଥାରେ ଭୀମ କିଛି ନ କହି ଚରମ ବିରକ୍ତିରେ ମୁହଁ ବୁଲେଇ ଅନ୍ୟ ଦିଗକୁ ଅନେଇଲେ । **କ୍ରମଶଃ...**

# ଚାକିରି ନାଁରେ ୧୧ ଜଣଙ୍କୁ ଚୂନ ଲଗାଇଲେ
## ଠକି ନେଲେ ୧୮.୭୦ ଲକ୍ଷ ଟଙ୍କା, ୪ଗିରଫ

ହିଞ୍ଜିଳିକାଟୁ,(ନି.ପ୍ର): ଭୁବନେଶ୍ୱରରୁ ଆସି ହିଞ୍ଜିଳି ଥାନା କାଞ୍ଜିଆମା ଗ୍ରାମରେ ଘରଭଡ଼ା ନେଇ ଚାକିରି କରାଇଦେବା ନାଁରେ ୧୧ ଜଣଙ୍କ ଠାରୁ ପ୍ରାୟ ୧୮.୭୦ ଲକ୍ଷ ଟଙ୍କା ଲୁଟି ନେଇଥିଲେ ଦୁଇ ଦମ୍ପତି । ଚାକିରି ଦେଇନପାରି ଫେରାର ହେବାକୁ ଉଦ୍ୟମ କରୁଥିବା ବେଳେ ଠକାମିର ଶିକାର ହୋଇଥିବା ଲୋକଙ୍କ ହାବୁଡରେ ପଡିଥିଲେ । ପରେ ଉଭୟଙ୍କୁ ହିଞ୍ଜିଳି ଥାନାରେ ଜିମା ଦେଇଥିଲେ। ଏଭଳି ଏକ ଘଟଣା ହିଞ୍ଜିଳିକାଟୁ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି ।

ପୁଲିସ ସୂଚନା ପ୍ରକାରେ, ହିଞ୍ଜିଳି ଥାନା କାଞ୍ଜିଆମା ଗ୍ରାମର ବୁଲୁ ଜେନା ଭୁବନେଶ୍ୱର ସାଲିଆ ସାହିରେ ଏକ ତେଜରାତି ଦୋକାନ କରିଥିଲେ । ସେହି ସମୟରେ ଭୁବନେଶ୍ୱର ସହିଦନଗର ଥାନା ପଥରବନ୍ଧ ଅଞ୍ଚଳର ବିପିନି ପାତ୍ରଙ୍କ ସହ ବୁଲୁର ବନ୍ଧୁତା ସ୍ଥାପନ ହୋଇଥିଲା । କିଛି ଦିନ ପରେ ବୁଲୁଙ୍କ ତେଜରାତି ଦୋକାନରୁ ବିଭିନ୍ନ ସମୟରେ ପ୍ରାୟ ୨ଲକ୍ଷ ଟଙ୍କାର ସଉଦା କିଣିଥିଲେ । ବୁଲୁ ବକେୟା ଟଙ୍କା ମାଗିବାରୁ ବିପିନି ଓ ତାଙ୍କର ଜଣେ ସହଯୋଗୀ ବାଲେଶ୍ୱର ଜିଲ୍ଲା ନୀଳଗିରି ଅଞ୍ଚଳ ଗଣେଶ ନାୟକଙ୍କ ଗଞ୍ଜାମ ଜିଲ୍ଲା ବ୍ରହ୍ମପୁର ଅଞ୍ଚଳରେ ଏକ ଘରବାରି ଜମି ରହିଥିବା କହି ବକେୟା ଟଙ୍କା ଦେବାକୁ ପ୍ରତିଶ୍ରୁତି ଦେଇଥିଲେ । ପରେ ଗଣେଶ, ବିପିନି ଓ ଉଭୟଙ୍କ ସ୍ତ୍ରୀ ମିଶି ଭୁବନେଶ୍ୱରରୁ ଆସି ହିଞ୍ଜିଳି ଥାନା କାଞ୍ଜିଆମା ଗ୍ରାମରେ ଭଡା ସୂତ୍ରରେ ଏକ ଘରେ ରହିଥିଲେ । କୌଶଳକ୍ରମେ ଉଭୟ ଦମ୍ପତି ଚାକିରି କରାଇ ଦେବା ନା'ରେ ୧୧ ଜଣଙ୍କ ଠାରୁ ପ୍ରାୟ ୧୮.୭୦ଲକ୍ଷ ଟଙ୍କା ଠକି ନେଇଥିଲେ । ଦୀର୍ଘ ଦିନ ପରେ ଲୋକେ ଉଭୟ ଦମ୍ପତିଙ୍କୁ ଟଙ୍କାର ଫେରସ୍ତ କରିବାକୁ କହିଥିଲେ। ଅଳ୍ପ କିଛିଦିନ ମଧ୍ୟରେ ସେମାନଙ୍କୁ ଚାକିରି ପାଇଁ ନିଯୁକ୍ତି ପତ୍ର ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଆଶାୟୀମାନେ ଠକାମୀର ଶିକାର ହୋଇଥିବା ଜାଣି ହିଞ୍ଜିଳି ଥାନାରେ ରବିବାର ଅଭିଯୋଗ କରିଛନ୍ତି । ଅଭିଯୋଗ ଭିତ୍ତିରେ ହିଞ୍ଜିଳି ଥାନାରେ କେସ ନଂ-୩୫/୨୫ରେ ଏକ ମାମଲା ରୁଜୁ କରି ୨ ଦମ୍ପତିଙ୍କୁ ପୁଲିସ ଗିରଫ କରିଛି । ଗିରଫ ମାନେ ହେଲେ ବାଲେଶ୍ୱର ଜିଲ୍ଲା ନୀଳଗିରି ଅଞ୍ଚଳର ଗଣେଶ ନାୟକ, ତାଙ୍କରି ସ୍ତ୍ରୀ ତପସ୍ୱିନି ସିଂ, ଭୁବନେଶ୍ୱର ଶହୀଦନଗର ଥାନା ପଥରବନ୍ଧ ଗ୍ରାମର ବିପିନି ପାତ୍ର ଓ ତାଙ୍କ ସ୍ତ୍ରୀ ବିଜୁଳି ପାତ୍ର । ଗିରଫ ଉଭୟ ଦମ୍ପତିଙ୍କୁ କୋର୍ଟ ଚାଲାଣ କରାଯାଇଥିବା ତଦନ୍ତକାରୀ ଅଧିକାରୀ ତଥା ଥାନା ଏସ.ଆଇ. ସିଦ୍ଧାର୍ଥ ଶଙ୍କର ଜେନାଙ୍କ ସୂତ୍ରରୁ ପ୍ରକାଶ । ଗିରଫ ଗଣେଶ ନାୟକଙ୍କ ନାମରେ ଭୁବନେଶ୍ୱର ସମେତ ବିଭିନ୍ନ ଥାନାରେ ଅପରାଧିକ ମାମଲା ରହିଛି । ଅନ୍ୟ କେଉଁ କେଉଁ ସ୍ଥାନରେ ସଂପୃକ୍ତ ଦମ୍ପତି ଠକେଇ କରିଥିବା ନେଇ ପୁଲିସ ସନ୍ଦେହ କରି ଘଟଣାର ତଦନ୍ତ କରୁଥିବା ଥାନା ଭାରପ୍ରାପ୍ତ ଅଧିକାରୀ ଶ୍ରୀନିବାସ ସେଠିଙ୍କ ସୂତ୍ରରୁ ପ୍ରକାଶ ।

## ୪ ପ୍ରାଥମିକ ସେବା ସମବାୟ ସମିତି ଗୃହ ନିର୍ମାଣ ପାଇଁ ଅର୍ଥ ମଞ୍ଜୁର

ନିମାପଡ଼ା,(ନି.ପ୍ର.): ଚାଷୀମାନଙ୍କ ସ୍ୱାର୍ଥରକ୍ଷା ନିମନ୍ତେ କାର୍ଯ୍ୟରତ ପ୍ରାଥମିକ ସେବା ସମବାୟ ସମିତି ନିଜସ୍ୱ କାର୍ଯ୍ୟାଳୟ ନିର୍ମାଣ ନିମନ୍ତେ ରାଜ୍ୟ ସମବାୟ ବିଭାଗ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଛି । ନିମାପଡ଼ା ବ୍ଲକ୍ ଅନ୍ତର୍ଗତ ଅଂସାଲୋ, ବରିମୁଣ୍ଡ, ଶ୍ରୀନୃଂସିହ ଏବଂ ଉଚ୍ଛୁପୁର ସମିତି ନିଜସ୍ୱ ଗୃହ ନିର୍ମାଣ ପାଇଁ ୩୦ ଲକ୍ଷ ଟଙ୍କା ଅନୁଦାନ ରାଶି ମଞ୍ଜୁର ହୋଇଥିବା ବେଳେ ପଂଚାୟତ ସମିତିକୁ ନିର୍ମାଣ କାର୍ଯ୍ୟ ଦିଆଯାଇଥିବା ବ୍ଲକ୍ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡ଼ିଛି । ପ୍ରତି ସମିତି କାର୍ଯ୍ୟାଳୟ ନିର୍ମାଣ ପାଇଁ ପ୍ରଥମ ପର୍ଯ୍ୟାୟରେ ୧୮ ଲକ୍ଷ ୬୭ ହଜାର ଟଙ୍କା ମଞ୍ଜୁର ହୋଇଥିବା ବିଭାଗୀୟ ସୂତ୍ରରୁ ପ୍ରକାଶ । ଅଂସାଲୋ ସମିତିର ନିଜସ୍ୱ ଗୃହ ଭାଙ୍ଗି ଯାଇଥିବାରୁ ତାହା ଏବେ ନିମାପଡ଼ା ଆର୍.ଏ.ସି. କାର୍ଯ୍ୟାଳୟ ପରିସରରେ ଚାଲୁଥିବା ଦେଖିବାକୁ ମିଳିଛି । ଗତ ୨୫ ବର୍ଷ ହେଲା ସମିତି ଘର ନ ଥିବାରୁ ଚାଷୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇ ଆସୁଥିଲେ । ୧୯୪୨ ମସିହାରୁ ଗଠିତ ଅଂସାଲୋ ସମିତି ବିଗତ ଦିନରେ ବିଭିନ୍ନ କାର୍ଯ୍ୟକୁ ନେଇ ପ୍ରଥମ ସ୍ଥାନ ଅଧିକାର କରି ଆସୁଥିଲା । ଏହି ସମିତି ଅଧୀନରେ ୩ଶହରୁ ଉର୍ଦ୍ଧ୍ୱ ଚାଷୀ ଚଳିତ ବର୍ଷ ଧାନ ମଣ୍ଡିରେ ଦେବା ପାଇଁ ପଞ୍ଜୀକରଣ କରିଥିବା ବେଳେ ତୁରନ୍ତ ନିର୍ମାଣ କାର୍ଯ୍ୟାରମ୍ଭ ପାଇଁ ବିଡ଼ିଓ ନିକଟରେ ଦାବି କରିଛନ୍ତି । ଅଂଚଳର ଅଗ୍ରଣୀ ଚାଷୀ ଗୋପବନ୍ଧୁ ଲେଙ୍କା, ରଂଜିତ ସାହୁ, ସୁଧୀର ସାହୁ, ବିଜୟ ସାହୁ ପ୍ରମୁଖ ଉପ-ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି ।

---

## ମକର ମହୋତ୍ସବରେ ଶୋଭାଯାତ୍ରା

କୁଚିଣ୍ଡା,(ନିପ୍ର): ସମ୍ବଲପୁର ଜିଲ୍ଲାର ବାମରା ଠାରେ ୧୧୦ ତମ ମକର ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି । ପଶ୍ଚିମ ଓଡ଼ିଶାର ଏହା ଏକ ପ୍ରସିଦ୍ଧ ମେଳା ହୋଇଥିବାରୁ ହରିହରଙ୍କ ଏହି ଅପୂର୍ବ ମିଳନ ଦେଖିବାକୁ ସମ୍ବଲପୁର, ଝାରସୁଗୁଡା ଓ ସୁନ୍ଦରଗଡ ଜିଲ୍ଲାରୁ ବହୁସଂଖ୍ୟକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା । ଓଡ଼ିଶା ସରକାରଙ୍କ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳବିଭାଗ ମନ୍ତ୍ରୀ ରବିନାରାୟଣ ନାଏକ ମୁଖ୍ୟ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ୧୧୦ ତମ ବାମରା ମକର ମହୋତ୍ସବକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ଏହି ଅବସରରେ ମନ୍ତ୍ରୀ ନାଏକ ହରିହର ମିଳନ ନିମନ୍ତେ ଏକ ମଣ୍ଡପ ନିର୍ମାଣ ପାଇଁ ୫୦ ଲକ୍ଷ ଟଙ୍କା ଓ କଲ୍ୟାଣ ମଣ୍ଡପ ପାଇଁ ୯୦ ଲକ୍ଷ ଟଙ୍କାର ଅନୁଦାନ ଘୋଷଣା କରିଥିଲେ । କେଛୁପାଣି ସ୍ଥିତ ଧବଳେଶ୍ୱର ମନ୍ଦିରରୁ ବାବା ଧବଳେଶ୍ୱର ମହାଦେବ ରଥାରୂଢ଼ ହୋଇ ହଜାର ହଜାର ଶ୍ରଦ୍ଧାଳୁଙ୍କ ଗହଣରେ ୯ କି.ମି ଏକ ଶୋଭାଯାତ୍ରା ମାଧ୍ୟମରେ ବାମରା ମକର ମେଲଣ ପଡିଆରେ ପହଞ୍ଚିଥିଲେ । ଅନ୍ୟପକ୍ଷରେ ବାମରା ଶ୍ରୀଜଗନ୍ନାଥ ମନ୍ଦିରରୁ ପ୍ରଭୁ ମଦନ ମୋହନ ରଥାରୂଢ଼ ହୋଇ ନଗର ପରିକ୍ରମା କରି ମକର ମେଲଣ ପଡିଆରେ ପହଞ୍ଚି ଥିଲେ । ଯଥାରୀତି ଅନୁଯାୟୀ ହରି ଓ ହର ମହାପ୍ରଭୁ ମକର ବସିଥିଲେ । ଏହି ଅଲୌକିକ ଓ ଦିବ୍ୟ ଦୃଶ୍ୟକୁ ଦେଖିବା ପାଇଁ ବହୁସଂଖ୍ୟକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା ।

## ଶ୍ରୀ ବଳଦେବଜୀଉ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକୋତ୍ସବ

ବୁଗୁଡା (ନିପ୍ର) : ସ୍ଥାନୀୟ ଶ୍ରୀ ବଳଦେବଜୀଉ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୨୫ତମ ବାର୍ଷିକୋତ୍ସବ ସ୍ୱପରିସରରେ ଅନୁଷ୍ଠିତ ହୋଇଯାଇଛି । ଅଧ୍ୟକ୍ଷ ମନୋଜ କୁମାର ସ୍ୱାଇଁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉକ୍ତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ମତ୍ସ୍ୟ ଓ ପଶୁସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ୍, ମୁଖ୍ୟବକ୍ତା ଭାବେ ପ୍ରାକ୍ତନ ବିଧାୟକ ସିମାଞ୍ଚଳ ବେହେରା, ସମ୍ମାନିତ ଅତିଥି ଭାବେ କେ.ନୀଳମାଧବ ଆଚାରୀ, ବ୍ଲକ୍ ଉପାଧ୍ୟକ୍ଷ ମାନସ ରଞ୍ଜନ ପ୍ରଧାନ, ଅଧିବକ୍ତା ହର ପ୍ରସାଦ ଦାଶ , ପ୍ରାକ୍ତନ ଅଧ୍ୟାପକ ରାମଚନ୍ଦ୍ର ବିଷୋୟୀ ପ୍ରମୁଖ ଯୋଗ ଦେଇ ଛାତ୍ରୀଙ୍କୁ ମାର୍ଗ ଦର୍ଶନ କରିଥିଲେ । ଏ ଅବସରରେ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ ଏବଂ ଡଃ. ବ୍ରଜକିଶୋର ପାଢୀ ଓ ସତ୍ୟ ନାରାୟଣ ଦାଶଙ୍କୁ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । ଏଥି ସହ ଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଉକ୍ତ ଉତ୍ସବର ପ୍ରାରମ୍ଭରେ ଅଧ୍ୟାପକ ବିଭୂତି ଭୂଷଣ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପରିଶେଷରେ କ୍ରୀଡା ଶିକ୍ଷକ ସତ୍ୟଶ୍ରୀ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ ।

## ମୋରଡାରେ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ

କୃଷ୍ଣପ୍ରସାଦ(ନିପ୍ର ): ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ସିଆଳ ପଞ୍ଚାୟତର ମୋରଡା ସ୍ଥିତ ମା ତାରିଣୀଙ୍କ ମନ୍ଦିର ପ୍ରାଙ୍ଗଣରେ ୨୫ ତମ ବାର୍ଷିକୀ ଉତ୍ସବ ଓ ଜଗତ କଲ୍ୟାଣ ନିମିତ୍ତ ବିଶ୍ୱଶାନ୍ତି ମହାଯଜ୍ଞ ଆଡ଼ମ୍ବର ସହକାରେ ଅନୁଷ୍ଠିତ ହେଉଛି । ବିଦ୍ୱାନ ପଣ୍ଡିତ ବାଳକୃଷ୍ଣ ଦାସ ଶର୍ମାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୧୦ ଜଣ ବ୍ରାହ୍ମଣ ନିୟୋଜିତ ହୋଇଛନ୍ତି । ବିଭିନ୍ନ ସ୍ଥାନରୁ ୨୦ ମେଳ ସଂକୀର୍ତ୍ତନ ଦଳ ଯୋଗଦେଇ ନାମ ପରିବେଷଣ କରୁଛନ୍ତି । ପ୍ରତ୍ୟହ ଆନନ୍ଦ ବଜାରରେ ଶ୍ରଦ୍ଧାଳୁଙ୍କ ନିମନ୍ତେ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଛି । ପୁରୀ ଗୁରୁଦେବ କୁଟୀରର ବାବା ପ୍ରେମାନନ୍ଦ ଦାସ ଯଜ୍ଞ କାର୍ଯ୍ୟ ପରିଚାଳନା କରୁଛନ୍ତି । ମନ୍ଦିରର ମାର୍ଫତଦାର ସୁବାସ ଚନ୍ଦ୍ର ଗୌଡ଼, ପରିଚାଳନା କମିଟି ସଭାପତି ପ୍ରାଣନାଥ ବିଶ୍ୱାଳ,ଉପସଭାପତି ସୁଦର୍ଶନ ଦଳେଇ, ସମ୍ପାଦକ ସୁଦର୍ଶନ ପ୍ରଧାନ, ସହ ସମ୍ପାଦକ ରାମଚନ୍ଦ୍ର ପଲେଇ, ବରିଷ୍ଠ ସଦସ୍ୟ ଯୋଗେନ୍ଦ୍ର ନାଥ ପଲେଇ, ରମେଶ ଚନ୍ଦ୍ର ତରେଇ, ବାବୁଲି ନାୟକ, ପ୍ରଶାନ୍ତ କୁମାର ସିଂହ ସାମନ୍ତ ସମେତ କମିଟିର ସମସ୍ତ ସଦସ୍ୟ ସହଯୋଗ କରୁଛନ୍ତି ।

## ମକର ମେଳା ଅବସରରେ ଭଜନ ସମାରୋହ ଓ ସମ୍ବର୍ଦ୍ଧନା ସଭା

କୃଷ୍ଣପ୍ରସାଦ,(ନିପ୍ର ): ଚିଲିକାର ଅଧିଷ୍ଠାତ୍ରୀ ତଥା ପାରିକୁଦ ରାଜପରିବାରର ଇଷ୍ଟଦେବୀ ମା କାଳିଜାଇଙ୍କ ମନ୍ଦିର ପ୍ରାଙ୍ଗଣରେ ପାରମ୍ପରିକ ମକର ମେଳା ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ କାଳିଜାଇ ସାଂସ୍କୃତିକ ପରିଷଦ ପକ୍ଷରୁ ବିଶିଷ୍ଟ ବ୍ୟକ୍ତିତ୍ୱଙ୍କୁ ସମ୍ବର୍ଦ୍ଧନା ଏବଂ ଅହୋରାତ୍ର ଭଜନ ସମାରୋହ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ପାରିକୁଦ ରାଜା ସାହେବ ସନ୍ତୋଷ ଚନ୍ଦ୍ର ଦେଓ ଆନୁଷ୍ଠାନିକ ଭାବେ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ପୁରୀ ଉପ ଆରକ୍ଷୀ ଅଧୀକ୍ଷକ ରବି ନାରାୟଣ ଭଞ୍ଜ,ମୁଖ୍ୟବକ୍ତା ପକ୍ଷୀ ବିଶାରଦ ହୃଦାନନ୍ଦ ଜେନା,ସମ୍ମାନୀତ ଅତିଥି ଭାବେ ପରିଷଦର ସମ୍ପାଦକ ପ୍ରାକ୍ତନ ଅଧ୍ୟକ୍ଷ ନୀଳକଣ୍ଠ ତ୍ରିପାଠୀ, ଓଡିଶା ସରକାରଙ୍କ ପ୍ରଶାସନିକ ସେବା ଅଧିକାରୀ ଦେବାଶିଷ ପାତ୍ର, ବାଲୁଗାଁ ରେଞ୍ଜର ରଶ୍ମିତା ଜେନା, ସାତପଡ଼ା ରେଞ୍ଜର ଶରତ ଜାନି, ନୂଆପଡା ରେଞ୍ଜର ତଥା ସହକାରୀ ବନ ସଂରକ୍ଷକ କାଶୀନାଥ ହେମ୍ବ୍ରମଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ । ଏହି ଅବସରରେ ଓଡିଶା ବନ୍ଦର ଓ ଅନ୍ତର୍ଦେଶୀୟ ଜଳପଥ ପରିବହନ ନିର୍ବାହୀ ଯନ୍ତ୍ରୀ ବରିଷ୍ଠ ପ୍ରଶାସନିକ ଅଧିକାରୀ ବୈକୁଣ୍ଠନାଥ ମାନସିଂହ,ଚିଲିକା ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ ଅମ୍ଳାନ ନାୟକ, ବରିଷ୍ଠ ଶିକ୍ଷାବିତ୍ ନିରଞ୍ଜନ ବେହେରା,କୃଷ୍ଣପ୍ରସାଦ ବ୍ଲକ ସ୍ୱେଚ୍ଛାସେବୀ ସଂଗଠନ ସମ୍ପାଦିକା ସସ୍ମିତା ପଲେଇଙ୍କୁ ନିମନ୍ତ୍ରିତ ଅତିଥିମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଅବସରରେ ଆୟୋଜିତ ଭଜନ ସମାରୋହରେ ଖୋର୍ଦ୍ଧା, ଗଞ୍ଜାମ, ନୟାଗଡ଼, ଗଜପତି, କଟକ ଜିଲ୍ଲା ସମେତ ସ୍ଥାନୀୟ କଳାକାରଙ୍କ ସମାଗମ ହୋଇଥିଲା । କୃତୀ ପ୍ରତିଯୋଗୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ପରିଷଦର ସଭାପତି ବରିଷ୍ଠ କ୍ରୀଡା ଶିକ୍ଷକ ଦୁର୍ଯ୍ୟୋଧନ ନାୟକ ମଞ୍ଚ କାର୍ଯ୍ୟ ପରିଚାଳନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପାରିକୁଦ ରାଜାଙ୍କ ପ୍ରତିନିଧି ପ୍ରଶାନ୍ତ କୁମାର ଜେନା,ମାଙ୍କ ମୁଖ୍ୟ ସେବକ ଜଗନ୍ନାଥ ଦାଶ, ଅନୁଷ୍ଠାନର ମାଷ୍ଟର ବିଜୟ କୁମାର ଜେନା, ବିଦେଶୀ ଗୌଡ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## କୃଷକ ସଭା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ

ବ୍ରହ୍ମପୁର,( ନିପ୍ର): ଓଡ଼ିଶା କୃଷକ ସଭା,ଗଞ୍ଜାମ ଜିଲ୍ଲା କମିଟି ତରଫରୁ ବ୍ରହ୍ମପୁର ଦକ୍ଷୀଣାଞ୍ଚଳ ରାଜସ୍ୱ କମିଶନରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଦାବିପତ୍ର ପ୍ରଦାନ କରିଛନ୍ତି । ୮ଦଫା ଦାବି କୃଷକ ଆତ୍ମହତ୍ୟାର ପ୍ରତିକାର, ମୃତକ କୃଷକ ପରିବାରକୁ ୨୦ଲକ୍ଷ ଟଙ୍କା କ୍ଷତି ପୂରଣ,ଅଦିନିଆ ବର୍ଷା ଜନିତ ଫସଲ କ୍ଷତି ପାଇଁ ଚାଷୀ/ଭାଗଚାଷୀଙ୍କୁ ଉପଯୁକ୍ତ କ୍ଷତିପୂରଣ ଦେବା,ଆବଶ୍ୟକ ଅନୁଯାୟୀ ମଣ୍ଡି ଖୋଲିବା, କ୍ୱିଣ୍ଟାଲ ପ୍ରତି ୩୧୦୦/ ଟଙ୍କାରେ ଚାଷୀର ସବୁ ଧାନ କ୍ରୟ କରିବା ଏବଂ କୃଷକ ମାନଙ୍କୁ ଋଣରୁ ମୁକ୍ତ କରିବା ଏଭଳି ୮ଗୋଟି




ଦାବି ପୂରଣ ପାଇଁ ପାଇଁ ବିକ୍ଷୋଭ ପ୍ରଦର୍ଶନ ସହ ଆରଡି ସିଙ୍କୁ ସ୍ମାରକ ପତ୍ର ପ୍ରଦାନ କରିଛନ୍ତି । ଅଖିଳ ଭାରତ କୃଷକ ସଭା ଅନୁବନ୍ଧିତ ଓଡିଶା କୃଷକଜିଲ୍ଲା ସଭାପତି ପି. ହରିକୃଷ୍ଣ ରେଡ୍ଡୀ ସଭାପତିତ୍ୱରେ ବିକ୍ଷୋଭ ଅନୁଷ୍ଠିତ ହୋଇଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ସିପିଆଇ (ଏମ୍ )କେନ୍ଦ୍ର କମିଟି ସଦସ୍ୟ ଅଳିକିଶୋର ପଟ୍ଟନାୟକ ଜିଲ୍ଲା ସମ୍ପାଦକ ଯୁଧିଷ୍ଠିର ବେହରା. ବରିଷ୍ଠ କୃଷକ ନେତା କୈଳାଶ ଷଡ଼ଙ୍ଗୀ. ଗୋପାଳକୃଷ୍ଣ ପାଣିଗ୍ରାହୀ ବକ୍ତବ୍ୟ ରଖିଥିଲେ । ରାମଚନ୍ଦ୍ର ନାୟକ, ଦିଲ୍ଲୀପ ଛୋଟରାୟ, ନୀଳମଣୀ ଗୁରୁ, ଅଜୟ ଗୌଡ଼, ସରପଞ୍ଚ ବୈରାଗୀ ବେହେରା, ବିଭୁ ପ୍ରସାଦ ପାଣିଗ୍ରାହୀ, ସତ୍ୟମଣ୍ଡଳ, ଶୁକଦେବ ଗମାଙ୍ଗ. ଗଣେଶ ପଗଡ଼. ମୋଚିଆ ଶାବର, ଭାସ୍କର ଜାନି, ଶ୍ରମିକ ନେତା ପ୍ରତାପ ଚୌଧୁରୀ, ବବୁଲା ନାୟକ ପ୍ରମୁଖ ଯୋଗଦାନ କରିଥିଲେ ।

## ୩୨ ତମ ଖଣ୍ଡୋକଟା ଧନୁଯାତ୍ରା ପାଇଁ ଶୁଭସ୍ତମ୍ଭ ସ୍ଥାପନ



କୁଚିଣ୍ଡା,(ନିପ୍ର): ସମ୍ବଲପୁର ଜିଲ୍ଲା କୁଚିଣ୍ଡା ବ୍ଲକର ସର୍ବ ପୁରାତନ ଖଣ୍ଡୋକଟା ଧନୁଯାତ୍ରା ପାଇଁ ବୁଧବାର ଶୁଭସ୍ତମ୍ଭ ସ୍ଥାପିତ ହୋଇଯାଇଛି । ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବି ନାରାୟଣ ନାଏକ ଏଥିରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ହେବାକୁ ଥିବା ୩୨ ତମ ବିରାଟ ଧନୁଯାତ୍ରା ମହୋତ୍ସବ ପାଇଁ ଶୁଭସ୍ତମ୍ଭ ସ୍ଥାପନ କରିଥିଲେ । ସେ କହିଥିଲେ ଅଞ୍ଚଳର କଳା ଓ ସଂସ୍କୃତିର ବିକାଶ ନିମନ୍ତେ ନିଜ ଖଣ୍ଡୋକଟା ଗ୍ରାମ ତଥା ଅଞ୍ଚଳବାସୀଙ୍କ ସହଯୋଗରେ ୩୨ ବର୍ଷ ପୂର୍ବେ ତଥା ୧୯୯୩ ମସିହାରେ ଏହି ଧନୁଯାତ୍ରା ଆରମ୍ଭ ହୋଇଥିଲା । ଏହି ଧନୁଯାତ୍ରା ସଂସ୍କୃତି ତଥା ଅଞ୍ଚଳର କଳାକୁ ବିକଶିତ କରିବା ଉଦ୍ଦେଶ୍ୟରେ ଅନବରତ ଭାବେ ତାର ଉଦ୍ୟମ ଜାରି ରଖିଛି । ଫେବୃଆରୀ ୮ ତାରିଖରୁ ୧୨ ତାରିଖ ପର୍ଯ୍ୟନ୍ତ ୫ ଦିନ ଧରି ହେବାକୁ ଥିବା ଖଣ୍ଡୋକଟା ଧନୁଯାତ୍ରା ପାଇଁ ସମଗ୍ର ଅଞ୍ଚଳ ମୁଖରିତ ହେବ । ତେଣୁ ଏହି ସଂସ୍କୃତି ଭିତ୍ତିକ ମହୋତ୍ସବରେ ସମସ୍ତ ଜନସାଧାରଣ ସହଯୋଗ କରିବାକୁ ମନ୍ତ୍ରୀ ନାଏକ ଅନୁରୋଧ କରିଛନ୍ତି । ଏହି ଅବସରରେ ଗ୍ରାମର ଶ୍ରୀ ଜଗନ୍ନାଥ ମନ୍ଦିରରେ ଶୁଭ ସ୍ତମ୍ଭକୁ ପୂଜାର୍ଚ୍ଚନା କରାଯାଇ ଏକ ବିରାଟ ଶୋଭାଯାତ୍ରାରେ ଧନୁଯାତ୍ରାସ୍ଥଳ କଂସ ମଣ୍ଡପକୁ ନିଆଯାଇଥିଲା । ଏଥିରେ ଶତାଧିକ ମହିଳାପୁରୁଷ ସାମିଲ ହୋଇଥିଲେ । ଶୋଭାଯାତ୍ରାରେ ଘଣ୍ଟ ଶଙ୍ଖ,ଦୁଲଦୁଲି ବାଦ୍ୟ ସହ ସଂକୀର୍ତ୍ତନ ମଣ୍ଡଳୀ ଯୋଗଦେଇଥିବାରୁ ଗ୍ରାମରେ ଏକ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା । ପୂଜକ ପତିତପାବନ ପାଣିଗ୍ରାହୀ ଶିବଙ୍କ ଆରାଧନା ସହ ଯଥାରୀତି ପୂଜାର୍ଚ୍ଚନା କରିବା ପରେ ଶୁଭସ୍ତମ୍ଭର ସ୍ଥାପନ କରାଯାଇଥିଲା । ଧନୁଯାତ୍ରା ମହୋତ୍ସବ କମିଟି ସଭାପତି ପୂର୍ଣ୍ଣଚନ୍ଦ୍ର ପଟେଲ, ଉପସଭାପତି ସନ୍ତୋଷ ପୃଷ୍ଟେଠ, ସମ୍ପାଦକ ଧନିରାମ ନାୟକ, ସହସମ୍ପାଦକ ବିକାଶ ଚନ୍ଦ୍ର ନାୟକ,କୋଷାଧ୍ୟକ୍ଷ ଚନ୍ଦ୍ରମଣି ନାଏକଙ୍କ ତତ୍ତ୍ୱାବଧାନରେ ହୋଇଥିବା କାର୍ଯ୍ୟକ୍ରମ ପରିଚାଳନାରେ କଂସ ଭୂମିକାରେ ଅଭିନୟ କରୁଥିବା ପ୍ରତାପ ଧୁରୁଆ(ପିଣ୍ଟୁ), ଶ୍ରୀବତ୍ସ ମାକର, ପ୍ରଫୁଲ୍ଲ ପଟେଲଙ୍କ ସମେତ ଗ୍ରାମର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ସହଯୋଗ କରିଥିଲେ ।

## ଚକ୍ରବ୍ୟୁହରେ ମିଲର, ଦଲାଲଙ୍କ ହାତରେ ଚାଷୀ !

ଭାପୁର,(ନିପ୍ର): ନୟାଗଡ ଜିଲ୍ଲାରେ ଚଳିତ ମାସ ୮ରେ ଧାନମଣ୍ଡି ଖୋଲିବା ନିମନ୍ତେ ଉଦ୍ଘାଟନ ହୋଇଥିଲା । ଏହାପରେ ସମସ୍ତ ବ୍ଲକର ସେବା ସମବାୟ ସମିତିରେ ମଣ୍ଡି ଖୋଲାଯିବା ପାଇଁ ପ୍ରଶାସନିକ ନିଷ୍ପତ୍ତି ହୋଇ ମିଲର୍‌ମାନଙ୍କୁ ଧାନ ଉଠେଇବାକୁ ନିର୍ଦ୍ଦେଶ ଦିଆଯାଇଥିଲା । କିନ୍ତୁ, ଗୋଟିଏ ସପ୍ତାହ ଗତ ହୋଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ଭାପୁର ବ୍ଲକରେ ଧାନମଣ୍ଡି ଖୋଲିଲା ନାହିଁ । ଫଳରେ,ଚାଷୀ ମହଲରେ ଦ୍ୱନ୍ଦ୍ୱ ଦେଖାଯିବା ସହିତ ଉଦ୍‌ବେଗ ପ୍ରକାଶ ପାଇଛି । ଚାଷୀଙ୍କ ଧାନ ଉଠାଇବାକୁ ମିଲରମାନଙ୍କୁ ନିୟୋଜିତ ହୋଇଥିଲେ ମଧ୍ୟ ସେମାନେ ଧାନ ମଣ୍ଡିକୁ ନ ଯାଇ ଲୋକଙ୍କ ଘରକୁ ଯାଇ ଧାନ କ୍ରୟ କରୁଥିବା ନେଇ ଅଭିଯୋଗ ହେଉଛି । ଫଳରେ ଚାଷୀମାନେ ଦଲାଲଙ୍କ ଶିକାର ହେଉଛନ୍ତି । ଚାଷୀମାନଙ୍କର ଧାନକୁ ମିଲର୍‌ମାନେ ଶାଗମାଛ ଦରରେ କିଣୁଥିବା ନେଇ ଭାପୁର ବ୍ଲକରେ ଆଲୋଚ୍ୟର ବିଷୟ ହେଉଛି । ଶୁଣାଯାଏ, 'ରାଜ୍ୟ ସରକାର କଟନିଛଟନି ବନ୍ଦ କରିବା ଏବଂ ଧାନର ବର୍ଦ୍ଧିତ ମୂଲ୍ୟ ୩୧ ଶହ ଟଙ୍କା କରିବା ଯୋଗୁ ମିଲର୍‌ମାନଙ୍କର କୌଣସି ଲାଭ ନ ହେବା ଦର୍ଶାଇ ମଣ୍ଡିରୁ ଧାନ ଉଠାଉନାହାନ୍ତି । କିନ୍ତୁ, ଏପଟେ ବର୍ଷାରେ ଧାନ ନଷ୍ଟ ହୋଇଯାଇଥିବା ଚାଷୀଙ୍କୁ କହି ଅଧିକ ଦିନ ମଣ୍ଡିରେ ରଖିବା ଦ୍ୱାରା ମିଲର ଧାନ ନେବନାହିଁ ବୋଲି ଚାଷୀଙ୍କୁ ଚକ୍ରବ୍ୟୁହରେ ଫସାଇ ନିଜ ଲୋକମାନଙ୍କ ଦ୍ୱାରା ୧୮୦୦ ରୁ ୨୦୦୦ ଟଙ୍କାରେ ଧାନ କିଣି ନେଉଥିବା ସାଧାରଣରେ ଅଭିଯୋଗ ହେଉଛି ।

## ୧୯୮୨ ମାଟ୍ରିକ୍ ବ୍ୟାଚ୍ ବନ୍ଧୁମିଳନ

ନିମାପଡ଼ା,(ନି.ପ୍ର.): ଭାଟବନ୍ଧ ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ବିଦ୍ୟାଳୟର ୧୯୮୨ ମସିହାର ଛାତ୍ରଛାତ୍ରୀ ମାନଙ୍କର ପ୍ରଥମ ବନ୍ଧୁ ମିଳନ ଉତ୍ସବ ବିଦ୍ୟାଳୟର ବର୍ତ୍ତମାନ କାର୍ଯ୍ୟରତ ପ୍ରଧାନ ଶିକ୍ଷକ ବ୍ରଜ କିଶୋର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ପ୍ରାକ୍ତନ ଶିକ୍ଷକ ହରେକୃଷ୍ଣ ରଥ ମୁଖ୍ୟ ଅତିଥି ରୂପେ ଯୋଗଦାନ କରି ଛାତ୍ରଛାତ୍ରୀମାନଙ୍କର ଆଗ୍ରହ ଓ ଆତିଥେୟତାରେ ଅତ୍ୟନ୍ତ ଆନନ୍ଦ ପ୍ରକାଶ କରିଥିଲେ । ତାଙ୍କର ଭାଷଣରେ ସେ ଅତୀତର ସ୍ମୃତି ଚାରଣ କରିବା ସହିତ ଅନେକ ମୂଲ୍ୟବାନ ହିତୋପଦେଶ ପ୍ରଦାନ କରିଥିଲେ । ପ୍ରାକ୍ତନ ଶିକ୍ଷକ ସଦର ଅଲ୍ଲୀ ଖାନ ମୁଖ୍ୟବକ୍ତା ରୂପେ ଯୋଗଦାନ କରି ଛାତ୍ରଛାତ୍ରୀମାନଙ୍କୁ ଜଣେ ଜଣେ ସୁମାନବ ହେବା ପାଇଁ ଉପଦେଶ ପ୍ରଦାନ କରିଥିଲେ । ପ୍ରାକ୍ତନ ଶିକ୍ଷକ କ୍ଷେତ୍ରମୋହନ ଦୀକ୍ଷିତ ଏବଂ ଲକ୍ଷ୍ମୀଧର ସାହୁ ସମ୍ମାନୀତ ଅତିଥି ରୂପେ ଯୋଗଦାନ କରି ସେମାନଙ୍କ ଆଶୀର୍ବଚନ ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପ୍ରାକ୍ତନ କର୍ମଚାରୀ ଘନଶ୍ୟାମ ବାରିକ ଏବଂ ଅରୁଣ କୁମାର ମିଶ୍ର ତଥା ବିଦ୍ୟାଳୟରେ କାର୍ଯ୍ୟରତ ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ଯୋଗଦାନ କରି ସେମାନଙ୍କର ବକ୍ତବ୍ୟ ପ୍ରଦାନ କରିଥିଲେ । ଛାତ୍ରଛାତ୍ରୀମାନଙ୍କ ତରଫରୁ ସମସ୍ତ ପ୍ରାକ୍ତନ ଶିକ୍ଷକ ଓ ଶିକ୍ଷୟିତ୍ରୀ ତଥା ଅନ୍ୟ କର୍ମଚାରୀମାନଙ୍କୁ ଉପଢୌକନ ଏବଂ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା ।

## ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ପାଳନ ପୂର୍ବରୁ ବିଭ୍ରାଟର ପ୍ରତିବାଦ କଳା ଦିବସ ପାଳନ କରିବ ଛାତ୍ର କଂଗ୍ରେସ

ପାରାଦୀପ,(ନିପ୍ର): ୨୦୨୫ ମସିହାରେ ପାରାଦୀପ କଲେଜ ତାର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ପାଳନ କରିବା ନିମନ୍ତେ କଲେଜ କର୍ତ୍ତୃପକ୍ଷ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିଥିଲେ । ପୁରାତନ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ଗୋଟିଏ ସଙ୍ଗଠନ ଗଠିତ ହୋଇଥିଲା । ଏହାର ସଭାପତି ଭାବେ ବସନ୍ତ କୁମାର ବିଶ୍ୱାଳ ଏବଂ ସମ୍ପାଦକ ଭାବେ ମନୋନୀତ ହୋଇଛନ୍ତି । ଅପରପକ୍ଷରେ ସୁବର୍ଣ୍ଣ ଜୟନ୍ତୀ ଉପଲକ୍ଷେ ଅତିଥି ଚୟନ ଓ ଅନ୍ୟାନ୍ୟ ଆନୁଷଙ୍ଗିକ କାର୍ଯ୍ୟକ୍ରମ ସମ୍ପର୍କରେ କୌଣସି ଆଲୋଚନା ସାର୍ବଜନୀନ ନ ହୋଇ ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀ ଦ୍ୱାରା ନିର୍ଦ୍ଦିଷ୍ଟ ଦଳର କର୍ମକର୍ତ୍ତାମାନଙ୍କୁ ନେଇ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ଯାହାକୁ ଅନେକ ପୁରାତନ ଛାତ୍ରଛାତ୍ରୀମାନେ ବିରୋଧ କରିଛନ୍ତି ।

ଏଣୁ ବୁଧବାର ମଧ୍ୟାହ୍ନରେ କିଛି ପୁରାତନ ଛାତ୍ର କଲେଜ ଅଧ୍ୟକ୍ଷଙ୍କୁ ସାକ୍ଷାତ କରି ନିଜ ନିଜର ଅସନ୍ତୋଷ ବ୍ୟକ୍ତ କରିଥିଲେ । ଉତ୍ସବକୁ ଆସୁଥିବା ସମସ୍ତ ଅତିଥି ମାନଙ୍କୁ କଳା ପତାକା ଦେଖାଇ କଂଗ୍ରେସ ପକ୍ଷରୁ ପ୍ରତିବାଦ କରାଯିବ ବୋଲି ସୂଚନା ଦେଇଛି । କଲେଜ ସୁବର୍ଣ୍ଣ ଜୟନ୍ତୀକୁ ରାଜନୈତିକ ମଞ୍ଚ ନ କରିବା ପାଇଁ ପୂର୍ବତନ ଛାତ୍ର ସଂସଦ ସଭାପତି କେଦାର ବିଶ୍ୱାଳଙ୍କ ସମେତ ଶତାଧିକ ଛାତ୍ରଛାତ୍ରୀ ଦୃଢ ବିରୋଧ କରିଛନ୍ତି ।

## 'ଭୂମିହୀନ ପରିବାରବର୍ଗଙ୍କୁ ପଟ୍ଟା ଦିଆଯାଉ'




ଖଣ୍ଡପଡା(ନି.ପ୍ର): ୫୦ ବର୍ଷରୁ ଉର୍ଦ୍ଧ ସମୟ ଧରି ସରକାରୀ ଜାଗାରେ ଅସ୍ଥାୟୀ ଭାବେ ଗୃହ ନିର୍ମାଣ କରି ବାସ କରୁଥିବା ଭୂମିହୀନ ପରିବାରଗୁଡିକୁ ବସୁନ୍ଧରା ଯୋଜନାରେ ରାଜ୍ୟ ସରକାର ଜାଗା ଓ ଜାଗାର ପଟ୍ଟା ଯୋଗାଇ ଦେବାର ବ୍ୟବସ୍ଥା କରିଛନ୍ତି । ମାତ୍ର ଖଣ୍ଡପଡା ତହସିଲ କର୍ତ୍ତୃପକ୍ଷଙ୍କ ସ୍ଥାଣୁତା ଯୋଗୁଁ ଖଣ୍ଡପଡା ବ୍ଲକର ସିଂଘାପଡା ପଂଚାୟତ ଅଧିନ ରୁପାପଲ୍ଲୀ ପଡା ଗ୍ରାମ ଓ ନୂଆଗାଁର ବାସିନ୍ଦାଙ୍କୁ ଏବେବି ଜାଗାର ପଟ୍ଟା ମିଳି ନଥିବା ଜଣାପଡ଼ିଛି । ସେହିପରି ଖଣ୍ଡପଡା ସହରର ୧୨ ଓ ୧୩ ନଂ ୱାର୍ଡରେ ବାସ କରୁଥିବା ହରିଜନ ଓ ଆଦିବାସୀ ପରିବାରବର୍ଗଙ୍କ ନିକଟରେ ଜାଗାର ପଟ୍ଟା ଖଣ୍ଡେ ନଥିବାରୁ ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକହିତକର ଯୋଜନାରୁ ସେମାନେ ବଂଚିତ ହୋଇ ଦୁର୍ଦ୍ଦିନରେ ଦିନ କାଟୁଥିବା ଜଣାପଡ଼ିଛି । ଭୂମିହୀନ ସମସ୍ତ ପରିବାରବର୍ଗଙ୍କୁ ତୁରନ୍ତ ଜାଗାର ପଟ୍ଟା ପ୍ରଦାନ ଦାବିରେ ଭାରତୀୟ ବିକାଶ ପରିଷଦ ପକ୍ଷରୁ ଖଣ୍ଡପଡା ଏନଏସି ଓ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ବୁଧବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଥିବା ଜଣାପଡ଼ିଛି । ଭାରତୀୟ ବିକାଶ ପରିଷଦର ରାଜ୍ୟ ସଭାପତି ସୁରେନ୍ଦ୍ର କୁମାର ପାଣିଗ୍ରାହୀଙ୍କ ନେତୃତ୍ୱରେ ଶତାଧିକ ମହିଳା ଖଣ୍ଡପଡ଼ା ବସ୍‌ଷ୍ଟାଣ୍ଡ ପରିସରରୁ ଏକ ଶାନ୍ତିପୂର୍ଣ୍ଣ ଶୋଭାଯାତ୍ରାରେ ବାହାରି ପ୍ରଥମେ ଏନ୍‌ଏସି କାର୍ଯ୍ୟାଳୟ ଓ ପରେ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ପହଂଚି ହରତାଳ କରିଥିଲେ । ପରବର୍ତ୍ତୀ ସମୟରେ ଭାରତୀୟ ବିକାଶ ପରିଷଦ ପକ୍ଷରୁ ଏ ସମ୍ପର୍କୀତ ଦାବିପତ୍ର ନୟାଗଡ଼ ଜିଲ୍ଲାପାଳ ଓ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ଖଣ୍ଡପଡା ତହସିଲଦାର ଓ ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ପୃଥକ ପୃଥକ ଭାବେ ପ୍ରଦାନ କରାଯାଇଥିବା ଜଣାପଡିଛି ।

## ଅସାମାଜିକଙ୍କ ଆଡ୍ଡାସ୍ଥଳୀ ପାଲଟିଛି ବନ୍ଦ ବିଦ୍ୟାଳୟ



ଖଣ୍ଡପଡା,(ନି.ପ୍ର) ଖଣ୍ଡପଡା ସହରର ଜେଲ ରାସ୍ତାରେ ଅବସ୍ଥିତ ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟ କ୍ୟାମ୍ପସ-୩ ଏବେ ଅସାମାଜିକ ଯୁବକଙ୍କ ଆଡ୍ଡାସ୍ଥଳୀ ପାଲଟିଥିବା ଜଣାପଡିଛି । ରାଜ୍ୟ ସରକାରଙ୍କ ନିଷ୍ପତିକ୍ରମେ ଛାତ୍ରଛାତ୍ରୀଙ୍କ ଉପସ୍ଥାନ କମ ଯୋଗୁଁ ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟରେ ଏହି ପୁରାତନ ବିଦ୍ୟାଳୟଟି ମିଶ୍ରଣ ପରେ ଏବେ ଉକ୍ତ ଅନୁଷ୍ଠାନ ପରିସରରେ ଥିବା ଶ୍ରେଣୀଗୃହ ଗୁଡିକରେ ତାଲା ଝୁଲୁଛି । ଏହାର ସୁଯୋଗ ନେଇ ଅସାମାଜିକ ଯୁବକମାନେ ବିଦ୍ୟାଳୟ ପରିସରରେ ଅବାଧରେ ପ୍ରବେଶ କରି ମଦ୍ୟପାନ କରିବା ସହ ଭୋଜିଭାତ ଆସରରେ ସଦା ସର୍ବଦା ମଜ୍ଜି ରହୁଥିବା ନଜରକୁ ଆସୁଛି । ଏପରିକି ବିଦ୍ୟାଳୟ ପରିସରରେ କୁଢକୁଢ ମଦବୋତଲ, ପଲିଥିନ୍ ଜରି ଓ ଖଲିପତ୍ର ଏଣେତେଣେ ପଡ଼ିଥିବା ଦେଖିବାକୁ ମିଳୁଛି । ଖଣ୍ଡପଡା ସହରର ମୁଖ୍ୟ ରାସ୍ତା ପାର୍ଶ୍ୱରେ ଅବସ୍ଥିତ ଏହି ବନ୍ଦ ବିଦ୍ୟାଳୟଟିକୁ ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷ ଯେ କୌଣସି କାର୍ଯ୍ୟରେ କାର୍ଯ୍ୟକାରି କରାଇଲେ ଆଉ ସେଠାରେ ଅସାମାଜିକ ଯୁବକମାନଙ୍କ ଭିଡ଼ ହୁଅନ୍ତା ନାହିଁ ବୋଲି ସାଧାରଣରେ ଆଲୋଚନା ହେଉଛି । ଏଥିପ୍ରତି ଖଣ୍ଡପଡା ବ୍ଲକ ଶିକ୍ଷାଧିକାରୀ ଓ ଜିଲ୍ଲା ଶିକ୍ଷାଧିକାରୀ ଦୃଷ୍ଟି ଦେବାକୁ ଖଣ୍ଡପଡ଼ା ସହରବାସୀ ଦାବି କରିଛନ୍ତି ।

## ଆସିକା ବ୍ଲକର ୮୦ବର୍ଷରୁ ଉର୍ଦ୍ଧ୍ୱ ମଧୁବାବୁ ପେନସନ ହିତାଧିକାରୀଙ୍କୁ ବର୍ଦ୍ଧିତ ପେନସନ

ଆସିକା (ନିପ୍ର): ନିର୍ବାଚନ ସମୟରେ ଭାରତୀୟ ଜନତା ପାର୍ଟି ଓଡିଶା ବାସୀଙ୍କୁ ଦେଇଥିବା ପ୍ରତିଶୃତି ଅନୁଯାୟୀ ଜାନୁଆରୀ ୧୫ ତାରିଖ ରୁ ଓଡିଶା ରାଜ୍ୟ ସରକାର ପକ୍ଷରୁ ସାମାଜିକ ସୁରକ୍ଷା ଭତ୍ତା ଯୋଜନା ରେ ୮୦ ବର୍ଷ ରୁ ଉର୍ଦ୍ଧ ଓ ୮୦% ବା ତଦୁର୍ଦ୍ଧ ଭିନ୍ନକ୍ଷମ ଙ୍କୁ ୩୫୦୦ ଟଙ୍କା ଲେଖାଏଁ ଭତ୍ତା ପ୍ରଦାନ ର ଶୁଭାରମ୍ଭ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ର ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଙ୍କ ଉପସ୍ଥିତ ରେ ଆଭାସୀ ମାଧ୍ୟମରେ ଶୁଭାରମ୍ଭ କରିଛନ୍ତି । ସେହି କ୍ରମରେ ଆସିକା ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ ଠାରେ ମଧୁବାବୁ ପେନସନ ଯୋଜନାରେ ଅନ୍ତର୍ଭୁକ୍ତ ୭୭୩ ଜଣ ହିତାଧିକାରୀ ଙ୍କୁ ପ୍ରଦାନ କରାଯାଇଛି । ଆସିକା ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ ଠାରେ ଆୟୋଜିତ କାର୍ଯ୍ୟକ୍ରମ ରେ ଆସିକା ବିଧାୟକ ସରୋଜ କୁମାର ପାଢ଼ୀ,ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧକ୍ଷା ବିନେତା ସ୍ୱାଇଁ,ବିଜ୍ଞାପିତ ଅଞ୍ଚଳ ପରିଷଦ ଉପାଧକ୍ଷା ଜୟନ୍ତୀ ବିଷୋୟୀ, ଆସିକା ଭାରପ୍ରାପ୍ତ ବିଡ଼ିଓ ସାଗରୀକା ଷଡ଼ଙ୍ଗୀ, ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ଲୋକନାଥ ବେଜ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଆକାଶିନୀ ନାୟକ ପ୍ରମୁଖ ଉପସ୍ଥିତ ରହିଥିଲେ. ଆସିକା ବ୍ଲକ ର ୨୭ ପଞ୍ଚାୟତ ର ୮୦ ବର୍ଷରୁ ଉର୍ଦ୍ଧ ୩୭୮ ଜଣ ବରିଷ୍ଠ ନାଗରିକ ଏବଂ ୩୫୭ ଜଣ ୮୦% ବା ତଦୁର୍ଦ୍ଧ ଭିନ୍ନକ୍ଷମ ଙ୍କୁ ୧୨୦୦ ଟଙ୍କା ପରିବର୍ତ୍ତେ ୩୫୦୦ ଟଙ୍କା ପ୍ରଦାନ କରାଯାଇଥିଲା କ୍ଷ

ତିଥି : (ତୃତୀୟା) : (ଅଶ୍ଳେଷା କର୍କଟ)
ଅମୃତବେଳା: ଦିବା ୮।୩୮ ମଧ୍ୟେ ଦିବା ୧୦।୫୨ ଗତେ

## ଆଜିର ଅନୁଚିନ୍ତନ

ଅପୂର୍ଣ୍ଣ ହେଲେ ବି କର୍ମ କର ସମର୍ପଣ
କର୍ମ କଲା ବେଳେ ଫଳ ଆଶା ତ୍ୟାଗ କର ।।
- ଶ୍ରୀମଦ୍ ଭଗବଦ୍ ଗୀତା

# ନିଶାଦ୍ରବ୍ୟ ଉତ୍ସ ଖୋଜାଯାଉ

ଭୁବନେଶ୍ୱର ଅନ୍ତର୍ଜାତୀୟ ବିମାନବନ୍ଦର ଠାରେ କେରଳର ଜଣେ ନିଶାଦ୍ରବ୍ୟ ଚାଲାଣକାରୀ ରାଜସ୍ୱ ଗୁଇନ୍ଦା ନିର୍ଦ୍ଦେଶାଳୟ (ଡିଆର୍ଆଇ) ଓ କଷ୍ଟମସ ବିଭାଗ ଦ୍ୱାରା ନିକଟରେ ଧରାପଡିଛି । ଯିଏକି ପ୍ରାୟ ୪କୋଟି ଟଙ୍କାର ମାରିଜୁଆନା କିଛି ବିସ୍କୁଟ ପ୍ୟାକେଟ୍ ଭିତରେ ଲୁଚାଇ ରଖିଥିଲା । ଯାଞ୍ଚବେଳେ ଧରାପଡ଼ିଲା । ଏ ଘଟଣା ଘଟିଛି ବ୍ୟାଙ୍କକରୁ ଭୁବନେଶ୍ୱର ଆସୁଥିବା ଏକ ବିମାନରେ । ସ୍ମରଣ କରାଯାଇପାରେ ଯେ ଏହା ପୂର୍ବରୁ ଅର୍ଥାତ୍ ଗତ ୪ ତାରିଖରେ ମାଲେସିଆର କୁଆଲାଲମ୍ପୁରରୁ ଭୁବନେଶ୍ୱର ଆସୁଥିବା ବିମାନରୁ ଧରାପଡ଼ିଥିଲା ପାଖାପାଖି ୧୦କେଜିର ମାଲିଜୁଆନା । ଧରାପଡ଼ିଥିଲେ କୋଲକତାରୁ ୨ ମୁସଲିମ୍ ମହିଳା । ଏସବୁ ଦେଖିଲେ ଜଣାପଡୁଛି ଚୋରାଚାଲାଣକାରୀମାନେ ଭୁବନେଶ୍ୱର ବିମାନବନ୍ଦରକୁ ମାରିଜୁଆନାର ଏକ ପେଣ୍ଠସ୍ଥଳୀରେ ପରିଣତ କରିସାରିଲେଣି । ପୂର୍ବରୁ ସେମିତି ପାରାଦୀପ ବନ୍ଦରରେ ଏକ ଜାହାଜରୁ ଜବତ ହୋଇଥିଲା ବିପୁଳ ପରିମାଣର କୋକେନ୍, ଯାହାର କି ମୂଲ୍ୟ ଆନୁମାନିକ ୨ଶହ କୋଡ଼ିଏ କୋଟି । କେବଳ ମାରିଜୁଆନା କି କୋକେନ ନୁହେଁ ଅଧିକନ୍ତୁ କଫସିରଫ, ବ୍ରାଉନସୁଗାର, ଗଂଜେଇ ପ୍ରଭୃତି ବିଭିନ୍ନ ସମୟରେ ଧରାପଡୁଛି । ଏସବୁ ନିଶା ପରିବହନ ବେଳେ ଭିନ୍ନ ଭିନ୍ନ ଉପାୟ ଅବଲମ୍ବନ କରାଯାଉଛି । ଯାହା ଜଣାପଡୁଛି ଧୀରେ ଧୀରେ ଚୋରା ନିଶା ସ୍ମଗଲର ଓ ଖାଉଟିମାନଙ୍କ ଆଡ୍ଡା ସ୍ଥଳରେ ପରିଣତ ହେଲାଣି ଆମ ରାଜ୍ୟ । ଏହି କାରବାର କିପରି ରୋକାଯିବା ସେଥିନେଇ ଉଚ୍ଚସ୍ତରୀୟ ବୈଠକମାନ ଅନୁଷ୍ଠିତ ହେଉଛି । ମାତ୍ର ଆଶାନୁରୂପ ସୁଫଳ ମିଳିପାରୁନାହିଁ କାହିଁକି ତାହାର ସମୀକ୍ଷା ପ୍ରାୟତଃ ହେଉନାହିଁ । ବିଭିନ୍ନ ସମୟରେ ସଂଘଟିତ ଅପରାଧ ପଛରେ ବ୍ରାଉନସୁଗାର କି ଅନ୍ୟାନ୍ୟ ନିଶାଦ୍ରବ୍ୟ କାରବାର ପ୍ରେକ୍ଷାପଟ୍ଟ ସାମ୍ନାକୁ ଆସୁଛି । ରାଜଧାନୀ ଭୁବନେଶ୍ୱରରେ ନିକଟ ଅତୀତରେ ସକାଳ ସମୟରେ ଜଣେ ବ୍ୟକ୍ତିଙ୍କୁ ଖଣ୍ଡା ଚୋଟ ପକାଇ ଦୁର୍ବୃତ୍ତମାନେ ହାଣି ଦୁଇ ଗଡ଼ କରିଦେଇଥିଲେ । ଏହା ପଛରେ ବ୍ରାଉନସୁଗାର କାରବାରକୁ ବିରୋଧର ପରିଣାମ ବୋଲି ଚର୍ଚ୍ଚାକୁ ଆସିଲା । କେତେକ ସ୍ଥାନରେ ଧରାପଡୁଥିବା ନିଶା ବ୍ୟବସାୟୀ ହୁଅନ୍ତୁ କି ନିଶାବ୍ୟବହାରକାରୀ ସେମାନଙ୍କ ଠାରେ ହିଁ ରହିଛି ବାସ୍ତବରେ ନିଶା କାରବାରର ନେଟୱ୍ୱାର୍କ କେଉଁଠୁ କେଉଁଯାଏ ଲମ୍ବି ରହିଛି । ବେଳେବେଳେ ଚର୍ଚ୍ଚାକୁ ଆସେ ଯେ ନିଶା କାରବାର ଓଡ଼ିଶା ଦେଇ ପଶ୍ଚିମବଙ୍ଗ ପରେ ଚୀନ ସହିତ ରହିଛି ଲିଙ୍କ୍ । ଏହା କେତେ ଦୂର ସତ ତାହା ତଦନ୍ତ ହେଲେ ଜଣାପଡ଼ିବ । ଉଦ୍‌ଭ୍ରାନ୍ତ ଯୁବକମାନେ ବହୁ ସମୟରେ ନିଶାଦ୍ରବ୍ୟ ସେବନ କରି ଅପରାଧ ଘଟାଉଥିବା ସାମ୍ନାକୁ ଆସୁଛି । ଅପରାଧ ସହିତ ନିଶାଦ୍ରବ୍ୟ ସେବନର ସମ୍ବନ୍ଧ ସବୁ ସମୟରେ ଆଲୋଚିତ ହୋଇଆସୁଥିବା ହେତୁ ଯେଉଁ ଅପରାଧୀମାନେ ଧରାପଡୁଛନ୍ତି କେଉଁଠୁ ସେମାନେ ନିଶାଦ୍ରବ୍ୟ ସଂଗ୍ରହ କରୁଛନ୍ତି ତାହା ଠାବ କରାଗଲେ ମୂଳ ଉତ୍ସ ନିକଟରେ ପହଞ୍ଚିବା ସହଜ ହେବ । ନିୟମିତ ବ୍ୟବଧାନ ଯାଞ୍ଚ ଓ ଚଢାଉ ସାଙ୍ଗକୁ ଗୁଇନ୍ଦା ସୂତ୍ରକୁ ଶକ୍ତିଶାଳୀ କରିବାର ଆବଶ୍ୟକତା ଢେର ମାତ୍ରାରେ ରହିଛି । ଏ ପରିପ୍ରେକ୍ଷୀରେ କୁହାଯାଇପାରେ ଯେ ବିମାନବନ୍ଦର ହେଉ କି ବନ୍ଦର ଏସବୁ ବାଟ ଦେଇ ବିଭିନ୍ନ ନିଶାଦ୍ରବ୍ୟ ଚୋରାକାରବାର ଚାଲୁ ରହିଛି । କାହିଁକିନା ଧରାପଡ଼ିବା ସତ୍ତ୍ୱେ ଏପରି ଘଟଣାର ପୁନରାବୃତ୍ତି ଘଟିବା ସୂଚେଇ ଦେଉଛି ଯେ କାରବାର କେଉଁଠି ନା କେଉଁଠି ତାହା ବାଟରେ ଚାଲିଛି । ଯେତେବେଳେ ଧରାପଡୁଛି ସେତେବେଳେ ତାହା ସାମ୍ନା ଆସୁଛି । ନଚେତ୍ ତାହା ଛପି ଯାଉଛି । ସ୍ମରଣ କରାଯାଇପାରେ ଯେ ଭୁବନେଶ୍ୱର ବିମାନବନ୍ଦରରେ ଏକାଧିବାର ବିପୁଳ ପରିମାଣର ସୁନା ଜବତ ହୋଇଥିଲା । ସେ ସୁନା କାହାର କେଉଁଠୁ ଆସିଥିଲା କିଏ ମଗେଇଥିଲେ ତାହା ଏ ପର୍ଯ୍ୟନ୍ତ ରହସ୍ୟଘେରରେ ରହିଛି । ସୁତରାଂ ଚୋରା କାରବାରର ନେଟୱ୍ୱାର୍କ ଜଟିଳ ରହିଛି । ଯାହା ଧରାପଡୁଛି ତାହା ଏକ ବିରାଟ ହିମବାହର ଏକ ଅଂଶ ମାତ୍ର । ଅନ୍ୟ ଦେଖାଯାଉ ନଥିବା ଅଂଶ ଜବତ ଦିଗରେ ସ୍ୱତନ୍ତ୍ର ରଣନୀତି କରାଯିବା ନେଇ ରାଜ୍ୟ ସରକାର ଧ୍ୟାନ ଦେବା ଜରୁରୀ ।

# ତହୁଁ କାଞ୍ଜି ଗଲା ଖରେ...

## ନାଟ୍ୟକାର ଜଗନ୍ନାଥ ବେହେରା

ଓଡ଼ିଆଙ୍କ ଖାଦ୍ୟ ଭିତରେ ଭାତ ହେଉଛି ମୁଖ୍ୟ । ଭାତ ସାଙ୍ଗକୁ ଡାଲି, ଭଜା ,ଘାଣ୍ଟ, ବେସର, ଖଟା, ସନ୍ତୁଳା ପ୍ରଭୃତି ନିହାତି ଆବଶ୍ୟକ କରନ୍ତି । ଓଡ଼ିଶାର ପୁରପଲ୍ଲୀରେ ପ୍ରସ୍ତୁତ ହେଉଥିବା ବିଭିନ ତରକାରି ମଧ୍ୟରେ "କାଞ୍ଜି" ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି । କାଞ୍ଜି ସାଧାରଣ ଚାରି ପ୍ରକାର ହୋଇଥାଏ – ଶାଗ କାଞ୍ଜି , ଟମାଟ କାଞ୍ଜି , ତୋରାଣି କାଞ୍ଜି ଏବଂ ପନିପରିବା କାଞ୍ଜି । ଆଜିକାଲି ଅବଶ୍ୟ ମୂଳା କାଞ୍ଜି , ଚିଙ୍ଗୁଡ଼ି କାଞ୍ଜି , ଲାଉ କାଞ୍ଜି ଏମିତି ଅନେକ ପ୍ରକାର କାଞ୍ଜି ତିଆରି ହେଉଛି ।



କାଞ୍ଜି କହିଲେ ସାଧାରଣ କିଛି ଖୁଦ କିମ୍ବା ବଳକା ଭାତ ,କିଛି ଶାଗ ଏବଂ ମୁନ୍ଦିଏ ବାସି ତୋରାଣି, କିଛି ଫୁଟଣକୁ ନେଇ କମ୍ ଖର୍ଚ୍ଚରେ ପ୍ରସ୍ତୁତ ହେଉଥିବା ଏକ ପ୍ରକାର ବ୍ୟଞ୍ଜନ ବା ତରକାରି । ଆଗେ ଦାସ କାଠିଆ ଗାୟକ ପାଳିଆ ଗାଉଥିଲେ – "ତହୁଁ କାଞ୍ଜି ଗଲା ଖରେ, ଯାଇ ପଶିଲା ସେ ... କାଞ୍ଜିର ହେଲା ଆମ୍ବିଳି ମନ କି ଆମ୍ବିଳି ମନ" "ତହୁଁ କାଞ୍ଜି ଗଲା ଖରେ ଯାଇ ପଶିଲା ସେ ... କାଞ୍ଜିକୁ ଦେଲେ ବାହୁଙ୍ଗି ମାଡ଼ କି ବାହୁଙ୍ଗି ମାଡ଼" ଅର୍ଥାତ ସବୁ ଘରୁ ଫେରିଲା ପରେ ବି କାଞ୍ଜି ନିରାଶ ହୋଇନାହିଁ ବୋଲି ଏବେ ବି ତିଷ୍ଠି ରହିଛି ।

ଜଣେ ଫିଲ୍ମ ଷ୍ଟାର ଏକଦା କାଞ୍ଜିକୁ ଉପହାସ କରି କହିଥିଲେ "କାଞ୍ଜି କ'ଣ ଗୋଟେ ତରକାରି ?" ଅର୍ଥାତ୍ ତାଙ୍କ ନଜରରେ ଏହାର ସ୍ଥାନ ସମାଜରେ ଅତି ନିକୃଷ୍ଟ । କିନ୍ତୁ ଆଜି ସମାଜରେ ଏମାନେ ନାମ ବଦଳେଇ ବହୁ ହିତ ସାଧକ ଭାବରେ ଦଣ୍ଡାୟମାନ କରିଛନ୍ତି । ଯାହାକୁ ଦିନେ ଆମେ ଆମ୍ବିଳା କହୁଥିଲୁ ଆଜି ବଡ଼ ବଡ଼ ଲୋକ ସୂପ୍ କହି ପିଉଛନ୍ତି । ମାଣ୍ଡିଆ ଜାଉକୁ ମିଲେଟ କହି ବଡ଼ ବଡ଼ ରେଷ୍ଟୁରାଣ୍ଟରେ ଭୋଜନ ଆକାରରେ ଅଧିକ ପଇସା ଦେଇ ଲୋକ ଖାଉଛନ୍ତି । ଡାଇବେଟିସ ରୋଗୀର ମୁଖ୍ୟ ଖାଦ୍ୟ ହେଉଛି ମାଣ୍ଡିଆ । ଆଜି ମଧ୍ୟ ଡାକ୍ତର ପରାମର୍ଶ ଦେଉଛିନ୍ତି ଯେ ଉଷୁନା ଚାଉଳ ଭାତ କିମ୍ବା ପଖାଳ ମାଟି ହାଣ୍ଡିରେ ପ୍ରସ୍ତୁତ କରି ଖାଇଲେ ଦେହ ସୁସ୍ଥ ରହିବ । ଯେଉଁ ମୁନିକା ଶାଗ, ଅମୃତ ଭଣ୍ଡା ଦିନେ ଗରିବମାନଙ୍କର ଖାଦ୍ୟ ହୋଇଥିଲା ଆଜି ତାର ସ୍ଥାନ କେଉଠି ଉଣା ଅଧିକେ ଆମେମାନେ ସବୁ ଜାଣିଛନ୍ତି ।

ଓଡ଼ିଶାର ସାଧାରଣ ଗରିବ ପରିବାର ଗୁଡିକେ ମଣ୍ଡା , ଆରିସା ,ଏଣ୍ଡୁରି ,ଗଇଁଠା କାକରା ,ଚକୁଳି ,ଚିତଉ , ଖିରି , ମିଠା ଖେଚୁଡି ,ଅଟକାଳୀ ହେଉଥିଲା । ଗହ୍ମା ପୁର୍ଣମାରେ ଗାଇକୁ ପୂଜା ବା ଖୁଆଇବା ନିମତେ ଅଟକାଳୀ କରାଯାଉଥିଲା । ସାତପୁରୀ ମଣ୍ଡା , ପାଣି ମଣ୍ଡା ବେଳେବେଳ ହେଉଥିଲା । ଘରକୁ କୁଣିଆ ଆସିଲେ ଗରିବ ଲୋକ କଂସା ଗିନା ବିକି ଭାଙ୍ଗି ରୋଷେଇ ସାମଗ୍ରୀ କିଣି ଖେଚୁଡି ଖିରି ପ୍ରସ୍ତୁତ କରୁଥିଲେ ।

ଦିନେ ଓଡ଼ିଆଙ୍କ ଘରେ ଘରେ କାଞ୍ଜି ଆଦୃତି ଲାଭ କରିଥିଲା ବୋଲି କବି ବ୍ରଜନାଥ ବଡ଼ଜେନା ତାଙ୍କ "ଚତୁର ବିନୋଦ" ରେ "ଜିହ୍ୱା ସରସ୍ୟ କାଞ୍ଜି" ଉଲ୍ଲେଖ କରିଛନ୍ତି । "ମହୀମଣ୍ଡଳ ଗୀତା" ରଚୟିତା ସନ୍ଥ ଅରକ୍ଷିତ ଦାସଙ୍କ ପ୍ରସିଦ୍ଧ "ଓଳାଶୁଣି ପୀଠ"ରେ କାଞ୍ଜି ଓ ଶୁଖୁଆ ପୋଡା ଭୋଗ ଦିଆଯାଉଛି ।

ନବରଙ୍ଗପୁର , ମୋ: ୯୪୩୭୭୮୫୧୫୮

# ପୋଷ୍ୟ ପ୍ରାଣୀ ବଦଳାନ୍ତି ମାନସିକ ପୀଡ଼ା

## ଡା. ସମ୍ରାଟ କର

> ଗ୍ରାମ୍ୟ ଜୀବନରେ ଆପଣଙ୍କ ଗାଇଗୋରୁ ବାଛୁରୀ ଏପରିକି ପୋଷା ପକ୍ଷୀମାନେ କିପରି ସଯତ୍ନ ଭଲପାଇବା ଓ ବିଶେଷକରି ଗୋରୁ ଗାଇମାନେ ମଣିଷ ମୁହଁରେ ଶ୍ରଦ୍ଧେୟ ଅନାବିଳର ଯେଉଁ ମହାର୍ଘ ମୁହଁ ଘଷା ସ୍ନେହ ପ୍ରଦାନ କରିଥାନ୍ତି ତାହା ଅନେକଙ୍କର ସ୍ମରଣୀୟ ଥିବ । ମାନସିକ ସ୍ୱାସ୍ଥ୍ୟ ଚିକିତ୍ସାରେ ପୋଷ୍ୟ ପ୍ରାଣୀମାନଙ୍କୁ ଆଦର ଯତ୍ନ କଲାବେଳେ ସର୍ବପ୍ରଥମେ ସେମାନଙ୍କୁ ପରିଷ୍କାର ପରିଚ୍ଛନ୍ନ ରଖନ୍ତୁ । ପୀଡ଼ିତର ପରିବାର ବର୍ଗଙ୍କ ଏପରି କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ସହଯୋଗ ଓ ପ୍ରେରଣା ରହିଛି ।

କୁହୁଡ଼ିଭରା ସକାଳୁ ସେ ଦିନ ବନ୍ଧୁ ବିରଞ୍ଚି ସୁଦୂର ଜାପାନରୁ ଫୋନ କରିଥିଲେ । ସେ ତାଙ୍କର ଜଣେ ପରିଚିତଙ୍କ ମାନସିକ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ପ୍ରସଙ୍ଗ ନେଇ ମୋ ସହ ପରାମର୍ଶ ଚାହିଁଥିଲେ । ତାଙ୍କ କହିବା ମୁତାବକ ସେ ରହୁଥିବା ଆପାର୍ଟମେଣ୍ଟରେ ତାଙ୍କର ଜଣେ ପରିଚିତ ବନ୍ଧୁ ଯାହାଙ୍କର ଦୀର୍ଘ ଦିନ ଧରି ମାନସିକ ସମସ୍ୟା ଥିଲା ସେ କିଛି ଦିନ ହେବ କିଛି ଘରୋଇ ପୋଷା କୁକୁରଙ୍କ ସହ ଆଶ୍ଚର୍ଯ୍ୟଜନକ ଭାବେ ସମୟ କାଟୁଛନ୍ତି । ଏହାର ପରବର୍ତ୍ତୀ ସମୟରେ ତାଙ୍କୁ ମାନସିକ ଭାବେ ସୁସ୍ଥକର ଲାଗୁଛି ବୋଲି ତାଙ୍କ ପରିବାରବର୍ଗ ଅନୁଭବ ମଧ୍ୟ କରୁଛନ୍ତି । ମୁଁ ବନ୍ଧୁ ବିରଞ୍ଚିଙ୍କୁ ବ୍ୟସ୍ତ ନ ହୋଇ ମୁଁ କହିଲି ଆମ ମାନସିକ ଚିକିତ୍ସା ବିଜ୍ଞାନ ଭାଷାରେ ଏହାକୁ କୁହାଯାଏ 'ଆନିମଲ ଆସିଷ୍ଟେଡ୍ ଥେରାପି' । ଏହାକୁ ଅଷ୍ଟାଦଶ ଶତାବ୍ଦୀର ଶେଷ ଭାଗରେ ଇଂଲଣ୍ଡର ଇୟର୍କ ରିଟ୍ରିଟ୍ ମନୋରୋଗ ପୁନର୍ବାସନ କେନ୍ଦ୍ରରେ ପରୀକ୍ଷାମୂଳକ ଭାବେ ଆରମ୍ଭ କରାଯାଇ ବେଶ୍ ସଫଳତା ପାଇବା ପରେ ଉନ୍ନବିଂଶ ଶତକରେ ଇଂଲଣ୍ଡ ଓ ଆମେରିକାର କେବଳ ସରକାରୀ ନୁହେଁ ଘରୋଇ ମାନସିକ ଚିକିତ୍ସା ପ୍ରତିଷ୍ଠାନ ଓ ନିରାମୟ କେନ୍ଦ୍ରରେ ଏହା କାର୍ଯ୍ୟକାରୀ ହେଲା । ପରେ ଅର୍ଥାତ୍ ୧୯୪୪ ବେଳକୁ ଯାହାକୁ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟ କୁହାଯାଏ ସେ ସମୟରେ ରେଡ଼କ୍ରସ ସଂସ୍ଥାର ଆମେରିକାନ ପ୍ରଶିକ୍ଷଣପ୍ରାପ୍ତ ପୋଷ୍ୟ ପ୍ରାଣୀମାନେ ଡାକ୍ତରଖାନାରେ ମାନସିକ ଭାବେ ଗୁରୁତର ହୋଇଥିବା ଓ ଅସୁସ୍ଥ ହୋଇଥିବା ବର୍ଗଙ୍କ ପାଇଁ ଉପଶମର ବଡ଼ ସହାୟକ ପାଲଟିଥିଲେ ।

୧୯୭୭ ମସିହାରେ ବିଶିଷ୍ଟ ମନୋବିଜ୍ଞାନୀ ଲିଓ କେ ବୁଷ୍ଟାର୍ଡ଼ ଏବଂ ମାଇକେଲ ଚିଜ ମ୍ୟାକୁଲକ ଆମେରିକାର ଓରିଗନ ରାଜ୍ୟର ପୋର୍ଟଲ୍ୟାଣ୍ଡ ସହରରେ ପ୍ରତିଷ୍ଠା କରିଥିଲେ, ଡେଲା ସୋସାଇଟି ଯାହାର ଉଦ୍ଦେଶ୍ୟ ହେଲା ପୋଷ୍ୟ ପ୍ରାଣୀଙ୍କୁ ଉପଯୁକ୍ତ ପ୍ରଶିକ୍ଷଣ ଦେଇ ସେମାନଙ୍କ ସାହାଯ୍ୟରେ ମାନସିକ ଭାରସାମ୍ୟହୀନ ରୋଗୀ ମାନଙ୍କୁ ଆରୋଗ୍ୟ କରାଇବା ।

ବିଂଶ ଶତାବ୍ଦୀରେ ଏହାଥିଲା ଡିମେନସିଆ ବା ସ୍ମୃତିହୀନ, ଆଲଜିମରସଜାତୀୟ ମାନସିକ ରୋଗ ଆକ୍ରାନ୍ତ ବୟସ୍କ ବ୍ୟକ୍ତି, ପୋଷ୍ଟ ଟ୍ରମାଟିକ ଷ୍ଟ୍ରେସ ଡିସଅର୍ଡ଼ର, ଗୁରୁତର ଆଘାତ ପ୍ରାପ୍ତିର ପରବର୍ତ୍ତୀ ଅବସ୍ଥାରେ ମାନସିକ ଚାପବୃଦ୍ଧି ଜଡ଼ିତ ବ୍ୟାଧିରେ ଆକ୍ରାନ୍ତ ଏବଂ ଅବସରପ୍ରାପ୍ତ ସୈନିକ ଓ ଅଟିଜିମ୍ ଆକ୍ରାନ୍ତ ଶିଶୁମାନଙ୍କ ଠାରେ ମନୋରୋଗ ଉପଶମର ଅନ୍ୟତମ ବୃହତ ପ୍ରତିଷ୍ଠାନ । ଯାହାକି ୨୦୧୨ ମସିହାରେ ପୋଷ୍ୟ ସାଥି ବା ପେଟ ପାର୍ଟନସ ଭାବେ ନୂଆ ନାମରେ ନାମିତ ହୋଇଥିଲା । ତେବେ କାଲିଫର୍ଣ୍ଣିଆ ବିଶ୍ୱବିଦ୍ୟାଳୟର ବିଖ୍ୟାତ ଗବେଷକ କୋଲେଙ୍କ ମତ ଅନୁଯାୟୀ ମାନସିକ, ଶାରୀରିକ ଏପରିକି ମନୋ ସାମାଜିକ ଅବସ୍ଥାର ଉପଶମ ଓ ଉନ୍ନତି ବିଧାନ ପାଇଁ ପୋଷ୍ୟଭିତ୍ତିକ ଥେରାପି ଚିକିତ୍ସା ବିଜ୍ଞାନର ଏକ ଗୁରୁତ୍ୱପୂର୍ଣ୍ଣ ଓ ଅବିଚ୍ଛେଦ୍ୟ ଅଙ୍ଗ ଭାବେ ପରିଚିତ ହେଉଛନ୍ତି ।

ଆମେ ସାଧାରଣରେ ଦେଖିଛେ ବିରାଡି ହୁଅନ୍ତୁ ବା କୁକୁର, ଗୋରୁ ଗାଇଙ୍କ ଠାରୁ ପକ୍ଷୀ, ଘୋଡ଼ା ହୁଅନ୍ତୁ ବା ଠେକୁଆ ଏପରିକି ଡଲଫିନମାନଙ୍କୁ ମଧ୍ୟ ସ୍ୱତନ୍ତ୍ର ଭାବେ ପ୍ରଶିକ୍ଷିତ କରି ସେମାନଙ୍କୁ ମାନସିକ ପୀଡିତଙ୍କ ଶାରୀରିକ ସୁସ୍ଥତା ଓ ସମୟ ଅତିବାହିତ କରି ସେମାନଙ୍କୁ ମାନସିକ ଭାବେ ଆନନ୍ଦ ପ୍ରଦାନ କରିବା ପାଇଁ ପ୍ରୋତ୍ସାହନ ଦିଆଯାଉଛି । ଏହି ମର୍ମରେ ଓୟେସ୍ଟ ଜର୍ଣ୍ଣାଲ ଅଫ ନର୍ସିଂ ରିସର୍ଚ୍ଚ ପ୍ରତିକାଟିକୁ ଏଠାରେ ଉପସ୍ଥାପନ କରୁଛୁ । ସେଠାରେ ଉଲ୍ଲେଖ ରହିଛି ଯେ ମାନସିକ ରୋଗାକ୍ରାନ୍ତ ହୁଅନ୍ତୁ ବା ପୀଡ଼ିତ ସେମାନଙ୍କର ପୁନର୍ବାସ କେନ୍ଦ୍ରରେ ରହିଥିବା ଆକ୍ୟୁରିୟମ ରଙ୍ଗୀନ ମାଛ ହେଉ ବା ଡଲଫିନର ଆନନ୍ଦମୟ ସନ୍ତରଣ ଦୃଶ୍ୟ ସେମାନଙ୍କୁ ଉଲ୍ଲସିତ ଓ ଆନନ୍ଦିତ କରିଥାଏ । ସଂପ୍ରତି ଆମେରିକା ବ୍ୟତୀତ ନେଦରଲ୍ୟାଣ୍ଡ, ସୁଇଜରଲ୍ୟାଣ୍ଡ ଓ ବେଲଜିୟମରେ ପଶୁ ମାନଙ୍କ ସହିତ ଆଲିଙ୍ଗନ ଜନିତ ଚିକିତ୍ସା ପଦ୍ଧତିକୁ ପ୍ରୋତ୍ସାହିତ କରାଯାଉଛି । ଏହାକୁ ମାନସିକ ଉପଶମ ପାଇଁ ବିଶେଷକରି ପ୍ରିଜିନ ପେଟ ପାର୍ଟନସିପ ପୋଗ୍ରାମ ମାଧ୍ୟମରେ କାରାଗାରର ବନ୍ଦୀମାନେ ପୋଷ୍ୟପ୍ରାଣୀଙ୍କ ପ୍ରଶିକ୍ଷଣ ଦେଇ ମାନସିକ ରୋଗୀମାନଙ୍କ ରୋଗ ନିରାମୟରେ ସାହାଯ୍ୟ କରୁଛନ୍ତି ।



ଭାରତ ମଧ୍ୟ ଏ କ୍ଷେତ୍ରରେ ପଛୁଆ ନାହିଁ । ଏହି ପ୍ରଚେଷ୍ଟା ମଧ୍ୟ ଆରମ୍ଭ ହୋଇଗଲାଣି । ପ୍ରଶିକ୍ଷିତ ପୋଷ୍ୟଜନ୍ତୁ ମାନଙ୍କ ସାହାଯ୍ୟରେ ମାନସିକ ସ୍ୱାସ୍ଥ୍ୟ ପୁନରୁଦ୍ଧାର ପରି ସେବା ପ୍ରଚଳନ ପାଇଁ କାର୍ଯ୍ୟରତ ରହିଛି ଆନିମଲ ଆଞ୍ଜେଲସ ଫାଉଣ୍ଡେସନ ଓ ମାନିବ ଫାଉଣ୍ଡେସନ, ମୁମ୍ବାଇ, ଓୟେରାଭିଲେ, ବେଙ୍ଗାଲୁର୍ ଏବଂ ଫାର ବଲ ଷ୍ଟୋରୀ, ଦିଲ୍ଲୀ । ପ୍ରଥମ ଓ ଚତୁର୍ଥ କେନ୍ଦ୍ରରେ ପୋଷ୍ୟ ପ୍ରାଣୀ କୁକୁର, ଦ୍ୱିତୀୟ କେନ୍ଦ୍ରରେ ବିରାଡ଼ି ଏବଂ ତୃତୀୟ କେନ୍ଦ୍ରରେ ପୋଷ୍ୟ ହେଉଛି ଘୋଡ଼ା । ଜର୍ଣ୍ଣାଲ ଅଫ ସାଇକୋସୋମାଟିକ ରିସର୍ଚ୍ଚ ପତ୍ରିକାରେ ୨୦୦୦ ମସିହାରେ ପ୍ରକାଶିତ ଗବେଷଣା ନିବନ୍ଧରେ ମନୋବିଜ୍ଞାନୀ ଜେ.ଏସ୍. ଓଡେଣ୍ଡାଲ ଉଲ୍ଲେଖ କରିଛନ୍ତି ମାନସିକ ରୋଗୀ ଏବଂ ପୋଷ୍ୟମାନଙ୍କ ଶାରୀରିକ ସାକ୍ଷାତରେ ସେମାନଙ୍କ ଉଭୟଙ୍କର ଦେହରେ ନିଉରୋକେମିକାଲ କ୍ଷରଣରେ ତାତ୍ପର୍ଯ୍ୟପୂର୍ଣ୍ଣ ପରିବର୍ତ୍ତନ ସଂଘଟିତ ହୋଇଥାଏ, ଯାହା ସେମାନଙ୍କ ମଧ୍ୟରେ ପାରସ୍ପରିକ ସୌହାର୍ଦ୍ଦ୍ୟପୂର୍ଣ୍ଣ ସମ୍ପର୍କ ସ୍ଥାପନରେ ସହାୟକ ଏବଂ ରୋଗୀର ରୋଗମୁକ୍ତରେ ଅତ୍ୟନ୍ତ ଫଳପ୍ରଦ । ମାସାନୁସେଟସ ଜେନେରାଲ ହସ୍ପିଟାଲର ଗବେଷକ ଡାକ୍ତର ଲରିସ ଏସ ପଲଙ୍କ ମତରେ ସିଜୋଫ୍ରେନିଆ, ଅଲଜିମରସ, ଡିମେନସିଆ, ମ୍ୟାନିକ ଡିପ୍ରେସନ ପ୍ରଭୃତି ମାନସିକ ରୋଗାକ୍ରାନ୍ତ ବ୍ୟକ୍ତିମାନଙ୍କ ସହିତ ପ୍ରଶିକ୍ଷଣ ପ୍ରାପ୍ତ ପ୍ରାଣୀମାନଙ୍କର ନିବିଡ଼ ସଂଯୋଗ ଫଳରେ ସେମାନଙ୍କ ଶରୀରରେ ନିଉରୋଟ୍ରାନ୍ସମିଟର ସିରୋଟାନିନ୍ ଏବଂ ଏଣ୍ଡୋରଫିନର କ୍ଷରଣମାତ୍ରା ବୃଦ୍ଧି ହେବା ସଙ୍ଗେ ସଙ୍ଗେ ଷ୍ଟ୍ରେସହରମୋନ କର୍ଟିସଲ ଓ ଆଡ୍ରେନାଲିନର କ୍ଷରଣମାତ୍ରା ହ୍ରାସ ପାଏ, ଫଳରେ ସେମାନଙ୍କ ଠାରେ ଅନେକାଂଶରେ ଦୂରୀଭୂତ ହୋଇଯାଏ ମାନସିକ ଅବସାଦ ଓ ଶାରୀରିକ ଅବସନ୍ନତା ।

ସାଧାରଣତଃ ପୋଷ୍ୟ ପ୍ରାଣୀ ମାନଙ୍କ ସହ ମାନସିକ ପୀଡ଼ିତମାନେ ସମୟ ଅତିବାହିତ କରିବା ଦ୍ୱାରା ସେମାନଙ୍କ ଠାରେ ଇମ୍ୟୁନୋଗ୍ଲୋବୁ୍ଲିନର ମାତ୍ରା ବଢ଼ିଥାଏ । ଆମେରିକାନ ହାର୍ଟ ଆସୋସିଏସନର ତଥ୍ୟ ଅନୁଯାୟୀ ପୋଷ୍ୟ ପ୍ରାଣୀ ଭିତ୍ତିକ ଚିକିତ୍ସା ମଧ୍ୟ ଫଳପ୍ରଦ ହୋଇଥାଏ । ରିପୋର୍ଟ ଅନୁଯାୟୀ ପୋଷ୍ୟପ୍ରାଣୀଙ୍କ ସହ ସୁମଧୁର ଆଳାପ ବା ସମୟ ଅତିବାହିତ କରିବା ଦ୍ୱାରା ରକ୍ତରେ ଆଡ୍ରେଲିନ ହରମୋନର ମାତ୍ରା ୧୭ ଶତାଂଶ କମିଯାଉଛି, ହୃତ୍‌ପିଣ୍ଡ ସ୍ଥିତ ବାମ ଅଳିନ୍ଦର ରକ୍ତଚାପ ଦଶ ଶତାଂଶ ପ୍ରଶମିତ ହୋଇଯାଉଛି ଯାହାଦ୍ୱାରା ହୃଦ୍‌ରୋଗରେ ଆକ୍ରାନ୍ତ ବ୍ୟକ୍ତିଙ୍କ ଠାରେ ରୋଗ ଜନିତ ଉଦ୍‌ବେଗ ୨୪ ଶତାଂଶ ହ୍ରାସ ଘଟୁଛି । ଏହି ମର୍ମରେ ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥାର ତଥ୍ୟ ଅନୁଯାୟୀ ଦେଢ଼ଶହ ମିନିଟରେ ହାଲକା ଶାରୀରିକ ପରିଶ୍ରମ ଦ୍ୱାରା ଜଣେ ଯେଉଁ ସ୍ୱାସ୍ଥ୍ୟଗତ ଫାଇଦା ବା ଉପଶମ ପାଇଥାଏ ତାହା ଦିନକୁ ଦୁଇଥର ନିଜ ପୋଷା କୁକୁର ସହ ପ୍ରଶସ୍ତ ଜାଗାରେ ଚଲାବୁଲା କଲେ ସମାନ ଫଳପ୍ରଦ କରିଥାଏ । ତେବେ ଏହି ଗବେଷଣାର ଅନ୍ୟ ଏକ ତଥ୍ୟ ମଧ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ତାହା ହେଉଛି ଆପଣ ପୋଷା ଆଦରର କୁକୁରଟି ଆପଣଙ୍କ ସହ ଯେଉଁ ସଯତ୍ନ ସ୍ନେହ ଆଦର ଓ ଯତ୍ନବତ ଭାବ ପ୍ରବଣତା ଆପଣଙ୍କୁ ପ୍ରଦାନ କରିଥାଏ ତାହା ଜଣେ ମାନସିକ ପୀଡ଼ିତର ଶରୀରରେ ଅକ୍ସିଟୋସିନ ଓ ପ୍ରୋଲାକ୍ଟିନ ହରମୋନର କ୍ଷରଣକୁ ଶରୀରରେ ବଢ଼ାଇ ଦେଇଥାଏ ଯାହା ଜଣଙ୍କୁ ବିଶେଷକରି ସଂପୃକ୍ତ ମାନସିକ ପୀଡ଼ିତଜଣଙ୍କୁ କ୍ରୋଧ ସମ୍ବରଣ ଓ ଆବେଗ ପରିବର୍ତ୍ତନରେ ତାଙ୍କ ମାନସିକ କ୍ଷତକୁ ଉପଶମ କରି ଜୀବନ ଛନ୍ଦକୁ ଆନନ୍ଦମୟ କରିବାର ପ୍ରେରଣା ଦେଖାଇଥାଏ । ଆପଣ ଅନୁଭବ କରୁଥିବେ ପୋଷ୍ୟ ପ୍ରାଣୀମାନେ ବାସ୍ତବିକ କେବଳ ମାନସିକ ପୀଡ଼ିତ ମାନଙ୍କ ପାଇଁ ନୁହେଁ, ବରଂ ସାମଗ୍ରିକ ଭାବେ ଜଣଙ୍କ ଜୀବନ ଆନନ୍ଦମୟ ଗଢ଼ି ତୋଳିବାରେ ଯେଉଁ ଅତୁଟ ଅମାପ ଓ ନିଃସ୍ୱାର୍ଥପର ସେବା ସହଯୋଗ, ଭଲପାଇବା ଦେଇଥାଏ ତାହା ସ୍ମରଣୀୟ । ଭୁବନେଶ୍ୱରର ଏକ ଘଟଣା ମନେପକାଇ ଦେଉଛି । ଏକ ପୋଷ୍ୟ କୁକୁର ଘରକୁ ଆସୁଥିବା ବିଷାକ୍ତ ସାପକୁ ମାଲିକର ଜୀବନ ବଞ୍ଚାଇବା ପାଇଁ ନିଜେ ଲଢ଼ି ଜୀବନକୁ ଉତ୍ସର୍ଗ କରିଥିଲା । ଏପରି ଅନେକ ଘଟଣା ଆମ ମାନଙ୍କର ହାତ ପାଆନ୍ତାରେ ରହିଛି । ଗ୍ରାମ୍ୟ ଜୀବନରେ ଆପଣଙ୍କ ଗାଇଗୋରୁ ବାଛୁରୀ ଏପରିକି ପୋଷା ପକ୍ଷୀମାନେ କିପରି ସଯତ୍ନ ଭଲପାଇବା ଓ ବିଶେଷକରି ଗୋରୁ ଗାଇମାନେ ମଣିଷ ମୁହଁରେ ଶ୍ରଦ୍ଧେୟ ଅନାବିଳର ଯେଉଁ ମହାର୍ଘ ମୁହଁ ଘଷା ସ୍ନେହ ପ୍ରଦାନ କରିଥାନ୍ତି ତାହା ଅନେକଙ୍କର ସ୍ମରଣୀୟ ଥିବ । ମାନସିକ ସ୍ୱାସ୍ଥ୍ୟ ଚିକିତ୍ସାରେ ପୋଷ୍ୟ ପ୍ରାଣୀମାନଙ୍କୁ ଆଦର ଯତ୍ନ କରିବାବେଳେ ସର୍ବପ୍ରଥମେ ସେମାନଙ୍କୁ ପରିଷ୍କାର ପରିଚ୍ଛନ୍ନ ରଖନ୍ତୁ । ପୀଡ଼ିତର ପରିବାର ବର୍ଗଙ୍କ ଏପରି କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ସହଯୋଗ ଓ ପ୍ରେରଣା ରହିଛି ।

**ମାନସିକ ରୋଗ ବିଶେଷଜ୍ଞ,**
**ମୋ- : ୯୧୩୨୪୩୩୩୩୩**

# ଭାରତ ବିରୋଧୀଙ୍କ ସଫେଇ

## ସୌମେନ୍ଦ୍ର ଜେନା

> ବିଦେଶରେ ରହୁଥିବା ଭାରତୀୟମାନେ ସେମାନଙ୍କ ବୁଦ୍ଧିମତ୍ତା, କର୍ତ୍ତବ୍ୟନିଷ୍ଠା ଓ ପରିଶ୍ରମ ଯୋଗୁଁ ପୃଥିବୀର ବହୁ ବଡ ବଡ କମ୍ପାନୀର ନେତୃତ୍ୱ ନେଉଥିବା ସମୟରେ ବିଶ୍ୱର ଅନେକ ଦେଶରେ ପ୍ରଭାବଶାଳୀ ଗୋଷ୍ଠୀ ଭାବେ ଛିଡା ହୋଇଛନ୍ତି, ଯାହାକି ସେଠାକାର ସ୍ଥାନୀୟ ଅକ୍ଷଦକ୍ଷ ଏବଂ ପ୍ରତିଯୋଗିତାରେ ପଛରେ ରହିଯାଉଥିବା ଲୋକଙ୍କ ପାଇଁ ଗାତ୍ରଦାହର କାରଣ ହୋଇଛି । ଆମେରିକା, ବ୍ରିଟେନ, ଜର୍ମାନୀ, କାନାଡା, ଅଷ୍ଟ୍ରେଲିଆ, ୟୁରୋପ, ଆଫ୍ରିକା ଆଦି ଦେଶ ଓ ମହାଦେଶରେ ଭାରତୀୟମାନେ ସବୁକ୍ଷେତ୍ରରେ ପ୍ରବେଶକରି ନିଜ ଦକ୍ଷତାର ପ୍ରଦର୍ଶନ କଲାବେଳେ ବିରୋଧର ସମ୍ମୁଖୀନ ହୋଇଛନ୍ତି ।

ଏକବିଂଶ ଶତାବ୍ଦୀ ଭାରତର ଶତାବ୍ଦୀ ହେବ ବୋଲି ଯାହା କୁହାଯାଉଛି ତାହା ପ୍ରକୃତରେ ସତ ହେବାକୁ ଯାଉଛି । ଏଥିରେ ଭିନ୍ନ ଭିନ୍ନ ପକ୍ଷ ରହିଛି । ଭାରତକୁ ଗୌରବଶାଳୀ କରି ଗଢି ତୋଳିବାରେ ପ୍ରଧାନମନ୍ତ୍ରୀଙ୍କ ୧୯୪୭ରେ 'ବିକଶିତ ଭାରତ'ସ୍ୱପ୍ନ ତାର ଏକ ଉଦାହରଣ । ଏହିପରି ବିବିଧ ପ୍ରୟାସକ୍ରମେ ଭାରତ ଯେ ବିଶ୍ୱରେ ଅଗ୍ରଣୀ ହେବ ତାହା ନିଃସନ୍ଦେହରେ କୁହାଯାଇପାରେ । ଏହାର ସୂଚନା ଏବେ ଦେଶ ଓ ଦେଶ ବାହାରେ ବିରୋଧୀଙ୍କର ସକ୍ରିୟତାରୁ ଜଣାପଡୁଛି । କୁହାଯାଏ ଯେ ପ୍ରଥମେ ବିଷୟକୁ ଅଣଦେଖା କରାଯାଏ, ପରେ ବିରୋଧ କରାଯାଏ, ଶେଷରେ ସ୍ୱୀକୃତି ପ୍ରଦାନ କରାଯାଇଥାଏ । ଭାରତ ଏବେ ମଧ୍ୟମ ସୋପାନରେ ରହିଛି । ସ୍ୱାଧୀନତା ପୂର୍ବ ଏବଂ ସ୍ୱାଧୀନତାର ପରବର୍ତ୍ତୀ ୭୦ବର୍ଷ କାଳ ପର୍ଯ୍ୟନ୍ତ ଭାରତକୁ ପଛୁଆ, ଅବିକଶିତ, ଦରିଦ୍ର ଏମିତି କେତେକଣ ବିଶେଷଣରେ ସମ୍ବୋଧନ କରାଯାଉଥିଲା । କିନ୍ତୁ ଗତ ଦଶବର୍ଷ ମଧ୍ୟରେ ଭାରତୀୟମାନେ ଦେଶ ଭିତରେ ଏବଂ ଦେଶ ବାହାରେ ଯେପରି ସବୁ କ୍ଷେତ୍ରରେ ନିଜର ଦକ୍ଷତା ପ୍ରଦର୍ଶନ କରିଛନ୍ତି,ତାହା ସେମାନଙ୍କ ନେତୃତ୍ୱର ପରାକାଷ୍ଠାକୁ ପ୍ରତିପାଦିତ କରିଛି ।

ବିଦେଶରେ ରହୁଥିବା ଭାରତୀୟମାନେ ସେମାନଙ୍କ ବୁଦ୍ଧିମତ୍ତା, କର୍ତ୍ତବ୍ୟନିଷ୍ଠା ଓ ପରିଶ୍ରମ ଯୋଗୁ ପୃଥିବୀର ବହୁ ବଡ ବଡ କମ୍ପାନୀର ନେତୃତ୍ୱ ନେଉଥିବା ସମୟରେ ବିଶ୍ୱର ଅନେକ ଦେଶରେ ପ୍ରଭାବଶାଳୀ ଗୋଷ୍ଠୀ ଭାବେ ଛିଡା ହୋଇଛନ୍ତି, ଯାହାକି ସେଠାକାର ସ୍ଥାନୀୟ ଅକ୍ଷଦକ୍ଷ ଏବଂ ପ୍ରତିଯୋଗିତାରେ ପଛରେ ରହିଯାଉଥିବା ଲୋକଙ୍କ ପାଇଁ ଗାତ୍ରଦାହର କାରଣ ହୋଇଛି । ଆମେରିକା, ବ୍ରିଟେନ, ଜର୍ମାନୀ, କାନାଡା, ଅଷ୍ଟ୍ରେଲିଆ, ୟୁରୋପ, ଆଫ୍ରିକା ଆଦି ଦେଶ ଓ ମହାଦେଶରେ ଭାରତୀୟମାନେ ସବୁକ୍ଷେତ୍ରରେ ପ୍ରବେଶକରି ନିଜ ଦକ୍ଷତାର ପ୍ରଦର୍ଶନ କଲାବେଳେ ବିରୋଧର ସମ୍ମୁଖୀନ ହୋଇଛନ୍ତି । ବର୍ଣ୍ଣ ବୈଷମ୍ୟଗତ ଘୃଣା, ସ୍ଥାନୀୟ ଲୋକଙ୍କ ଘୃଣା କିମ୍ବା ରାଜନୈତିକ ଷଡଯନ୍ତ୍ରର ଶିକାର ହେଉଛନ୍ତି । ଏଭଳି ପରିସ୍ଥିତିରେ ଅତୀତରେ ଅନେକ ରାଷ୍ଟ୍ରରେ ଭାରତୀୟମାନେ ନିଜ ଘରଦ୍ୱାର, ବ୍ୟବସାୟ ଛାଡିବାକୁ ବାଧ୍ୟ ହୋଇଛନ୍ତି । ସେହିଧାରା ଏବେ ମଧ୍ୟ ଜାରି ରହିଛି, ଯାହା ଆମେ ପଡୋଶୀ ରାଷ୍ଟ୍ର ନେପାଳ, ଶ୍ରୀଲଙ୍କା, ବଙ୍ଗଳାଦେଶ, ୟୁରୋପ, ଆଫ୍ରିକାର ଦେଶମାନଙ୍କରେ ଦେଖୁଛେ । ଅନ୍ୟ ଏକ ପ୍ରକାରେ ଭାରତୀୟଙ୍କୁ ଭାରତରେ ବିରୋଧ କରାଯିବା ପରି ଏକ ବିଚାର ଏବେ ଜୋର ଧରିବା ଦେଖାଯାଉଛି । ଦେଶ ଭିତରେ ଥିବା ଲୋକେ ବିଦେଶୀଙ୍କ ଅର୍ଥ ଓ ସ୍ୱାର୍ଥରେ ଦେଶର ବିଧି ଓ ବ୍ୟବସ୍ଥା, ଶାସନଧାରା, ଅର୍ଥନୀତି ଉପରେ ପ୍ରଶ୍ନବାଚୀ ସୃଷ୍ଟି କରି ଅଯଥା ସନ୍ଦେହର ବାତାବରଣ ଭିତରେ ଲୋକମତକୁ ବିଭାଜିତ କରିବାର ବାଟ ଖୋଜୁଛନ୍ତି । ଆମେରିକାର ଜର୍ଜ ସୋରୋସଙ୍କ ଓପନ ସୋସାଇଟି ଫାଉଣ୍ଡେସନ ନାମକ ସଂସ୍ଥା ଏହି କାର୍ଯ୍ୟ କରୁଛି । ମାନବାଧିକାର ଏବଂ ଗଣତନ୍ତ୍ରର ସୁରକ୍ଷା କରିବା ଦ୍ୱାହି ଦେଇ ଏହି ସଂସ୍ଥା ବିକାଶଶୀଳ ଦେଶଗୁଡିକରେ ସରକାର ଭାଙ୍ଗିବା ଏବଂ ଅର୍ଥନୀତିକୁ ଦୁର୍ବଳ କରିବାରେ ଲାଗିପଡିଛି । ଆମେରିକାର ଡେମୋକ୍ରାଟ ଦଳର ସମର୍ଥକ ସୋରୋସଙ୍କ ସଂସ୍ଥା ପୃଥିବୀର ୧୨୦ଟି ଦେଶରେ ଅର୍ଥ ପ୍ରଦାନ କରି ସପକ୍ଷବାଦୀ ଦଳକୁ ସରକାରକୁ ଆଣିବାକୁ ଷଡଯନ୍ତ୍ର ଚଳାଇଛି । ହଙ୍ଗେରୀର ଏକ ଇହୁଦୀ ପରିବାରରେ ଜନ୍ମିତ ସୋରୋସ ପରବର୍ତ୍ତୀ କାଳରେ ସେୟାର ବଜାରରେ ଜାଲିଆତି ଏବଂ ରାଜନୈତିକ ହସ୍ତକ୍ଷେପରୁ ବହୁ ଅର୍ଥ ରୋଜଗାର କରିଛନ୍ତି । ସେଥିପାଇଁ ଜାତିସଂଘରେ ଇସ୍ରାଏଲର ପ୍ରତିନିଧି ସୋରୋସଙ୍କୁ ସନ୍ତ୍ରାସବାଦୀ ଗୋଷ୍ଠୀ ହାମାସର ସମର୍ଥକ କହି ସମାଲୋଚନା କରିଥିଲେ । ଭାରତରେ ସେ ମୋଦି ବିରୋଧୀ ପ୍ରଚାର କରିବାକୁ ତିସ୍ତା ଶିତଲୱାଡଙ୍କ ପରି ଲୋକଙ୍କୁ ଅର୍ଥ ପ୍ରଦାନ କରିଥିଲେ,ଯାହା ପୂର୍ବରୁ ପ୍ରମାଣିତ ହୋଇସାରିଛି । ତିସ୍ତାଙ୍କ ସଂପତ୍ତି ଏବଂ ସଂପର୍କକୁ ନେଇ ଅତୀତରେ ଅନେକ ଆଲୋଚନା ହୋଇଛି । ଏପରିକି ଅଦାଲତରେ ମଧ୍ୟ ଏହି ବିଷୟ ଆସିଛି । ନିକଟରେ ଚନ୍ଦନ ଗୁପ୍ତା ହତ୍ୟାକାଣ୍ଡ ଘଟଣାରେ ଉତ୍ତର ପ୍ରଦେଶରେ ୨୮ଜଣଙ୍କୁ ଆଜୀବନ କାରବାସ ଦଣ୍ଡ ଦେବାବେଳେ ଖୋଦ୍ ଜଜ୍ ପଚାରିଛନ୍ତି ଯେ ଅପରାଧୀମାନଙ୍କ ପାଖକୁ ଏତେ ପଇସା କେଉଁଠୁ ଆସୁଛି । ଏମାନଙ୍କ ପାଇଁ ଏତେ ବଡ ବଡ ଓକିଲ କେଉଁଠୁ ଆସୁଛନ୍ତି ? ଏ ବିଷୟରେ ସରକାର ଅନୁସନ୍ଧାନ କରିବା ଦରକାର । ୩ ଜାନୁଆରୀ ୨୦୨୫ରେ ରାଷ୍ଟ୍ରୀୟ ଅନୁସନ୍ଧାନ ସଂସ୍ଥାର (ଏନ୍.ଆଇ.ଏ) ଅଦାଲତରେ ଲକ୍ଷ୍ନୌ ଜିଲ୍ଲା ଜଜ୍ ବିବେକାନନ୍ଦ ସରଣ ତ୍ରିପାଠୀ ୨୬ଜାନୁଆରୀ ୨୦୧୮ରେ କାସ୍‌ଗଞ୍ଜର ତ୍ରିରଙ୍ଗା ଶୋଭାଯାତ୍ରାବେଳେ ବିଦ୍ୟାର୍ଥୀ ପରିଷଦର କାର୍ଯ୍ୟକର୍ତ୍ତା ଚନ୍ଦନଗୁପ୍ତାଙ୍କ ହତ୍ୟା ମାମଲାରେ ବିଚାରକରି ଏହି ରାୟ ଶୁଣାଇଛନ୍ତି । ପ୍ରଥମେ ଏହି ମାମଲା କାସଗଞ୍ଜ ଅଦାଲତରେ ଚାଲିଥିଲା । କିନ୍ତୁ ପରେ ମୃତକଙ୍କ ପିତାଙ୍କ ଉପରେ ହତ୍ୟାକାରୀମାନେ ମାମଲା ଉଠାଇନେବାକୁ ଚାପ ପ୍ରୟୋଗ କରିବାରୁ ଏବଂ କାସଗଞ୍ଜର କିଛି ବରିଷ୍ଠ ଓକିଲ ଅଭିଯୁକ୍ତ ମୁନାଜିରର ପ୍ରଭାବରେ ମାମଲା ଲଢିବାକୁ ମନା କରିବାରୁ ଅଦାଲତ ବଦଳାଇବାକୁ ମହକିଲ ବାଧ୍ୟ ହୋଇଥିଲେ । ହତ୍ୟା ଅଭିଯୁକ୍ତ ମୁନାଜିର ରଫି କାସଗଞ୍ଜରେ ଆତଙ୍କର ବାତାବରଣ ସୃଷ୍ଟିକରିବା ଯୋଗୁ ୧୦ମାର୍ଚ୍ଚ ୨୦୨୨ରେ ତାହା ଇଟାଓ୍ୱାକୁ ବଦଳି କରାଯାଇଥିଲା । କାରଣ ଅଭିଯୁକ୍ତ ନିଜେ ଜଣେ ଓକିଲ ଥିବା ହେତୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା ।

କେବଳ ସେତିକି ନୁହେଁ ମାମଲାର ସାକ୍ଷୀ ତଥା ଚନ୍ଦନର ସାଙ୍ଗ ପ୍ରତୀକ ମାଲୁ ମଧ୍ୟ ହତ୍ୟାକାରୀମାନଙ୍କ ସପକ୍ଷରେ ମତ ଦେବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା । କାରଣ ଇଣ୍ଡିଆନ ଆମେରିକାନ ମୁସଲିମ କାଉନସିଲ, ଜମାତେ ଇସଲାମୀ ପରି ଗୋଷ୍ଠୀ ବଡ ବଡ ଓକିଲଙ୍କୁ କେଉଁଠୁ ଆଣି ଛିଡା କରୁଛନ୍ତି, ସେ ବିଷୟ ନେଇ ଅନୁସନ୍ଧାନ ହେବା ଦରକାର ବୋଲି ସରକାରଙ୍କୁ ଅଦାଲତ କହିଛନ୍ତି । ମୋଦି ବିରୋଧୀ ତିସ୍ତା ଶୀତଲୱାଡଙ୍କ ମାମଲାରେ ମଧ୍ୟ ଏପରି ଦେଖିବାକୁ ମିଳିଥିଲା । ତିସ୍ତା ଜର୍ଜ ସୋରୋସଙ୍କ ଏଜେଣ୍ଟ ଭାବେ ଭାରତରେ କାର୍ଯ୍ୟ କରିଥାନ୍ତି । ତିସ୍ତାଙ୍କ ସମେତ ଅନେକ ସ୍ୱେଚ୍ଛାସେବୀ ସଂଗଠନ ସ୍ୱେଚ୍ଛାରେ ଭାରତର ବିଘଟନ ପାଇଁ ବିଦେଶୀଙ୍କ ସହଯୋଗରେ ଷଡଯନ୍ତ୍ରର ସଂଗଠନକୁ ଭାରତରେ ମଜଭୁତ କରିବାରେ ଲାଗିଛନ୍ତି । ଯେଉଁମାନଙ୍କ ସଫେଇ ଅପରିହାର୍ଯ୍ୟ ହୋଇପଡିଛି । ଦେଶ ଭିତରେ ଥିବା ଇସଲାମିଷ୍ଟ ଗୋଷ୍ଠୀ ଦେଶ ବାହାରେ ଥିବା ଇସଲାମିଷ୍ଟ ଗୋଷ୍ଠୀ ସହ ସାମିଲ ହୋଇ ଭାରତରେ ଦଙ୍ଗା, ପଥରମାଡ, ଲୁଟତରାଜ ପରି କାର୍ଯ୍ୟ ପ୍ରାୟତଃ କରିଆସୁଛନ୍ତି । ଘଟଣା ଅଦାଲତକୁ ଆସିଲେ ମାନବାଧିକାର, ସଂଖ୍ୟାଲଘୁ ଶୋଷଣର ଅଭିଯୋଗ ଆଣି ବିଦେଶୀ ଇସଲାମିଷ୍ଟ ସାମନାକୁ ଚାଲିଆସୁଛନ୍ତି । ଏକଥା ସତ ଯେ ମୋଦୀ ମନମୋହନ ସିଂହ ନୁହନ୍ତି ଯେ ଆନ୍ତର୍ଜାତିକ ଚାପ, ରାଜନୈତିକ ଭୟ ଦେଖାଇ କେହି ତାଙ୍କୁ ବ୍ଲାକମେଲ କରିବ ।

ଆମେରିକା ଓ ୟୁରୋପର ଅର୍ଥ ଦେଶରେ ସରକାର ବିରୋଧୀ ଆନ୍ଦୋଳନ ଛିଡା କରିବାରେ ବିନିଯୋଗ ହେଉଛି । ଏହି ଅର୍ଥ ଶ୍ରୀଲଙ୍କା, ବଙ୍ଗଳାଦେଶରେ ହିଂସାକାଣ୍ଡ ମାଧ୍ୟମରେ ସରକାରକୁ ହଟାଇବାରେ ସହାୟକ ହୋଇଛି । ଅତୀତରେ ଅନେକ ଆରବ ଦେଶରେ ୨୦୧୧ରେ ଆମେରିକା ସମାନ ଢଙ୍ଗରେ ଆନ୍ଦୋଳନ ଓ ଗଣତନ୍ତ୍ରର ଦ୍ୱାହି ଦେଇ ଅସ୍ଥିରତା ସୃଷ୍ଟି କରିଥିଲା । ୨୦୨୪ରେ ମଧ୍ୟ ଜୋ ବାଇଡେନ ତାଙ୍କ ଅର୍ଥପ୍ରଦାନକାରୀ ବନ୍ଧୁ ସୋରୋସଙ୍କୁ ମୋଦି ସରକାରକୁ ହଟାଇବାକୁ ଖୁବ୍ ପ୍ରୟାସ କରିଥିଲେ । ବିକଶିତ ଭାରତ, ସମୃଦ୍ଧ ଭାରତର ପ୍ରୟାସରେ ଗାତ୍ରଦାହ ହେଲାପରି ଅନୁଭବ କରୁଥିବା ଭାରତ ବିରୋଧୀ ଗୋଷ୍ଠୀଙ୍କୁ ଦେଶ ଭିତରେ ଏବଂ ଦେଶ ବାହାରେ ମୋଦି ସରକାର ସାମ୍ନା କରିବାକୁ ପ୍ରୟାସ ଜାରି ରଖିଛନ୍ତି । ସେମାନଙ୍କ ସଫେଇ ମଧ୍ୟ କରୁଛନ୍ତି ।

ଭାରତୀୟ ସମ୍ବାଦ ସେବା (ଭାସ୍)
ଭୁବନେଶ୍ୱର-୭୫୧୦୦୩

# ବୌଦ୍ଧ ବିଜୁ ପଟ୍ଟନାୟକ ଆଦର୍ଶ କୃଷି ବଜାରରେ ରାସ୍ତାରେ ବସୁଛି ପସରା, ପିଣ୍ଡି ପଡିଛି ଖାଲି



ବୌଦ୍ଧ,୧୫।୧(ନିପ୍ର); ବୌଦ୍ଧ ସହରର ମୁଖ୍ୟସ୍ଥଳ ବୌଦ୍ଧ-ମର୍ଜାକୁଦ ସେତୁ ନିକଟରେ ବୌଦ୍ଧ ନିୟନ୍ତ୍ରିତ ବଜାର କମିଟି ପକ୍ଷରୁ ନିର୍ମାଣ କରାଯାଇଥିବା ବିଜୁ ପଟ୍ଟନାୟକ ଆଦର୍ଶ କୃଷି ବଜାରରେ ୨୦୨୩ ଏପ୍ରିଲ ୨୮ ତାରିଖରେ ଦୈନିକ ବଜାରର ଶୁଭାରମ୍ଭ ହୋଇଥିଲା । ଏଠାରେ ଦୈନିକ ବଜାରକୁ ନେଇ ପ୍ରଥମେ ବହୁ ବାଦ ବିବାଦ ଦେଖାଦେଇଥିଲା । ଶେଷରେ ଜିଲ୍ଲା ପ୍ରଶାସନ ଏଠାରେ ଦୈନିକ ବଜାର ଆରମ୍ଭ କରିବାର ନିଷ୍ପତ୍ତି ନେବା ଉପରେ ଅଟଳ ରହିବା ପରେ ଶେଷରେ ବାଧ୍ୟ ହୋଇ ଏଠାକୁ ଚାଷୀ ଓ ବ୍ୟବସାୟୀମାନେ ଆସି ସେମାନଙ୍କୁ ଜିନିଷ ବିକ୍ରି କରିଛନ୍ତି । ଦୈନିକ ବଜାରର ପ୍ରଥମ ଦିନରେ ଅଞ୍ଚଳର ୫୪ ଜଣ ଚାଷୀ ଯୋଗଦେଇ ନିଜର ଉତ୍ପାଦିତ ଦ୍ରବ୍ୟ ବିକ୍ରୟ କରିଥିଲେ । ପରବର୍ତ୍ତୀ ସମୟରେ କୃଷକ ଓ ବ୍ୟବସାୟୀ ଆସି ବ୍ୟବସାୟ ଆରମ୍ଭ କରିଥିଲେ । ପ୍ରଥମେ ଚାଷୀ ଓ ବ୍ୟବସାୟୀମାନେ ବଜାର ପରିସରରେ ଓ ପିଣ୍ଡିରେ ବସି ନିଜର ଦ୍ରବ୍ୟ ବିକ୍ରି କରିଥିଲେ । ହେଲେ ଆସ୍ତେ ଆସ୍ତେ ବ୍ୟବସାୟୀ ଓ କୃଷକମାନେ ପିଣ୍ଡିରେ ବସିବା ବନ୍ଦ କରି ପରିସର ମଧ୍ୟରେ ବସି ବିକ୍ରି କଲେ । ପିଣ୍ଡିରେ ବସିଲେ ଗ୍ରାହକ ଆସୁନଥିବାର ଅଭିଯୋଗ କରି ପିଣ୍ଡି ଛାଡି ବାହାରେ ବସିଲେ । ହେଲେ ଏବେ ଦେଖାଦେଉଛି କୃଷି ବଜାର ବାହାରେ ରାସ୍ତା କଡରେ ବସି ବିକ୍ରି କରୁଛନ୍ତି । ଫଳରେ ଏହି ରାସ୍ତା ଉପରେ ଯାଉଥିବା ଯାନ ବାହାନ ଓ ଲୋକଙ୍କୁ ଅସୁବିଧାର ସମ୍ମୁଖୀନ ହେଉଛି । ବେଳେ ବେଳେ ରାସ୍ତା ଏତେ ଜାମ ହେଉଛି ଯେ ଯିବା ଆସିବା କଷ୍ଟକର ହୋଇ ପଡୁଛି । ଏହି ରାସ୍ତାଦେଇ ଛାତ୍ରଛାତ୍ରୀମାନେ ସ୍କୁଲ, କଲେଜ ଯାଉଥିବା ବେଳେ ଅଧିକାରୀ ଓ କର୍ମଚାରୀମାନେ ଏହି ରାସ୍ତା ଦେଇ ସେମାନଙ୍କ କାର୍ଯ୍ୟାଳୟକୁ ଯାଇଥାନ୍ତି । ରାସ୍ତା ଉପରେ ପସରା ମେଲି ବିକ୍ରି କରୁଥିବାରୁ ସେମାନଙ୍କୁ ଯିବା ଆସିବାରେ ଅସୁବିଧା ହୋଇଥାଏ । ଏପରିକି ଦୁର୍ଘଟଣା ଘଟିବାର ସମ୍ଭାବନାକୁ ଏଡାଇ ଦିଆଯାଇ ନପାରେ । ନିୟନ୍ତ୍ରିତ ବଜାର କମିଟି ପକ୍ଷରୁ ବାରମ୍ବାର ରାସ୍ତା କଡରେ ନ ବସିବା ପାଇଁ ଅନୁରୋଧ କରାଯାଉଥିଲେ ମଧ୍ୟ ସେମାନଙ୍କ କଥା କେହି ଶୁଣିବା ମୋଡରେ ନାହାନ୍ତି । ଏହି ଦୈନିକ ବଜାର ପିଣ୍ଡି ସପ୍ତାହରେ କେବଳ ଗୋଟିଏ ଦିନ ରବିବାର ଦିନ ବୁଣାକାର ବଜାର ବସିଥାଏ ଏବଂ ବାକି ଛଅ ଦିନ ଖାଲି ରହିଥାଏ । ବ୍ୟବସାୟୀମାନେ ଖରା ବର୍ଷା ଶୀତକୁ ଭୃକ୍ଷେପ ନ କରି ସବୁବେଳେ ବାହାରେ ବସି ବିକ୍ରି କରିଥାନ୍ତି । କିନ୍ତୁ ପିଣ୍ଡିରେ ବସିନଥାନ୍ତି । ଜିଲ୍ଲାରେ ୪୦ ରୁ ୪୫ ଡିଗ୍ରୀ ଟାଣ ଖରାରେ ବ୍ୟବସାୟୀମାନେ ଖୋଲା ଆକାଶ ତଳେ ବସି ବିକ୍ରି କରିଥାନ୍ତି । ସେମାନଙ୍କର ଅଂଶୁଘାତ ଟିକେବି ଭୟ ନଥାଏ । ସେହିପରି ପ୍ରବଳ ବର୍ଷାରେ ମଧ୍ୟ ପାଲ ଟାଣି ବାହାରେ ବିକ୍ରି କରିଥାନ୍ତି । କାଁ ଭାଁ କିଛି ବ୍ୟବସାୟୀ ପିଣ୍ଡିରେ ବସି ବିକ୍ରି କରିଥାନ୍ତି । ରାସ୍ତା କଡରେ ନ ବସିବା ପାଇଁ ପ୍ରଶାସନ ପକ୍ଷରୁ ଏକ ଦୃଢ ପଦକ୍ଷେପ ନେବାକୁ ଦାବି ହେଉଛି ଏବଂ ପିଣ୍ଡିରେ ବସି ବ୍ୟବସାୟୀମାନେ ସେମାନଙ୍କ ଜିନିଷ ଯେପରି ବିକ୍ରି କରି ପାରିବେ ସେଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି । ଏହି ଦୈନିକ ବଜାରଟି ପ୍ରଥମେ ସହରର ବାହାରିପଡା ଠାରେ ଟିଣ ଛପର ଘର ଓ ସେଡ କରାଯାଇ ସେଠାରେ ଦୈନିକ ବଜାର ବସୁଥିଲା । ପରବର୍ତ୍ତୀ ସମୟରେ ଜନସଂଖ୍ୟା ଓ ବ୍ୟବସାୟୀଙ୍କ ସଂଖ୍ୟା ବଢିବା ଯୋଗୁଁ ବ୍ୟବସାୟୀମାନେ ସେଠାରେ ରାସ୍ତା କଡରେ ବସି ବ୍ୟବସାୟ ଆରମ୍ଭ କଲେ । ଭୈରବୀ ଛକ ଠାରୁ ବୌଦ୍ଧ ଥାନା ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ଦୈନିକ ବଜାର ବସୁଥିଲା । ବ୍ୟବସାୟୀମାନେ ଖରା ବର୍ଷାରେ ରାସ୍ତା କଡରେ ନିଜର ପସରା ମେଲାଇ ବ୍ୟବସାୟ କରୁଥିଲେ । ଫଳରେ ସ୍ଥାନୀୟ ଲୋକ ଓ ସେହି ରାସ୍ତା ଦେଇ ଚଳପ୍ରଚଳ କରୁଥିବା ଲୋକମାନେ ଅସୁବିଧାର ସମ୍ମୁଖୀନ ହେଉଥିଲେ । କୋଭିଡ ମହାମାରୀ ଯୋଗୁଁ ଜିଲ୍ଲା ପ୍ରଶାସନ ଓ ବୌଦ୍ଧଗଡ ଏନଏସି ପକ୍ଷରୁ କୋଭିଡ ସଂକ୍ରମଣକୁ ଆଶଙ୍କା କରି ସହରର ବୁଦ୍ଧଦେବ ମନ୍ଦିର ନିକଟ ଛାପାଖାନା ପଡିଆକୁ ଦୈନିକ ବଜାର ସ୍ଥାନାନ୍ତର କରାଗଲା । ପରବର୍ତ୍ତୀ ସମୟରେ ବିଜୁ ପଟ୍ଟନାୟକ ଆଦର୍ଶ କୃଷି ବଜାର ସ୍ଥାପନ ହେବା ପରେ ଏଠାରୁ ଦୈନିକ ବଜାର ସ୍ଥାନାନ୍ତରିତ ହୋଇଥିଲା । ତେଣୁ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାର ଆବଶ୍ୟକତା ରହିଛି ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି ।

## ମଙ୍ଗଳା ମନ୍ଦିର ଓ ମାଧବାନନ୍ଦଙ୍କ ପୀଠରେ ମକର ପର୍ବ



କାକଟପୁର,୧୫।୧ (ନିପ୍ର): ପବିତ୍ର ମକର ସଂକ୍ରାନ୍ତି ଉପଲକ୍ଷେ କାକଟପୁରର ଅଧିଷ୍ଠାତ୍ରୀ ଦେବୀ ମା'ମଙ୍ଗଳାଙ୍କ ପୀଠରେ ମକର ପର୍ବ ବେଶ ରୀତିନୀତିରେ ପାଳିତ ହୋଇଯାଇଛି । ପହୁଡ଼ ଖୋଲା ହେବାପରେ ମା'ଙ୍କ ବିଶେଷ ମକର ବେଢା ଅନୁଷ୍ଠିତ ହୋଇଥାଏ । ସମସ୍ତ ସେବାୟତ ନୂଆ ଅରୁଆ ଚାଉଳ, ଛେନା, କଦଳୀ, ଅଦା, କ୍ଷୀର, ନଡ଼ିଆ, ମସଲା ଇତ୍ୟାଦି ମିଶ୍ରଣରେ ପ୍ରସ୍ତୁତ ମକର ଚାଉଳକୁ ମା'ଙ୍କ ପାଖରେ ଭୋଗ ଲାଗିକରି ଥାଆନ୍ତି । ଅଷ୍ଟଧାତୁ ନିର୍ମିତ ଏକ ଥାଳିରେ ପୂଜା ପଣ୍ଡା ଶରତ କୁମାର ଦୀକ୍ଷିତ ଓ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ସମେତ ସେବକ ମାନଙ୍କ ଦ୍ୱାରା ଘଣ୍ଟ, ଘଣ୍ଟା, ଛତ୍ରୀ, ଛତା ଓ କାହାଳି ବଜା ଯାଇ ପ୍ରଥମେ ଭିତରେ ଥିବା ଅଷ୍ଟଧାତୁ ନିର୍ମିତ, କାଳୀ ମୂର୍ତ୍ତି, ଦ୍ୱିତୀୟରେ ସରସ୍ୱତୀ ମୂର୍ତ୍ତି ଏବଂ ଶେଷ ବେଢା ପରିକ୍ରମାରେ ମା ଲକ୍ଷ୍ମୀ ମୂର୍ତ୍ତିଙ୍କୁ ନେଇ ବେଢା ପରିକ୍ରମା କରା ଯିବା କଥା ମନ୍ଦିରର ନୀତି ଆୟୋଗ ପରିଚାଳନାର ମୁଖ୍ୟ ରବୀନ୍ଦ୍ର ନାଥ ଜେନା କୁହନ୍ତି,ବେଢା ପରିକ୍ରମା ପରେ ପ୍ରସ୍ତୁତ ହୋଇଥିବା ମକର ଚାଉଳ ପୂଜା କରି ଶ୍ରଦ୍ଧାଳୁ ମାନେ ତାକୁ ପାଇ ନିଜକୁ ଚରିତାର୍ଥ ମନେକରି ଥାଆନ୍ତି । ସେହିପରି ପବିତ୍ର ପ୍ରାଚୀ ନଦୀ କୂଳରେ ଅବସ୍ଥିତ ଅଷ୍ଟାଦଶ ଶତାବ୍ଦୀର ପୁରାତନ ବିଷ୍ଣୁ ପ୍ରତିମା(ମାଧବାନନ୍ଦ)ଙ୍କ ମୁଖ୍ୟ ପର୍ବ ମକର ପର୍ବ ଧୂମଧାମରେ ପାଳିତ ହୋଇଯାଇଛି । ବିଶେଷ କରି ଶ୍ୱାସ ରୋଗ ଭଳି ପୁରାତନ ଦୁରାରୋଗ୍ୟରେ ପୀଡିତ ରୋଗୀମାନେ ବିଶ୍ୱାସ ସହକାରେ ଭଗବାନଙ୍କ ଆଶ୍ରିତ ହୋଇ ରୋଗରୁ ଉପଶମ ପାଉଥିବାରୁ ମାଧବାନନ୍ଦଙ୍କ ମହିମା ଚାରିଆଡ଼େ ପ୍ରସାରିତ ହୋଇଥାଏ ।ଏହି ମକର ସଂକ୍ରାନ୍ତିରେ ସୂର୍ଯ୍ୟଙ୍କର ଉତ୍ତରାୟଣ ଗତିର ଶୁଭ ଅବସରରେ ଜଗତସିଂହପୁର, କେନ୍ଦ୍ରାପଡା, କଟକ, ପୁରୀ ସମେତ ବହୁ ଜିଲ୍ଲାର ମାଧବ ଭକ୍ତମାନଙ୍କ ସମାଗମ ଅନୁଷ୍ଠିତ ହୋଇଥାଏ । ମାଧବାନନ୍ଦ ଯୁବ ନାଟ୍ୟ ପରିଷଦ, ସଭାପତି ବିଶ୍ୱଜିତ ଦାସଙ୍କ ପ୍ରତ୍ୟେକ ତତ୍ତ୍ୱାବଧାନରେ ନୀଳକଣ୍ଠପୁର ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଶ୍ରଦ୍ଧାଳୁମାନଙ୍କୁ ଭରପୁର ମନୋରଞ୍ଜନ ପ୍ରଦର୍ଶନ କରାଯାଇଥାଏ । ସେହିପରି ପତିସାହିସ୍ଥିତ ମହାବୀର ମନ୍ଦିର,ସ୍ୱମେଶ୍ୱର ମନ୍ଦିର ସମେତ ପ୍ରାଚୀ ଅବବାହିକାରେ ଅବସ୍ଥିତ ଅଷ୍ଟଶମ୍ଭୁ ଓ ଦ୍ୱାଦଶ ମାଧବ ପୀଠ ଗୁଡିକରେ ମକର ସଂକ୍ରାନ୍ତି ପର୍ବ ବହୁ ଧୂମଧାମରେ ପାଳିତ ହୋଇଯାଇଛି ।

## ଘୁମୁରା ଭବ୍ୟ ମଶାଲ ଶୋଭାଯାତ୍ରା

ଭବାନୀପାଟଣା,୧୫।୧ (ନିପ୍ର): ୨୭ତମ କଳାହାଣ୍ଡି ଉତ୍ସବ ଘୁମୁରା-୨୦୨୫କୁ ନେଇ ସମଗ୍ର କଳାହାଣ୍ଡି ଜିଲ୍ଲା ଉତ୍ସବ ମୁଖରିତ ହୋଇ ଉଠିଥିବାବେଳେ ଉତ୍ସବର ଉଦଘାଟନ ପୂର୍ବରୁ ଏକ ଭବ୍ୟ ମଶାଲ ଶୋଭାଯାତ୍ରା ସହର ପରିକ୍ରମା କରି ସହିଦ ରେଣ୍ଡୋ ମାଝୀ ମଞ୍ଚରେ ପହଞ୍ଚିଥିଲା । ଜିଲ୍ଲାର ଏଗାର ଗୋଟି ପବିତ୍ର ସ୍ଥାନରୁ ମଶାଲ ଅଣାଯାଇ ଗାନ୍ଧୀଛକସ୍ଥିତ ଅସ୍ଥାୟୀ ମଞ୍ଚରେ ରଖାଯାଇଥିଲା । ଏହାପରେ ଅପରାହ୍ନ ୪ଟା ସମୟରେ ତିରିଶରୁ ଊର୍ଦ୍ଧ୍ୱ ସାଂସ୍କୃତିକ ଦଳ ସହିତ ଭବ୍ୟ ମଶାଲ ଶୋଭାଯାତ୍ରା ମାଣିକେଶ୍ୱରୀ ପୀଠରୁ ଉତ୍ସବ ପଡ଼ିଆ ଅଭିମୁଖେ ବାହାରିଥିଲା । କଳାହାଣ୍ଡି ଜିଲ୍ଲାପାଳ ସଚିନ ପାୱାର ପ୍ରକାଶଙ୍କ ସହିତ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନ, ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଭବାନୀପାଟଣା ଉପଜିଲ୍ଲାପାଳ ପ୍ରଭାତ କୁମାର ପରିଡ଼ା, ଜିଲ୍ଲା ଯୋଜନା ଉପ ନିର୍ଦ୍ଦେଶକ ଶ୍ରୀକାନ୍ତ ଦଳେଇ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ, ସିଡିଏମଓ ଡା. ସୁଚେତା ପାଣି, ଜିଲ୍ଲା ପଞ୍ଚାୟତ ଅଧିକାରୀ ନୃସିଂହ ଚରଣ ପଟ୍ଟନାୟକ, ନେହରୁ ଯୁବ କେନ୍ଦ୍ର ସଂଯୋଜକ ପ୍ରସନ୍ନ କୁମାର ମେହେର, ଭବାନୀପାଟଣା ପୌରାଧ୍ୟକ୍ଷ ବିଷ୍ଣୁ ପ୍ରଧାନ, ବରିଷ୍ଠ ଆଇନଜୀବୀ ଭବେନ୍ଦ୍ର ପଣ୍ଡା ପ୍ରମୁଖ ଅତିଥି ଭାବେ ଏହି ଶୋଭାଯାତ୍ରାରେ ସାମିଲ ହୋଇଥିଲେ । ମଶାଲ ଉପ କମିଟିର ଅଧ୍ୟକ୍ଷ ଡ. ଭବାନୀଶଙ୍କର ନିଆଲ, ଆବାହକ ଯଯାତି କେଶରୀ ନାୟକଙ୍କ ସମେତ ସାଂସ୍କୃତିକ ଉପ କମିଟିର ଅଧ୍ୟକ୍ଷ ଧ୍ୟାନାନନ୍ଦ ପଣ୍ଡା, ଆବାହକ ସଞ୍ଜୀବ କୁମାର ସିଂହଙ୍କ ନେତୃତ୍ୱରେ ଉଭୟ ସବ କମିଟିର ସମସ୍ତ ସଦସ୍ୟ, ସଦସ୍ୟା ମଶାଲ ଶୋଭାଯାତ୍ରା ପରିଚାଳନା କରିଥିଲେ ।

## ମହାବିଦ୍ୟାଳୟରେ ବିବେକାନନ୍ଦ ଜୟନ୍ତୀ

ପାରଳାଖେମୁଣ୍ଡି,୧୫।୧ (ନିପ୍ର); ମହିଳା ସ୍ନାତକ ମହାବିଦ୍ୟାଳୟ ପରିସରରେ ଯୁଗସ୍ରଷ୍ଟା ସ୍ୱାମୀ ବିବେକାନନ୍ଦ ଜୟନ୍ତୀ ଅବସରରେ ଯୁବ ରେଡକ୍ରସ୍ ତଥା ଜାତୀୟ ସେବା ଯୋଜନାର ମିଳିତ ଆନୁକୂଲ୍ୟରେ ସ୍ୱେଚ୍ଛାସେବୀ ମାନଙ୍କ ସହଯୋଗରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଯୁବ ରେଡକ୍ରସ୍ ଅଧିକାରୀ ଶ୍ରୀ କୃଷ୍ଣ ଚନ୍ଦ୍ର ପଣ୍ଡିତ୍ ପ୍ରାରମ୍ଭିକ ସୂଚନା ଦେଇଥିଲେ । ଅଧ୍ୟକ୍ଷା ଡ଼ ରୀନା ସାହୁ ବିବେକାନନ୍ଦଙ୍କ ଫୋଟଚିତ୍ରରେ ପୁଷ୍ପମାଲ୍ୟ ଦେଲା ପରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ଆୟୋଜିତ ସଭାରେ ଅଧ୍ୟକ୍ଷା ଡ଼ ରୀନା ସାହୁ ବିବେକାନନ୍ଦଙ୍କ ଜୀବନୀ ଓ ଚିକାଗୋରେ ବକ୍ତୃତା ସଂକୀର୍ଣ୍ଣତା ମନୋଭାବକୁ ଏଡାଇବା ସଂପର୍କରେ ବକ୍ତବ୍ୟ ପ୍ରଦାନ ସହ କଠିନ ପରିଶ୍ରମ ବଳରେ ସଫଳତା ହାସଲ ସୁନିଶ୍ଚିତ । ଏହା ସହ ବେଗର ପ୍ରଗତିରେ ଯୁବ ସମାଜ ସାମିଲ ହେବାପାଇଁ ଆହ୍ୱାନ କରିଥିଲେ । ଶେଷରେ ଯୁବରେଡକ୍ରସ୍ ଅଧିକାରୀ ଶକୃଷ୍ଣ ଚନ୍ଦ୍ର ପଣ୍ଡିତ ଏହି ଯୁବଦିବସ ପାଳନର ଆବଶ୍ୟକତା ସହ ସ୍ୱାମୀ ବିବେକାନନ୍ଦଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାପାଇଁ ଛାତ୍ରୀମାନଙ୍କୁ ପ୍ରବର୍ତ୍ତାଇଥିଲେ ।

## ହିତାଧିକାରୀଙ୍କୁ ମିଳିଲା ବର୍ଦ୍ଧିତ ଭତ୍ତା

ଦାମନଯୋଡି,୧୫/୦୧(ନିପ୍ର): ସେମିଳିଗୁଡା ବ୍ଲକ୍ ଅନ୍ତର୍ଗତ ଚାରାଙ୍ଗୁଲ ପଞ୍ଚାୟତରେ ସରକାରଙ୍କ ଯୋଜନା ଅନୁଯାୟୀ ହିତାଧିକାରୀଙ୍କୁ ବର୍ଦ୍ଧିତ ଭତ୍ତା ପ୍ରଦାନ କରାଯାଇଛି । ୮୦ ବର୍ଷରୁ ଉର୍ଦ୍ଧ୍ୱ ଓ ବିକଳାଙ୍ଗ ମାନଙ୍କୁ ୩୫୦୦ ଟଙ୍କା




ପ୍ରଦାନ କରାଯାଇଛି । ନିର୍ବାଚନୀ ଇସ୍ତାହାରରେ ଭାଜପା ଘୋଷଣା କରିଥିବା ବିଭିନ୍ନ ଯୋଜନା ମଧ୍ୟରୁ ଏହା ଏକ ଯୋଜନା । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଓଡ଼ିଶାରେ ପ୍ରଥମ ଥର ପାଇଁ ଭାଜପା ଶାସନ କରୁଛି । ନିର୍ବାଚନୀ ଇସ୍ତାହାରରେ ଦେଇଥିବା ପ୍ରତିଶୃତି ସରକାର ପୂରଣ କରିଥିବାରୁ ହିତାଧିକାରୀମାନେ ବର୍ଦ୍ଧିତ ଭତ୍ତା ଗ୍ରହଣ କରିବା ପରେ ଖୁସି ବ୍ୟକ୍ତ କରିବା ସହିତ ସରକାରଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି । ଚାରାଙ୍ଗୁଲ ପଞ୍ଚାୟତ କାର୍ଯ୍ୟାଳୟରେ ସରପଞ୍ଚଙ୍କ ପ୍ରତିନିଧି, ବିଭିନ୍ନ ୱାର୍ଡ଼ର ୱାର୍ଡ଼ ମେମ୍ବରଙ୍କ ଉପସ୍ଥିତିରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଭତ୍ତା ପ୍ରଦାନ କରିଥିଲେ ।

## ପୋଙ୍ଗଲ ଓ ମକର ସଂକ୍ରାନ୍ତି ପାଇଁ ପାରଳାଖେମୁଣ୍ଡି ଉତ୍ସବମୁଖର

ପାରଳାଖେମୁଣ୍ଡି, ୧୫।୧ (ନିପ୍ର): ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ସହର ସମେତ ସମସ୍ତ ପୁରପଲ୍ଲୀରେ ପୋଙ୍ଗଲ ଓ ମକର ସଂକ୍ରାନ୍ତି ପାଇଁ ଚଳଚଞ୍ଚଳ ତଥା ଉତ୍ସବ ମୁଖର ହୋଇପଡିଛି । ମୁଖ୍ୟତଃ ମକର ସଂକ୍ରାନ୍ତି ଅବସରରେ ଦକ୍ଷିଣ ଓଡିଶାର ତେଲୁଗୁ ସମ୍ପ୍ରଦାୟର ଲୋକମାନଙ୍କ ପୋଙ୍ଗଲ ପର୍ବ ଏକ ମୁଖ୍ୟ ଗଣପର୍ବ ଭାବେ ପରିଚିତ । ଏହି ପର୍ବ ସେମାନେ ତିନିଦିନ ଧରି ପାଳିଥାନ୍ତି । ଏଥିପାଇଁ ସେମାନଙ୍କ ଦୂରଦୂରାନ୍ତରରେ ରହୁଥିବା ନିଜ ଲୋକ ଓ ବନ୍ଧୁବାନ୍ଧବ ସମ୍ପର୍କୀୟମାନେ ଏହି ଦିନରେ ଛୁଟି କରି ଘରକୁ ଆସି ଭିଡ ଜମାଇଥାନ୍ତି । ଏହି ପୋଙ୍ଗଲ ପର୍ବ ତେଲୁଗୁ ଭାଷା ଭାଷୀଙ୍କ ଏକ ମୁଖ୍ୟ ପର୍ବ । ଏହି ପର୍ବକୁ ସେମାନେ ନବବର୍ଷ ଭଳିଆ ମାନି ଅତ୍ୟନ୍ତ ଧୁମଧାମରେ ଏହାକୁ ପାଳନ କରିଥାନ୍ତି । ତିନି ଦିନ ଧରି ପ୍ରଥମ ଦିନରେ ଭୋଗି ପାଳନ କରାଯାଇଥାଏ । ସଂକ୍ରାନ୍ତି ଦିନ ପୂର୍ବ ରାତ୍ରିରେ ବିଭିନ୍ନ ସାହି ବସ୍ତି ଛକ ମାନଙ୍କରେ ସମସ୍ତେ ଦଳ ଦଳ ହୋଇ କାଠ ଗଣ୍ଡି ରଖି ସେଥିରେ ନିଆଁ ଲଗାଇ ଭୋଗି ପାଳନ କରିଥାନ୍ତି ପ୍ରାୟ ବିଳମ୍ବିତ ରାତ୍ର ପର୍ଯ୍ୟନ୍ତ । ସେତେବେଳେ ଭୋଜି ଭାତ ସେହି ନିଆଁରେ ହିଁ ପ୍ରସ୍ତୁତ କରିବା ସହ ଡାକବାଜି ଯନ୍ତ୍ର ଲଗାଇ ନାଚ ଗୀତର ଆସର କରି ସମସ୍ତେ ତାର ମଜା ନେଉଥାନ୍ତି । ପାହାନ୍ତିଆ ସକାଳ ସମୟରେ ଝିଅ ବୋହୁ , ଯୁବକ ବୟସ୍କ ଲୋକମାନେ ସେହି ନିଆଁ ପାଖରେ ବସି ଦେହର ଥଣ୍ଡାକୁ ଦୂର କରିବା ସହ ଗାଧୋଇବା ପାଇଁ ସେହି ନିଆଁରେ ହାଣ୍ଡି ଡସଲା ଯୋଗେ ପାଣି ଗରମ କରିଥାନ୍ତି । ସେହି ନିଆଁରେ ଗରମ ପାଣି କରି ମୁଖ୍ୟତଃ ଗରମ କରି ଛୋଟ ପିଲାମାନଙ୍କୁ ଗାଧେଇଲେ ବିଭିନ୍ନ ରୋଗବ୍ୟାଧି ବନ୍ଦ ହେବା ସହ ଉପଶମ ମିଳିଥାଏ ବୋଲି ତେଲୁଗୁ ଲୋକଙ୍କ ମଧ୍ୟରେ ଅଗାଢ ବିଶ୍ୱାସ ରହିଛି ।

ପରେ ସକାଳୁ ଓ ପୂର୍ବାହ୍ନ ମଧ୍ୟରେ ସଂକ୍ରାନ୍ତି ଦିନରେ ପୋଙ୍ଗଲ ମକର ସଂକ୍ରାନ୍ତି ଅବସରରେ ପିତୃପୁରୁଷଙ୍କୁ ଶ୍ରାଦ୍ଧ ପିଣ୍ଡଦାନ କରିବା ସହ ସମସ୍ତେ ନୂତନ ବସ୍ତ୍ର ପରିଧାନ କରି କେବଳ ବୁଲାବୁଲି କରି ବାହାର ମନୋରଞ୍ଜନ କରିବାରେ ସମୟ ବିତାଇଥାନ୍ତି । ସଂକ୍ରାନ୍ତି ପରଦିନ ପ୍ରତ୍ୟେକ ତେଲୁଗୁ ଭାଷାଭାଷୀଲୋକଙ୍କ ଘରେ ଇଡିଲି , ମାଛମାଂସ ଭିନ୍ନଭିନ୍ନ ପ୍ରକାର ପିଠାପଣା ପ୍ରସ୍ତୁତ କରାଯାଇଥାଏ । ପାରଳାଖେମୁଣ୍ଡି ସହର ପଡୋଶୀ ଆନ୍ଧ୍ର ସୀମାନ୍ତରେ ଲାଗି ରହିଥିବା ଯୋଗୁଁ ଏଠାରେ ଉଭୟ ତେଲୁଗୁ ଓ ଓଡିଆ ଭାଷାଭାଷୀ ସମ୍ପ୍ରଦାୟ ମଧ୍ୟରେ ଏହି ମକର ସଂକ୍ରାନ୍ତି ପୋଙ୍ଗଲ ସମୟରେ ଭାଇଚାରା ପର୍ବ ଭାବେ ମଧ୍ୟ ପାଳିଥାନ୍ତି । ପୋଙ୍ଗଲ ପର୍ବ ଅବସରରେ ପରିବା ବଜାର ସମେତ ଲୁଗାପଟା ଡ୍ରେସ ଓ ଅନ୍ୟାନ୍ୟ ଆବଶ୍ୟକୀୟ ସାମଗ୍ରୀ ମିଳୁଥିବା ଦୋକାନ ଗୁଡିକରେ ଭିଡର ଏକ ପ୍ରକାରର ଅନନ୍ୟ ମହଲ ସୃଷ୍ଟି ହୋଇଛି । ବିଭିନ୍ନ ମନ୍ଦିରରେ ମଧ୍ୟ ଭିଡ ସବୁ ଲାଗିରହିଥିଲା ।

## ଜାତୀୟ ରାଜପଥରେ ଶବ ରଖି ରାସ୍ତାରୋକ

ଦେବଗଡ଼ .୧୫।୧(ନି.ପ୍ର)- ଦେବଗଡ଼ ଜିଲ୍ଲା ରିଆମାଳ ବ୍ଲକ କୁଣ୍ଡେଇଗୋଳା ଥାନା ଅନ୍ତର୍ଗତ ସଙ୍ଗାପଶି ଗ୍ରାମରେ ବିଳମ୍ବିତ ରାତିରେ ଦୁଇଟି ଗୋଠଛଡା ଦନ୍ତାହାତୀ ଦିଗାମ୍ବର ବେହେରାଙ୍କ ବାଡିରେ ହୋଇଥିବା ମକା ଚାଷ ବିଲକୁ ପଶି ଖାଉଥିବା ବେଳେ ଗୋରୁ ଗାଈଙ୍କ ରଡି ଶୁଣି ଉଭୟ ସ୍ୱାମୀ ସ୍ତ୍ରୀ ବାହାରକୁ ବାହାରି ଆସିଥିଲେ । ଠିକ୍ ସେହି ସମୟରେ ହାତୀ ଦ୍ୱୟ ମଧ୍ୟରୁ ଗୋଟିଏ ହାତୀ ହଠାତ୍ ଆସି ଦିଗାମ୍ବରଙ୍କ ପତ୍ନୀ କୁନି ବେହେରାଙ୍କୁ ଶୁଣ୍ଢରେ ଟେକି ନେଇ କଚାଡି ଦେଇଥିଲା । ଗ୍ରାମବାସୀଙ୍କ ସହାୟତାରେ ହାତୀ ଘଉଡାଇବା ପରେ ତୁରନ୍ତ କୁନିଙ୍କୁ ପରିବାର ଲୋକେ ଚିକିତ୍ସା ପାଇଁ ଏକ ଆମ୍ବୁଲାନ୍ସରେ ଅନୁଗୁଳ ଡାକ୍ତରଖାନା ନେଇଥିଲେ । ସେଠାରେ ଡ଼ାକ୍ତର କୁନି ମୃତ ଘୋଷଣା କରିଥିଲେ । ତା ପରେ ଶବ ବ୍ୟବଚ୍ଛେଦ କରି ଶବକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ । ପରିବାର ଲୋକ କୁନିଙ୍କ ଶବ ନେଇ ଫେରିଲା ବେଳକୁ ଉତ୍ତ୍ୟକ୍ତ ଗ୍ରାମବାସୀ କୁଣ୍ଡେଇଗୋଳା ଦେଇ ଯାଇଥିବା ଜାତୀୟ ରାଜପଥରେ କୁନି ଙ୍କ ଶବ ରଖି ରାସ୍ତା ରୋକ କରିଥିଲେ । କୁନି ବେହେରାଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ କରିବା ସଙ୍ଗେ ସଙ୍ଗେ ହାତୀମାନଙ୍କୁ ଶୀଘ୍ର କୌଣସି ଉପାୟରେ ବଡରମା ଅଭୟାରଣ୍ୟ ରେ ଛାଡିବାକୁ ଜିଦ୍ ଧରି ଦୀର୍ଘ ୪ ଘଣ୍ଟା କାଳ ରାଜରାସ୍ତାରେ ବସିରହିଥିଲେ । ବନବିଭାଗ ଅଧିକାରୀ ମାନଙ୍କ ସହିତ ସ୍ଥାନୀୟ ନେତୃବୃନ୍ଦ ଆସି ବୁଝାସୁଝା କଲା ପରେ ରାସ୍ତାରୋକ ହଟିଥିଲା ।

## ରାଉରକେଲା ବିର୍ସାମୁଣ୍ଡା ହକି ଷ୍ଟାଡିୟମରେ ହିରୋ ହକି ଇଣ୍ଡିଆ ଲିଗ୍
## ଗୋନାସିକା ୨-୧ ଗୋଲରେ ଜେଏସଡବ୍ଲୁ ସୁରମା ହକି କ୍ଲବକୁ ପରାସ୍ତ କରି ବିଜୟୀ

ରାଉରକେଲା,୧୫।୧ (ନିପ୍ର): ବିର୍ସା ମୁଣ୍ଡା ହକି ଷ୍ଟାଡିୟମରେ ହିରୋ ହକି ଇଣ୍ଡିଆ ଲିଗ୍ ୨୦୨୪-୨୫ର ୨୩ତମ ମ୍ୟାଚରେ ଗୋନାସିକା ହକି ଟିମ୍ ଭେଟିଥିଲା ଜେଏସଡବ୍ଲୁ ସୁରମା ହକି କ୍ଲବକୁ । ଏହି ମ୍ୟାଚର ପ୍ରଥମାର୍ଦ୍ଧ ଉଭୟ ଟିମ୍ କୌଣସି ଗୋଲ୍ ସ୍କୋର କରି ପାରିନଥିଲେ ଏବଂ ପ୍ରଥମାର୍ଦ୍ଧ ଗୋଲ୍ ଶୂନ୍ୟ ଥିଲା । ତୃତୀୟ କ୍ୱାର୍ଟରରେ ଗୋନାସିକା ଟିମ୍ ପ୍ରଥମ ଗୋଲ ସ୍କୋର କରିଥିଲା ବେଳେ ସୁରମା ହକି କ୍ଲବ୍ କୌଣସି ଗୋଲ୍ ସ୍କୋର କରି ପାରିନଥିଲେ । ଚତୁର୍ଥ କ୍ୱାର୍ଟରରେ ଗୋନାସିକା ଟିମ୍ ଏକ ମାତ୍ର ଗୋଲ୍ ସ୍କୋର କରିଥିଲେ ଏବଂ ଉଭୟ ଟିମ୍ ମଧ୍ୟରେ ୧-୧ ଗୋଲରେ ସ୍କୋର ରହିଥିଲା । ପରବର୍ତ୍ତୀ ସମୟରେ ଗୋନାସିକା ଟିମ୍ ଆଉ ଏକ ଗୋଲ୍ ସ୍କୋର କରି ୨-୧ ଗୋଲରେ ବିଜୟଲାଭ କରିଥିଲେ । ସୁରମା ହକି କ୍ଲବ୍ ଗୋଲ୍ ସ୍କୋର୍ କରିବାର ସୁଯୋଗ ପାଇଥିଲେ ମଧ୍ୟ ସୁଯୋଗର ସଦୁପଯୋଗ କରିପାରିନଥିଲେ ।



## ବୌଦ୍ଧର ପ୍ରସିଦ୍ଧ ରାମଲୀଳା ଯାତ୍ରା ନେଇ ପ୍ରସ୍ତୁତି

ବୌଦ୍ଧ,୧୫।୧(ନିପ୍ର); ବୌଦ୍ଧର ଗଣପର୍ବ ଭାବରେ ମାନ୍ୟତା ଲାଭ କରିଥିବା ପ୍ରସିଦ୍ଧ ରାମଲୀଳା ଯାତ୍ରା ପାଇଁ ଏକ ପ୍ରସ୍ତୁତି ବୈଠକ ଶ୍ରୀରଘୁନାଥ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି । ରାମଲୀଳା ନାଟ୍ୟ ସଂସଦର ସଭାପତି ମୃତ୍ୟୁଞ୍ଜୟ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ପ୍ରସ୍ତୁତି ବୈଠକରେ ଅତିଥି ଭାବରେ ବରିଷ୍ଠ ସାମ୍ବାଦିକ ରଜନୀକାନ୍ତ ଦାଶ, ଜିଲ୍ଲା ସାମ୍ବାଦିକ ସଂଘର ସଭାପତି ଶଶାଙ୍କ ଶେଖର ମିଶ୍ର, ସୂଚନା ଓ ଲୋକସଂପର୍କ ଅଧିକାରୀ ରିତାକାନ୍ତି ବଳିୟାରସିଂ,ବୌଦ୍ଧ ପ୍ରେସ କ୍ଲବ ସଂପାଦକ ରଘୁନାଥ ଷଡଙ୍ଗୀ ଯୋଗ ଦେଇଥିଲେ । ରାମଲୀଳା ନାଟ୍ୟ ସଂସଦ ପକ୍ଷରୁ ନାଟ୍ୟକାର ହୃଦାନନ୍ଦ ମେହେର, ନାଟ୍ୟ ନିର୍ଦ୍ଦେଶକ ଭବାନୀଶଙ୍କର ମହାପାତ୍ର, କାର୍ଯ୍ୟକାରୀ ସଭାପତି ଜୟନାରାୟଣ ମହାନ୍ତି ପ୍ରମୁଖ ମଞ୍ଚାସୀନ ଥିଲେ । ନାଟ୍ୟ ସଂସଦର ସମ୍ପାଦକ ମନୋଜ କୁମାର ସାହୁ ବାର୍ଷିକ ବିବରଣୀ ପାଠ ଓ କୋଷାଧ୍ୟକ୍ଷ ପ୍ରମୋଦ କୁମାର ପ୍ରଧାନ ଆୟବ୍ୟୟ ବିବରଣୀ ପ୍ରଦାନ ସହିତ ମଂଚ ପରିଚାଳନା କରିଥିଲେ । ଅତିଥିମାନେ ଜିଲ୍ଲାର ଗଣପର୍ବ ରାମଲୀଳାକୁ ଅଧିକ ଆକର୍ଷଣୀୟ ଭାବରେ ପାଳନ କରିବା ପାଇଁ ମୂଲ୍ୟବାନ ପରାମର୍ଶ ପ୍ରଦାନ କରିଥିଲେ । ବିଶେଷ ଭାବରେ ପ୍ରତିବର୍ଷ ଯାତ୍ରାର ବ୍ୟୟ ଅଟଳଳ ବୃଦ୍ଧି ପାଇ ଚାଲିଥିବାରୁ ଶିଳ୍ପବିହୀନ ଏହି ଜିଲ୍ଲାରେ ଆଗାମୀ ଯାତ୍ରା ପାଇଁ ଆବଶ୍ୟକୀୟ ଅର୍ଥ କିପରି ସଂଗ୍ରହ କରାଯାଇ ପାରିବ ସେ ସଂପର୍କରେ ବୈଠକରେ ଆଲୋଚନା ହୋଇଥିଲା ।

## ରେଳବାଇ କର୍ମଚାରୀଙ୍କ ସମେତ ପରିବାରଙ୍କୁ ବାନ୍ଧି ଲୁଟ୍ ଘଟଣାରେ ଅନ୍ୟ ତିନି ଅଭିଯୁକ୍ତ ଗିରଫ

■ଗିରଫ ଅଭିଯୁକ୍ତଙ୍କ ନିକଟରୁ ୮୮ ଗ୍ରାମ ସୁନାଗହଣା ଏବଂ ନଗଦ ୪୦ହଜାର ଟଙ୍କା ଜବତ

■ସମସ୍ତ ସୁନାଗହଣା ଓ ଟଙ୍କାକୁ ରେଳବାଇ କର୍ମଚାରୀଙ୍କୁ ଫେରସ୍ତ



ରାଉରକେଲା,୧୫।୧ (ନିପ୍ର): ବନ୍ଧମୁଣ୍ଡା ଥାନା ଅନ୍ତର୍ଗତ ଡିଜେଲ କଲୋନୀରେ ଗତ ଅକ୍ଟୋବର ୧୯ ତାରିଖରେ ଜଣେ ରେଳବାଇ କର୍ମଚାରୀଙ୍କ ଘରୁ ହୋଇଥିବା ଡକାୟତି ଘଟଣାରେ ପୋଲିସ ବୁଧବାର ଆଉ ୩ ଜଣଙ୍କୁ ଗିରଫ କରିଛି । ଏବଂ ୮୮ ଗ୍ରାମ୍ ସୁନା ଗହଣା ସହ ନଗଦ ୪୦ହଜାର ଟଙ୍କା ଜବତ କରାଯାଇଛି ବୋଲି ଜିଲ୍ଲା ପୋଲିସ ମୁଖ୍ୟାଳୟରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ରାଉରକେଲା ଆରକ୍ଷୀ ଅଧୀକ୍ଷକ ନିତେଶ ୱାଧୱାନୀ । ଏଠାରେ ସୂଚନାଯୋଗ୍ୟ ଯେ, ପୂର୍ବରୁ ଏହି ଡକାୟତି ଘଟଣାରେ ୪ ଜଣଙ୍କୁ ଗିରଫ କରାଯିବା ସହ ୧୦ଲକ୍ଷ ଟଙ୍କାର ୧୬୦ ଗ୍ରାମ୍ ସୁନା ଗହଣା ସହ ନଗଦ ୭୦ହଜାର ଟଙ୍କା ଜବତ କରାଯାଇଥିଲା । ଏହି ଗିରଫଦାରିରେ ୨ ଜଣ ବୀରମିତ୍ରପୁରର ହୋଇଥିବା ବେଳେ ଜଣେ ବାହାର ରାଜ୍ୟର ଅପରାଧୀ । ସେମାନଙ୍କ ନିକଟରୁ ପୋଲିସ ପ୍ରାୟ ୬ ଲକ୍ଷ ଟଙ୍କା ମୂଲ୍ୟର ୮୮ ଗ୍ରାମ ସୁନା ଗହଣା ଏବଂ ନଗଦ ୪୦ହଜାର ଟଙ୍କା ଜବତ କରିଛି । ଗିରଫ ୩ ଜଣଙ୍କ ମଧ୍ୟରେ ୨ଜଣ ଆନ୍ତଃରାଜ୍ୟ ଡକାୟତ ହୋଇଥିବା ବେଳେ ଅନ୍ୟ ଜଣକ ଚୋରା ସୁନା ଗହଣା କିଣିଥିବା ବ୍ୟବସାୟୀ । ଗତ ୨୦୨୪ ଅକ୍ଟୋବର ୧୮ ତାରିଖ ରାତିରେ ରେଳବାଇ କର୍ମଚାରୀ ଦିଲ୍ଲୀପ କୁମାର ପଣ୍ଡା ତାଙ୍କ ପରିବାର ସହ ବନ୍ଧମୁଣ୍ଡା ଡିଜେଲ କଲୋନୀ କ୍ୱାର୍ଟରରେ ଶୋଇଥିବା ବେଳେ ଡକାୟତମାନେ ଝରକା ଗ୍ରିଲ୍ କାଟି ପଶିଥିଲେ । ପରେ ଦିଲ୍ଲୀପ , ତାଙ୍କ ପତ୍ନୀ ଏବଂ ଛୋଟ ପୁଅକୁ ବାନ୍ଧି ଛୁରୀ ଦେଖାଇ ପ୍ରାୟ ୨୫ ଲକ୍ଷ ଟଙ୍କାର ସୁନା ଗହଣା ଲୁଟି ନେଇ ଫେରାର ହୋଇ ଯାଇଥିଲେ । ପୋଲିସ୍ ସିସିଟିଭି ଏବଂ ଅନ୍ୟାନ୍ୟ ତଥ୍ୟକୁ ଆଧାର କରି ଡକାୟତମାନଙ୍କୁ ଗିରଫ କରିବାରେ ସଫଳ ହୋଇଥିଲେ । ଏହା ସହ ଜବତ୍ ହୋଇଥିବା ୧୦ ଲକ୍ଷ ଟଙ୍କା ମୂଲ୍ୟର ସୁନା ଗହଣା ଏବଂ ୭୦ ହଜାର ଟଙ୍କା ଦିଲ୍ଲୀପ ଏବଂ ତାଙ୍କ ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଥିଲେ । ରାଉରକେଲା ପୋଲିସ୍ ମୁଖ୍ୟାଳୟରେ ଆୟୋଜିତ ଏହି ସାମ୍ବାଦିକ ସମ୍ମିଳନୀରେ ରାଉରକେଲା ଆରକ୍ଷୀ ଅଧୀକ୍ଷକ ନିତେଶ ୱାଧୱାନୀ ଏବଂ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ପ୍ରଭାତ ଶଙ୍କର ନାୟକ ଏ ବିଷୟରେ ସୂଚନା ଦେଇଥିଲେ ଯେ, ଗତ ଅକ୍ଟୋବର ୧୯ ତାରିଖ ୨୦୨୪ରେ ବନ୍ଧମୁଣ୍ଡା ଡିଜେଲ କଲୋନୀ କ୍ୱାର୍ଟର ନମ୍ବର ଏଲ୍/୨୦୪/(୧)ରେ ରହୁଥିବା ଦିଲ୍ଲୀପ କୁମାର ପଣ୍ଡା (୪୪) ବନ୍ଧମୁଣ୍ଡା ଥାନାରେ ଅଭିଯୋଗ କରିଥିଲେ ଯେ, ଅକ୍ଟୋବର ୧୮ ତାରିଖ ରାତି ୧ଟା ୪୩ ମିନିଟ୍ ସମୟରେ ତାଙ୍କ ଘରେ ୫ ଜଣ ଡକାୟତ ପଶି ତାଙ୍କ ବେକରେ ଛୁରୀ ଲଗାଇ ୩୮୦ ଗ୍ରାମରୁ ୪୦୦ ଗ୍ରାମ ଓଜନର ସୁନା ଓ ରୂପା ଗହଣା ସହିତ ନଗଦ ୧୦ହଜାର ଟଙ୍କା ଏବଂ ଦରକାରୀ କାଗଜପତ୍ର ଡକାୟତି କରିନେଇଛନ୍ତି । ଏହି ଘଟଣାର ଗୁରୁତ୍ୱକୁ ନେଇ ଜୋନ-୨ ଡିଏସପି ନିର୍ମଳ କୁମାର ମହାପାତ୍ରଙ୍କ ନେତୃତ୍ୱରେ ବନ୍ଧମୁଣ୍ଡା ଥାନା ଆଇଆଇସି ଶ୍ରୀକାନ୍ତ ଖମାରୀ, ଏସ୍ଆଇ ମନସା ପ୍ରସାଦ ସାହୁ, ଏସ୍ ଆଇ ସୌମ୍ୟରଞ୍ଜନ ଗିରି ଏବଂ ପ୍ଲାଣ୍ଟସାଇଟ୍ ଥାନାର ଏସ୍ଆଇ ଦିପୁନ୍ କୁମାର ଦଳାଇ, ଏସ୍ଆଇ ସୁବ୍ରତ ପଣ୍ଡାଙ୍କ ସମେତ ପୋଲିସ୍ ମୁଖ୍ୟାଳୟର ସମ୍ପଦ ମହାନ୍ତି ଏବଂ ଉଦିତନଗର ଥାନାର ଏସ୍ଆଇ ସରୋଜ କୁମାର ବେହେରାଙ୍କ ସହ ଡଗ୍ ସ୍କ୍ୱାର୍ଡ, ସିସିଟିଭି କ୍ୟାମେରା ଫୁଟେଜ୍ ଓ ଫୋନ୍ କଲ ରେକର୍ଡକୁ ଧରି ତଦନ୍ତ କରାଯାଇଥିଲା । ଏହି ଘଟଣାରେ ସୁଶୀଲ କୁମାର ସିଂକୁ ରିମାଣ୍ଡରେ ଆଣି ପଚରାଉଚରା କରାଯିବା ପରେ ବିହାର, ଛାପ୍ରା ସୁଶୀଲ ସିଂର ଘରୁ ୨୭ ଗ୍ରାମ ସୁନା ଗହଣା ସମେତ ନଗଦ ୪୦ହଜାର ଟଙ୍କା ଜବତ କରିଥିଲା ଏବଂ ଆକାଶ ରାୟ ଏବଂ ସୂରଜ ବଂଶି ନାମ ସାମ୍ନାକୁ ଆସିଥିଲା । ଆକାଶ ରାୟ ଏବଂ ସୂରଜ ବଂସିକୁ ପଚରାଉଚରା କରିବା ପରେ, ବୀରମିତ୍ରପୁରର ତଫଜୁଲ ଖାନ୍ ନାମ ସାମ୍ନାକୁ ଆସିଥିଲା । ତଫଜୁଲ ଖାନକୁ ଗିରଫ କରାଯାଇଥିଲା । ଗିରଫ ୩ ଡକାୟତଙ୍କ ମଧ୍ୟରେ ରହିଛନ୍ତି ଆକାଶ ରାୟ (୨୬ ବର୍ଷ), ସୂରଜ ବଂସି (୨୫ ବର୍ଷ), ତଫାଜୁଲ ଖାନ୍ (୨୮ ବର୍ଷ) ବିରୁଦ୍ଧରେ ମୋକଦ୍ଦମା ନମ୍ବର ୨୨୫ ତାରିଖ ୧୯-୧୦-୨୦୨୪, ରୁଜୁ କରାଯିବା ସହ ଭାରତୀୟ ନ୍ୟାୟ ସଂହିତାର ଧାରା ୩୧୦(୨), ୩୩୧(୪)ରେ କୋର୍ଟ ଚାଲାଣ କରାଯାଇଛି । ସେମାନଙ୍କ ନିକଟରୁ ଜବତ ୮୮ ଗ୍ରାମ୍ ସୁନାଗହଣା ଏବଂ ନଗଦ ୪୦,୦୦୦ ଟଙ୍କାକୁ ରେଳବାଇର ଦିଲ୍ଲୀପ କୁମାର ପଣ୍ଡା ଏବଂ ତାଙ୍କ ପରିବାରକୁ ହସ୍ତାନ୍ତର କରାଯାଇଛି ।

# ଭାରତୀୟ ନୌସେନାରେ ଯୋଡ଼ି ହେଲା ୩ ଯୁଦ୍ଧ ଜାହାଜ

## ‘ଭାରତ ବିସ୍ତାରବାଦ ନୁହେଁ, ବିକାଶର ଭାବନାରେ କାମ କରେ’



ନୂଆଦିଲ୍ଲୀ ୧୫/୧: ଜଳଭାଗରେ ବିଶ୍ୱ ପୁଣି ଦେଖିବ ଭାରତର ଶକ୍ତି । ଭାରତର ଶକ୍ତି ଦେଖି, ଶତ୍ରୁ ଛାତିରେ ଛନକା । ଆଜି ୩ ବିଧ୍ୱଂସକ ଯୁଦ୍ଧପୋତକୁ ରାଷ୍ଟ୍ର ଉଦ୍ଦେଶ୍ୟରେ ଲୋକାର୍ପିତ କରିଛନ୍ତି ପ୍ରଧାନମନ୍ତ୍ରୀ ମୋଦି । ଆତ୍ମନିର୍ଭର ଭାରତର ବଢିବ ବଳ, ନୌସେନା ହେବ ସୁଦୃଢ । ୩ ଯୁଦ୍ଧ ଜାହାଜ ଲୋକାର୍ପଣ କରିଛନ୍ତି ମୋଦି । ମୁମ୍ବାଇର ଭାରତୀୟ ନୌସେନା ଡକୟାର୍ଡରେ ତିନୋଟି ନୌସେନା ଯୁଦ୍ଧଜାହାଜ -ଆଇଏନଏସ ସୁରତ, ଆଇଏନଏସ ନୀଳଗିରି ଏବଂ ଆଇଏନଏସ ଭାଗଶୀରକୁ ରାଷ୍ଟ୍ର ଉଦ୍ଦେଶ୍ୟରେ ଉତ୍ସର୍ଗ କରିଥିଲେ। ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି, ‘ନୌସେନାର ଏକ ଗୌରବମୟ ଇତିହାସ ରହିଛି । ଏହି ତିନୋଟି ଯୁଦ୍ଧଜାହାଜ ଭାରତରେ ନିର୍ମିତ, ଯାହା ସୁରକ୍ଷାକୁ ନୂତନ ଶକ୍ତି ଦେବ। ଏହା ସମଗ୍ର ଅଞ୍ଚଳକୁ ଆତଙ୍କବାଦ ଏବଂ ଡ୍ରଗ୍ସ ଚୋରାଚାଲାଣରୁ ରକ୍ଷା କରିବ।‘ ପ୍ରଧାନମନ୍ତ୍ରୀ କହିଥିଲେ, ‘ନୌସେନାକୁ ନୂତନ ଶକ୍ତି ମିଳିଛି। ଆମେ ନୌସେନାକୁ ସୁଦୃଢ଼ କରିବା ପାଇଁ ପଦକ୍ଷେପ ନେଉଛୁ। ଆଜି ଭାରତର ସାମୁଦ୍ରିକ ଐତିହ୍ୟ, ନୌସେନାର ଗୌରବମୟ ଇତିହାସ ଏବଂ ଆତ୍ମନିର୍ଭରଶୀଳ ଭାରତ ଅଭିଯାନ ପାଇଁ ଏକ ବଡ଼ ଦିନ। ଛତ୍ରପତି ଶିବାଜୀ ମହାରାଜ ଶତ୍ରୁ ବିରୁଦ୍ଧରେ ଯୁଦ୍ଧ ଲଢ଼ିବା ପାଇଁ ଶକ୍ତି ପ୍ରଦାନ କଲେ। ସେ ନୂତନ ଶକ୍ତି ଏବଂ ଦୃଷ୍ଟିକୋଣ ପ୍ରଦାନ କଲେ। ଆଜି, ତାଙ୍କ ପବିତ୍ର ଭୂମିରେ, ଆମେ ୨୧ ଶତାବ୍ଦୀର ନୌସେନାକୁ ସୁଦୃଢ଼ କରିବା ପାଇଁ ଏକ ବଡ଼ ପଦକ୍ଷେପ ନେଇଛୁ । ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି, ‘ଆଜି ଭାରତ ସାରା ବିଶ୍ୱରେ ଏବଂ ବିଶେଷକରି ଗ୍ଲୋବାଲ୍ ସାଉଥରେ ଏକ ନିର୍ଭରଯୋଗ୍ୟ ଏବଂ ଦାୟିତ୍ୱବାନ ଅଂଶୀଦାର ଭାବରେ ସ୍ୱୀକୃତି ପାଉଛି । ଏହା ପ୍ରଥମ ଥର ଯେତେବେଳେ ଏକ ବିଧ୍ୱଂସକ, ଏକ ଫ୍ରିଗେଟ ଏବଂ ଏକକାଳୀନ ଗୋଟିଏ ବୁଡ଼ାଜାହାଜକୁ ନିୟୋଜିତ କରାଯାଉଛି। ଏହା କରାଯାଉଛି। ଏହା ଗର୍ବର ବିଷୟ ଯେ ତିନୋଟି ଭାରତରେ ନିର୍ମିତ। ସେ କହିଛନ୍ତି, ଆଜି ଭାରତ ସାରା ବିଶ୍ୱରେ ଏବଂ ବିଶେଷକରି ଗ୍ଲୋବାଲ ସାଉଥ୍‌ରେ ଏକ ନିର୍ଭରଯୋଗ୍ୟ ଏବଂ ଦାୟିତ୍ୱବାନ ଅଂଶୀଦାର ଭାବରେ ସ୍ୱୀକୃତି ପାଉଛି। ଭାରତ ବିସ୍ତାରବାଦ ନୁହେଁ, ବିକାଶର ଭାବନାରେ କାମ କରେ। ୧୫ ଜାନୁଆରୀକୁ ସେନା ଦିବସ ଭାବରେ ପାଳନ କରାଯାଏ। ଏହା ମଧ ପାଳନ କରାଯାଏ ଭାରତରେ। ଦେଶକୁ ସୁରକ୍ଷା ଦେବା ପାଇଁ ନିଜ ଜୀବନ ଉତ୍ସର୍ଗ କରୁଥିବା ପ୍ରତ୍ୟେକ ସାହସୀଙ୍କୁ ମୁଁ ପ୍ରଣାମ କରୁଛି। ଭାରତ ମାତାକୁ ସୁରକ୍ଷା ଦେବାରେ ନିୟୋଜିତ ପ୍ରତ୍ୟେକ ନାୟକ ଏବଂ ନାୟିକାଙ୍କୁ ମୁଁ ଅଭିନନ୍ଦନ ଜଣାଉଛି। ପ୍ରଧାନମନ୍ତ୍ରୀ କହିଛନ୍ତି, ‘ଭାରତ ସର୍ବଦା ଏକ ଖୋଲା, ସୁରକ୍ଷିତ, ଅନ୍ତର୍ଭୁକ୍ତ ଏବଂ ସମୃଦ୍ଧ ଭାରତ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରକୁ ସମର୍ଥନ କରିଆସିଛି, ତେଣୁ ଯେତେବେଳେ ଉପକୂଳବର୍ତ୍ତୀ ଦେଶଗୁଡ଼ିକର ବିକାଶର କଥା ଆସିଲା, ଭାରତ ସାଗରର ମନ୍ତ୍ର ଦେଇଥିଲା। ‘ସାଗର’ର ଅର୍ଥ ହେଉଛି ଏହି ଅଞ୍ଚଳର ସମସ୍ତଙ୍କ ପାଇଁ ସୁରକ୍ଷା।



# ପୂଜା ଖେଡକରଙ୍କ ଗିରଫଦାରି ଉପରେ ରୋକ୍



ନୂଆଦିଲ୍ଲୀ,୧୫।୧: ମହାରାଷ୍ଟ୍ରର ବହୁଚର୍ଚ୍ଚିତ ପୂର୍ବତନ ଟ୍ରେନି ଆଇଏଏସ୍ ଅଧିକାରୀ ପୂଜା ଖେଡକରଙ୍କୁ ବଡ଼ ଆଶ୍ୱସ୍ତି। ପୂଜା ଖେଡକରଙ୍କ ଗିରଫଦାରୀ ଉପରେ ସୁପ୍ରିମକୋର୍ଟ ସ୍ଥଗିତ ରଖିଛନ୍ତି। ହାଇକୋର୍ଟରୁ ଜାମିନ ନ ପାଇବା ପରେ ପୂଜା ଏହାକୁ ଚାଲେଞ୍ଜ କରି ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଗତବର୍ଷ ୟୁପିଏସସି ଦ୍ୱାରା ପୂଜା ଖେଡକରଙ୍କ ପ୍ରାର୍ଥୀପତ୍ର ବାତିଲ କରାଯାଇଥିଲା। ଅନ୍ୟ ପଛୁଆ ବର୍ଗ (ଓବିସି) ଏବଂ ଦିବ୍ୟାଙ୍ଗ କୋଟାର ଫେକ୍ ତଥ୍ୟ ଦେଇ ଖେଡକର ସିଭିଲ ସର୍ଭିସ ପରୀକ୍ଷା ହାସଲ କରିଥିବା ଅଭିଯୋଗ ହୋଇଛି। ପୂଜା ଖେଡକରଙ୍କ ଜାମିନ ଆବେଦନ ଶୁଣାଣି ବେଳେ ଜଷ୍ଟିସ ଭି ନାଗରଥନା ଏବଂ ଜଷ୍ଟିସ ସତୀଶ ଚନ୍ଦ୍ର ଶର୍ମାଙ୍କ ଏକ ବେଞ୍ଚ ଦିଲ୍ଲୀ ସରକାର ଏବଂ ୟୁପିଏସସିକୁ ନୋଟିସ ଜାରି କରିଛି। ମାମଲାର ପରବର୍ତ୍ତୀ ଶୁଣାଣି ଫେବୃଆରୀ ୧୪ ପାଇଁ ସ୍ଥିର କରାଯାଇଛି। ୨୦୨୨ ୟୁପିଏସସି ସିଭିଲ ସର୍ଭିସେସ୍ ପରୀକ୍ଷାରେ ଆବେଦନ କରିବାବେଳେ ପୂଜା ଖେଡକର ଭୁଲ ତଥ୍ୟ ଦେଇଥିବା ଅଭିଯୋଗ ହୋଇଛି। ଯେଉଁଥିପାଇଁ ସେ ସଂରକ୍ଷଣର ଲାଭ ପାଇଥିଲେ। ତେବେ ଖେଡକର ତାଙ୍କ ବିରୋଧରେ ଆସିଥିବା ସମସ୍ତ ଅଭିଯୋଗକୁ ଅସ୍ୱୀକାର କରିଛନ୍ତି ଏବଂ ତାଙ୍କ ବିରୋଧରେ ଆସିଥିବା ଅଭିଯୋଗ ଭିତ୍ତିହୀନ ବୋଲି କହିଛନ୍ତି।

# ତାହିର ହୁସେନଙ୍କ ଜାମିନ ଆବେଦନକୁ ଦିଲ୍ଲୀ ପୋଲିସର ବିରୋଧ



ନୂଆଦିଲ୍ଲୀ ୧୫।୧: ଦିଲ୍ଲୀ ପୋଲିସ ଫେବୃଆରୀ ୨୦୨୦ ଦଙ୍ଗା ସମ୍ପର୍କିତ ଏକ ହତ୍ୟା ମାମଲାରେ ଅଭିଯୁକ୍ତ ତଥା ପୂର୍ବତନ ଆମ ଆଦମୀ ପାର୍ଟି (ଆପ) ନେତା ତାହିର ହୁସେନଙ୍କ ଜାମିନ ଆବେଦନକୁ କୋର୍ଟରେ ବିରୋଧ କରିଛି। ତାହିର ହୁସେନ ଏଆଇଏମଆଇଏମ ଟିକେଟରେ ଦିଲ୍ଲୀ ବିଧାନସଭା ନିର୍ବାଚନ ଲଢିବା ପାଇଁ କୋର୍ଟଙ୍କୁ ଅନ୍ତରୀଣ ଜାମିନ ନିମନ୍ତେ ଆବେଦନ କରିଥିଲେ। ତେବେ ପୋଲିସ ‘ନିର୍ବାଚନ ଲଢିବା ମୌଳିକ ଅଧିକାର ତ ନୁହେଁ, ହେଲେ କଷ୍ଟଡି ପାରୋଲର ଔପଚାରିକତା ପୂରଣ କରି ନିର୍ବାଚନ ଲଢି ପାରିବେ’ ବୋଲି କହିଛି। ଦିଲ୍ଲୀ ପୋଲିସ ଅନୁସାରେ ହୁସେନ ଫେବୃଆରୀ ୨୦୨୦ ଦିଲ୍ଲୀ ଦଙ୍ଗାର ‘ମୁଖ୍ୟ ଷଡ଼ଯନ୍ତ୍ରକାରୀ’ ଓ ‘ପାଣ୍ଠି ଯୋଗାଣକାରୀ’ ଅଟନ୍ତି। ଯଦିଓ ନିର୍ବାଚନ ଲଢିବା ମୌଳିକ ଅଧିକାର ନୁହେଁ ତେବେ ଜଷ୍ଟିସ୍ ନିନା ବଂସଲ କୃଷ୍ଣା ସମ୍ବନ୍ଧିତ ପକ୍ଷଙ୍କ ତର୍କ ଶୁଣିଥିଲେ। ଅସଦୁଦ୍ଦିନ ଓବେସୀଙ୍କ ପାର୍ଟି ଏଆଇଏମଆଇଏମ ଟିକେଟରେ ହୁସେନ ମୁସ୍ତଫାବାଦ ସିଟରୁ ବିଧାନସଭା ନିର୍ବାଚନ ଲଢିବା ନିମନ୍ତେ ଜାନୁୟାରୀ ୧୪ ତାରିଖରୁ ଫେବୃଆରୀ ୯ ତାରିଖ ପର୍ଯ୍ୟନ୍ତ ଅନ୍ତରୀଣ ଜାମିନ ନିମନ୍ତେ ହାଇକୋର୍ଟଙ୍କୁ ଯାଇଛନ୍ତି।

# ବ୍ରାଡ୍ ପିଟ୍‌ଙ୍କ ନାଁରେ ୮ ଲକ୍ଷ ୟୁରୋ ଠକେଇ

ପ୍ୟାରିସ୍, ୧୫।୧: ଫ୍ରାନ୍ସରେ ଇଣ୍ଟେରିଅର ଡିଜାଇନର ଭାବେ କାର୍ଯ୍ୟରତ ଆନି ପ୍ରାୟ ୮ ଲକ୍ଷ ୟୁରୋ ମୂଲ୍ୟର ଠକାମିର ସମ୍ମୁଖୀନ ହୋଇଛନ୍ତି। ହଲିଉଡ୍ ଅଭିନେତା ବ୍ରାଡ୍ ପିଟଙ୍କ ବିଭିନ୍ନ ଡିପଫେକ ଫଟୋ ଏବଂ ଭିଡିଓର ବ୍ୟବହାର କରି ଠକ ଆନିଙ୍କ ବିଶ୍ୱାସ ଜିଣିବା ସହ ବନ୍ଧୁତା ସ୍ଥାପନ କରିଥିଲେ। ପରେ ସେ ଆନିଙ୍କୁ ବିବାହର ଲାଳସା ଦେଖାଇଥିଲେ। ଜଣେ ପ୍ରତିଷ୍ଠିତ ହଲିଉଡ୍ ଅଭିନେତାଙ୍କ ସ୍ତ୍ରୀ ହେବାର ସ୍ୱପ୍ନ ଦେଖି ଆନି ନିଜ ସ୍ୱାମୀଙ୍କୁ ଛାଡ଼ପତ୍ର ଦେଇଥିଲେ। ଆନିଙ୍କୁ ଛାଡ଼ପତ୍ର ବାବଦକୁ ୭.୭୫ ଲକ୍ଷ କ୍ଷତିପୂରଣ ମିଳିଥିବାର ଜାଣି ଠକ ଜଣକ ତାଙ୍କୁ ବିଭିନ୍ନ ବାହାନା କରି ଅର୍ଥ ମାଗିଥିଲେ। ଅଭିନେତା ବ୍ରାଡ୍‌ଙ୍କ ପ୍ରେମରେ ପଡ଼ିଥିବାରୁ ଆନି ଅର୍ଥ ପ୍ରଦାନ କରି ଠକାମିରେ ପଡ଼ିଥିଲେ।

# ପନ୍ନୁ ମାମଲା : କାର୍ଯ୍ୟାନୁଷ୍ଠାନ ପାଇଁ ସୁପାରିସ କଲା ଉଚ୍ଚସ୍ତରୀୟ କମିଟି



ନୂଆଦିଲ୍ଲୀ,୧୫।୧ : ଖଲିସ୍ତାନୀ ଆତଙ୍କବାଦୀ ଗୁରପତୱନ୍ତ ସିଂ ପନ୍ନୁଙ୍କୁ ହତ୍ୟା ଷଡ଼ଯନ୍ତ୍ର କରିଥିବା ଅଭିଯୋଗରେ ଜଣେ ଭାରତୀୟ ଏଜେଣ୍ଟଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯାଇପାରେ। କେନ୍ଦ୍ର ସରକାରଙ୍କ ଦ୍ୱାରା ଗଠିତ ଉଚ୍ଚସ୍ତରୀୟ କମିଟି ଏହି ସୁପାରିସ କରିଛି। ନ୍ୟୁୟର୍କରେ ଏହି ଏଜେଣ୍ଟଙ୍କ ବିରୋଧରେ ଅଭିଯୋଗ ରହିଛି।ଦୀର୍ଘ ଦିନର ତଦନ୍ତ ପରେ କମିଟି ସରକାରଙ୍କୁ ରିପୋର୍ଟ ପ୍ରଦାନ କରିଛି ବୋଲି ଗୃହ ମନ୍ତ୍ରଣାଳୟ କହିଛି। ଏଥିରେ ଭାରତୀୟ ଏଜେଣ୍ଟଙ୍କ ବିରୋଧରେ ଆଇନଗତ ପ୍ରକ୍ରିୟା ଶୀଘ୍ର ଶେଷ କରିବାକୁ ସୁପାରିସ କରାଯାଇଛି। ଏଜେଣ୍ଟଙ୍କ ନାମ ପ୍ରକାଶ କରାଯାଇ ନାହିଁ। କିନ୍ତୁ ୨୦୨୩ରେ ଦିଲ୍ଲୀ ପୁଲିସ ଦ୍ୱାରା ଗିରଫ ହୋଇଥିବା ଏଜେଣ୍ଟ ବିକାଶ ଯାଦବଙ୍କ ସହ ଏହାର ସମ୍ପର୍କ ରହିଛି। ଦୀର୍ଘ ଦିନର ତଦନ୍ତ ପରେ କମିଟି ସରକାରଙ୍କୁ ରିପୋର୍ଟ ପ୍ରଦାନ କରିଛି ବୋଲି ଗୃହ ମନ୍ତ୍ରଣାଳୟ କହିଛି। ଏଥିରେ ଭାରତୀୟ ଏଜେଣ୍ଟଙ୍କ ବିରୋଧରେ ଆଇନଗତ ପ୍ରକ୍ରିୟା ଶୀଘ୍ର ଶେଷ କରିବାକୁ ସୁପାରିସ କରାଯାଇଛି। ଏଜେଣ୍ଟଙ୍କ ନାମ ପ୍ରକାଶ କରାଯାଇ ନାହିଁ। କିନ୍ତୁ ୨୦୨୩ରେ ଦିଲ୍ଲୀ ପୁଲିସ ଦ୍ୱାରା ଗିରଫ ହୋଇଥିବା ଏଜେଣ୍ଟ ବିକାଶ ଯାଦବଙ୍କ ସହ ଏହାର ସମ୍ପର୍କ ରହିଛି।

# ଦିଲ୍ଲୀ ନିର୍ବାଚନ ପାଇଁ ୪୦ ଜଣିଆ ଷ୍ଟାର ପ୍ରଚାରକ ତାଲିକା ପ୍ରକାଶ

## ଧର୍ମେନ୍ଦ୍ର-ବୈଜୟନ୍ତ ସାମିଲ

ନୂଆଦିଲ୍ଲୀ,୧୫।୧: ଦିଲ୍ଲୀ ନିର୍ବାଚନ ପାଇଁ ଜୋରଦାର ପ୍ରସ୍ତୁତି ଚଳାଇଛନ୍ତି ବିଭିନ୍ନ ଦଳର ନେତା। ଭୋଟରଙ୍କୁ ଆକୃଷ୍ଟ କରିବା ପାଇଁ ଏହି ନେତାମାନେ ବିଭିନ୍ନ ପ୍ରତିଶ୍ରୁତି ଭୋଟରଙ୍କ ଆଗରେ ରଖୁଛନ୍ତି । ସେପଟେ ନାମାଙ୍କନ ପ୍ରକ୍ରିୟା ମଧ ଶେଷ ପର୍ଯ୍ୟାୟରେ ପହଞ୍ଚିଲାଣି। ଏହାରି ମଧରେ ଦିଲ୍ଲୀ ବିଧାନସଭା ନିର୍ବାଚନ ପାଇଁ ବିଜେପି ଜାରି କରିଛି ଷ୍ଟାର ପ୍ରଚାରକ ତାଲିକା। ଦଳ ୪୦ ପ୍ରମୁଖ ବଡ଼ ନେତାଙ୍କୁ ସ୍ଥାନ ଦେଇଛି ଏହି ତାଲିକାରେ। ବୁଧବାର ଏନେଇ ଦଳର ରାଷ୍ଟ୍ରୀୟ ସାଧାରଣ ସଂପାଦକ ଅରୁଣ ସିଂହ ନିର୍ବାଚନ ଆୟୋଗଙ୍କୁ ସୂଚନା ଦେଇଛନ୍ତି। ଜାରି ହୋଇଥିବା ଷ୍ଟାର କ୍ୟାମ୍ପେନରଙ୍କ ତାଲିକାରେ ରହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ବିଜେପି ଅଧ୍ୟକ୍ଷ ଜେପି ନଡ୍ଡା, ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ, ଗୃହମନ୍ତ୍ରୀ ଅମିତ ଶାହ, କେନ୍ଦ୍ରମନ୍ତ୍ରୀ ନୀତୀନ ଗଡକରୀ, କେନ୍ଦ୍ରମନ୍ତ୍ରୀ ପୀୟୂଷ ଗୋଏଲ, କେନ୍ଦ୍ରମନ୍ତ୍ରୀ ଶିବରାଜ ସିଂହ ଚୌହାନ, କେନ୍ଦ୍ର ମନ୍ତ୍ରୀ ମନୋହର ଲାଲ ଖଟ୍ଟର, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ରମନ୍ତ୍ରୀ ସରଦାର ହରଦୀପ ସିଂହ ପୁରୀ, କେନ୍ଦ୍ରମନ୍ତ୍ରୀ ଗିରିରାଜ ସିଂହ। ସେହିଭଳି ବିଜେପି ରାଷ୍ଟ୍ରୀୟ ଉପାଧ୍ୟକ୍ଷ ଏବଂ ଓଡ଼ିଶା ବିଜେପି ନେତା ବୈଜୟନ୍ତ ପଣ୍ଡା ମଧ ରହିଛନ୍ତି ଏହି ଷ୍ଟାର କ୍ୟାମ୍ପେନର ତାଲିକାରେ। ତାଲିକାରେ ବିଜେପି ଶାସିତ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କୁ ମଧ ସାମିଲ କରାଯାଇଛି। ଏଥିରେ ଉତ୍ତର ପ୍ରଦେଶର ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ, ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନବିସ, ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମା, ମଧ ପ୍ରଦେଶ ମୁଖ୍ୟମନ୍ତ୍ରୀ ମୋହନ ଯାଦବ, ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂହ ଧାମୀ, ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଭଜନଲାଲ ଶର୍ମା ଏବଂ ହରିୟାଣ ମୁଖ୍ୟମନ୍ତ୍ରୀ ନାୟବ ସିଂହ ସୈନୀଙ୍କ ନାଁ ସାମିଲ ରହିଛି। ଉତ୍ତର ପ୍ରଦେଶ ଉପମୁଖ୍ୟମନ୍ତ୍ରୀ କେଶବ ପ୍ରସାଦ ମୌର୍ଯ୍ୟ, ରାଜସ୍ଥାନର ଉପମୁଖ୍ୟମନ୍ତ୍ରୀ ପେମଚନ୍ଦ ବୈରବା ଏବଂ ବିହାର ଉପମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀଙ୍କୁ ମଧ ସ୍ଥାନ ମିଳିଛି। ଏହା ବାଦ ଦିଲ୍ଲୀ ବିଜେପି ଅଧ୍ୟକ୍ଷ ବିରେନ୍ଦ୍ର ସଚଦେବ, ସାଂସଦ ଅତୁଲ ଗର୍ଗ, ଦିଲ୍ଲୀ ବିଜେପି ସହ-ପ୍ରଭାରୀ ଡା. ଅଲକା ଗୁର୍ଜର, କେନ୍ଦ୍ରମନ୍ତ୍ରୀ ଏବଂ ଦିଲ୍ଲୀ ସାଂସଦ ହର୍ଷ ମଲହୋତ୍ରା, ସାଂସଦ ମନୋଜ ତୱାରୀ, ସାଂସଦ ରାମବୀର ସିଂହ ବିଧୂଡ଼ି, ସାଂସଦ ଯୋଗେନ୍ଦ୍ର ଚନ୍ଦୋଲିୟା, ସାଂସଦ କମଲଜୀତ ସିଂହ ସହରାୱତ, ସାଂସଦ ପ୍ରବୀଣ ଖଣ୍ଡେଲୱାଲ, ସାଂସଦ ବାଂସୁରୀ ସ୍ୱରାଜ, ସାଂସଦ ଅନୁରାଗ ଠାକୁର, ସାଂସଦ ହେମା ମାଳିନୀ, ସାଂସଦ ରବି କିଶନ, ସାଂସଦ ଦିନେଶ ଲାଲ ଯାଦବ (ନିରହୁଆ), ପୂର୍ବତନ ସାଂସଦ ସ୍ମୃତି ଇରାନୀ, ପୂର୍ବତନ ସାଂସଦ ଡା. ହର୍ଷବର୍ଦ୍ଧନ, ପୂର୍ବତନ ସାଂସଦ ହଂସରାଜ ହଂସ ଏବଂ ଦିଲ୍ଲୀ ନଗର ନିଗମ ନେତା ସରଦାର ରାଜା ଇକବାଲ ସିଂହ ରହିଛନ୍ତି।

# ୟୁକ୍ରେନର ୧୦୦ ସ୍ଥାନରେ ରୁଷର ପ୍ରଚଣ୍ଡ ଆକ୍ରମଣ

କିଭ,୧୫।୧: ରୁଷ୍ ୟୁକ୍ରେନ ଉପରେ ଏପର୍ଯ୍ୟନ୍ତ ସବୁଠାରୁ ବଡ଼ ଆକ୍ରମଣ କରିଛି। ଏକାସାଙ୍ଗରେ ୟୁକ୍ରେନର ୧୦୦ ଟି ସ୍ଥାନ ଉପରେ ଆକ୍ରମଣ କରିଛି ରୁଷ ସେନା । କୃଷ୍ଣ ସାଗରର ଟିୟୁ-୯୫ ବୋମାବର୍ଷକ ବିମାନରୁ କ୍ରୁଜ୍ କ୍ଷେପଣାସ୍ତ୍ର ନିକ୍ଷେପ କରି ଏହି ଆକ୍ରମଣ କରାଯାଇଛି। ଗତ ୩ ବର୍ଷ ମଧରେ ଏହା ରୁଷିଆର ସବୁଠାରୁ ବଡ଼ ଆକ୍ରମଣ। ମଙ୍ଗଳବାର ରାତିରେ ୟୁକ୍ରେନ ରୁଷିଆ ଉପରେ ଆକ୍ରମଣ କରିଥିବାରୁ ରୁଷିଆର ଏହି ଆକ୍ରମଣକୁ ୟୁକ୍ରେନର ପ୍ରତିଶୋଧ ବୋଲି ବିବେଚନା କରାଯାଉଛି।ରୁଷର ଆକ୍ରମଣରେ କିଭରେ ଏକ ଡଜନରୁ ଅଧିକ କୋଠା ଧ୍ୱଂସ ହୋଇଯାଇଛି। ଆକ୍ରମଣ ପରେ ଅନେକ କୋଠାରେ ନିଆଁ ଲାଗିଯାଇଥିଲା। ୟୁକ୍ରେନ୍ ମୃତକଙ୍କ ସଂଖ୍ୟା ପ୍ରକାଶ କରିନାହିଁ। ଋଷିଆ ଇସକନ୍ଦର କ୍ଷେପଣାସ୍ତ୍ର ଦ୍ୱାରା ଏହି ଆକ୍ରମଣ କରିଛି । ଏହି ଆକ୍ରମଣରେ ୟୁକ୍ରେନକୁ ବଡ଼ କ୍ଷତି ସହିବାକୁ ପଡ଼ିଛି। ସକାଳ ସାଢ଼େ ୬ଟାରେ ରୁଷିଆ ପ୍ରଥମ ଆକ୍ରମଣ କରିଥିଲା। ଏହି ଆକ୍ରମଣ ପରେ ସମଗ୍ର କିଭରେ ଜରୁରୀକାଳୀନ ପରିସ୍ଥିତି ଜାରି କରାଯାଇଛି। କ୍ରମାଗତ ଭାବେ ସାଇରନ୍ ବାଜୁଛି ଓ ଲୋକେ ବଙ୍କରରେ ଆଶ୍ରୟ ନେଇଛନ୍ତି। ରୁଷିଆର ଆକ୍ରମଣକୁ ନେଇ ଜେଲେନସ୍କିଙ୍କ ବୟାନ ସାମ୍ନାକୁ ଆସିଛି । ସେ କହିଛନ୍ତି ଯେ ୪୦ରୁ ଅଧିକ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ଉପରେ ଆକ୍ରମଣ ହୋଇଛି। ରୁଷିଆର ୩୦ଟି କ୍ଷେପଣାସ୍ତ୍ର ନଷ୍ଟ ହୋଇଛି।

# କଂଗ୍ରେସର ନୂଆ ଠିକଣା- ‘ଇନ୍ଦିରା ଭବନ’



ନୂଆଦିଲ୍ଲୀ,୧୫।୧: କଂଗ୍ରେସ ଦଳର ନୂଆ ଠିକଣା ‘ଇନ୍ଦିରା ଭବନ’। ବୁଧବାର ଦଳର ନୂତନ ମୁଖ୍ୟାଳୟ ଉଦ୍‌ଘାଟିତ ହୋଇଛି। କଂଗ୍ରେସ ସଂସଦୀୟ ଦଳ ନେତା ସୋନିଆ ଗାନ୍ଧୀ ଫିତା କାଟି ନୂତନ ମୁଖ୍ୟାଳୟର ଉଦଘାଟନ କରିଛନ୍ତି। ସେହିଭଳି ଦଳର ମୁଖ୍ୟ ମଲ୍ଲିକାର୍ଜୁନ ଖଡର୍ଗେ ପତାକା ଉତ୍ତୋଳନ କରିଛନ୍ତି। ଏହି ଅବସରରେ ରାହୁଲ ଗାନ୍ଧୀ, ପ୍ରିୟଙ୍କା ଗାନ୍ଧୀ, କେସି ଭେନୁଗୋପାଳଙ୍କ ସମେତ ବହୁ ଦଳୀୟ ନେତା ଉପସ୍ଥିତ ଥିଲେ। ଆପଣଙ୍କୁ ଜଣାଇ ଦେଉଛୁ ଯେ କଂଗ୍ରେସ ମୁଖ୍ୟାଳୟର ନୂତନ ଠିକଣା ଏବେ ’ଇନ୍ଦିରା ଭବନ’ ୯ଏ କୋଟ୍ଲା ରୋଡ, ଯାହା ପୂର୍ବରୁ ୨୪, ଆକବର ରୋଡ ଥିଲା। ଏହି କୋଠାର ଭିତ୍ତିପ୍ରସ୍ତର ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂହ ଏବଂ ସୋନିଆ ଗାନ୍ଧୀ ସ୍ଥାପନ କରିଥିଲେ। ପାଞ୍ଚ ମହଲା ବିଶିଷ୍ଟ ଏହି କୋଠାଟି ପରିବେଶ ଅନୁକୂଳ। ଏହାର ନିର୍ମାଣ କାର୍ଯ୍ୟ ୨୦୧୬ରେ ଆରମ୍ଭ ହୋଇଥିଲା ଏବଂ ୨୦୨୫ରେ ଶେଷ ହୋଇଥିଲା। ଦଳର ସଭାପତି ମଲ୍ଲିକାର୍ଜୁନ ଖାଡଗେ ଇନ୍ଦିରା ଭବନକୁ ଦେଶ ପାଇଁ ଗଣତନ୍ତ୍ରର ପାଠଶାଳା ବୋଲି ଅବିହିତ କରିଛନ୍ତି। ସେହିଭଳି ଲୋକ ସଭାରେ ବିରୋଧୀ ଦଳ ନେତା ଏବଂ ରାୟବରେଲି ଏମ୍ପି ରାହୁଲ ଗାନ୍ଧୀ ଇନ୍ଦିରା ଭବନକୁ ତ୍ୟାଗ ଏବଂ କଠିନ ପରିଶ୍ରମର ପ୍ରତୀକ ଭାବରେ ବର୍ଣ୍ଣନା କରିଛନ୍ତି। ନୂତନ ମୁଖ୍ୟାଳୟର ଉଦ୍‌ଘାଟନ ପାଇଁ ଦଳୀୟ ନେତାମାନଙ୍କୁ ସମ୍ବୋଧିତ କରିବା ସମୟରେ, ରାହୁଲ ଗାନ୍ଧୀ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଏବଂ ଭାଜପାକୁ କଡ଼ା ଟାର୍ଗେଟ କରିଥିଲେ। ସେ ମହାରାଷ୍ଟ୍ର ଏବଂ ହରିୟାଣାର ନିର୍ବାଚନ ଫଳାଫଳ ବିଷୟରେ ମଧ କହିଥିଲେ। ସେ କହିଥିଲେ ଯେ ନିର୍ବାଚନରେ ସ୍ୱଚ୍ଛତା ସୁନିଶ୍ଚିତ କରିବା ନିର୍ବାଚନ କମିଶନର କର୍ତ୍ତବ୍ୟ, ଆମର ନିର୍ବାଚନ ବ୍ୟବସ୍ଥାରେ ଏକ ଗମ୍ଭୀର ସମସ୍ୟା ରହିଛି। ସେ କହିଛନ୍ତି ଯେ ମହାରାଷ୍ଟ୍ର, ହରିୟାଣା ବିଧାନସଭା ନିର୍ବାଚନର ତଥ୍ୟ ଆମକୁ ପ୍ରଦାନ କରିବା ନିର୍ବାଚନ କମିଶନର କର୍ତ୍ତବ୍ୟ, କିନ୍ତୁ ଏହା କରିବାକୁ ମନା କରୁଛି।

# ଜୋତା ବଣ୍ଟା ବିବାଦକୁ ନେଇ ପ୍ରବେଶ ବର୍ମାଙ୍କ ବିରୋଧରେ ଏଫଆଇଆର ପାଇଁ ନିର୍ଦ୍ଦେଶ

ନୂଆଦିଲ୍ଲୀ,୧୫।୧: ବିଜେପି ନେତା ତଥା ନୂଆଦିଲ୍ଲୀ ସିଟରୁ ପ୍ରାର୍ଥୀ ହୋଇଥିବା ପ୍ରବେଶ ବର୍ମାଙ୍କ ବିରୋଧରେ ମାମଲା ରୁଜୁ କରିବାକୁ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶ। ନିର୍ବାଚନ ଅଧିକାରୀ ଏସଏଚଓଙ୍କୁ ଚିଠି ଲେଖି ବର୍ମାଙ୍କ ବିରୋଧରେ ନିର୍ବାଚନ ଆଚରଣ ବିଧି ଉଲ୍ଲଙ୍ଘନ ମାମଲାରେ ଏଫଆଇଆର ରୁଜୁ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଚିଠିରେ ନିର୍ବାଚନ ଅଧିକାରୀ କହିଛନ୍ତି ପ୍ରବେଶ ବର୍ମାଙ୍କ ବିରୋଧରେ ଅଭିଯୋଗ ହୋଇଛି ଯେ, ସେ ବୁଧବାର ସକାଳେ ଭୋଟରଙ୍କୁ ଜୋତା ବାଣ୍ଟୁଥିଲେ। ଏମିତିରେ ଆପଣ ଏହି ମାମଲାର ଯାଞ୍ଚ କରି ଉଚିତ୍ କାର୍ଯ୍ୟାନୁଷ୍ଠାନ କରନ୍ତୁ ଏବଂ ରିପୋର୍ଟ ପ୍ରସ୍ତୁତ କରନ୍ତୁ। ଅଭିଯୋଗ ହୋଇଛି ପ୍ରବେଶ ବର୍ମା ବୁଧବାର ନାମାଙ୍କନ ଭରିବା ପୂର୍ବରୁ ମହିଳାଙ୍କୁ ଜୋତା ବାଣ୍ଟିଥିଲେ। ଏହାପରେ ଏହି ମାମଲାକୁ ନେଇ ଆମ ଆଦମୀ ପାର୍ଟି ତାଙ୍କୁ ଟାର୍ଗେଟ କରିଥିଲା ଆଉ ନିର୍ବାଚନ ଆୟୋଗଙ୍କୁ ପ୍ରବେଶଙ୍କ ବିରୋଧରେ ଆକ୍ସନ ନେବାକୁ ଅପିଲ କରିଥିଲା। ଏହା ପୂର୍ବରୁ ମଧ ପ୍ରବେଶ ବର୍ମାଙ୍କ ଉପରେ ଟଙ୍କା, ଚାଦର, ଚଷମା ବାଣ୍ଟିବା ଏବଂ ରୋଜଗାର ମେଳା ଆୟୋଜନ କରିବାର ଅଭିଯୋଗ ଆଣିଥିଲା ଆପ୍।

# ଛାଡ଼ପତ୍ର ବିନା ଅଲଗା ରହୁଥିବା ମହିଳା କରିପାରିବେ ଗର୍ଭପାତ’

ଚଣ୍ଡିଗଡ,୧୫।୧: ଛାଡ଼ପତ୍ର ବିନା ସ୍ୱାମୀଙ୍କଠାରୁ ଅଲଗା ରହୁଥିବା ଜଣେ ମହିଳା ତାଙ୍କ ସ୍ୱାମୀଙ୍କ ବିନା ଅନୁମତିରେ ମଧ ଗର୍ଭପାତ କରାଇପାରିବେ। ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଶୁଣାଇଛନ୍ତି ପଞ୍ଜାବ-ହରିୟାଣା ହାଇକୋର୍ଟ। ୧୮ ସପ୍ତାହର ଗର୍ଭବତୀ ଥିବା ଜଣେ ମହିଳା ତାଙ୍କ ସ୍ୱାମୀଙ୍କ ବିନା ଅନୁମତିରେ ଗର୍ଭପାତ କରିବାକୁ ମୋହାଲୀର ଫୋର୍ଟିସ୍ ହସ୍ପିଟାଲକୁ ନିର୍ଦ୍ଦେଶ ଦେବାକୁ କୋର୍ଟରେ ଆବେଦନ କରିଥିଲେ। ଏହି ମାମଲାର ଶୁଣାଣି କରି ହାଇକୋର୍ଟ ଏହି ରାୟ ଶୁଣାଇଛନ୍ତି। ଆବେଦନକାରୀ କହିଥିଲେ ଯେ, ଗର୍ଭପାତ ପାଇଁ ନିର୍ଦ୍ଧାରିତ ସମୟରୁ ଅଧିକ ହୋଇ ନ ଥିବାରୁ ଡାକ୍ତରୀ ଚିକିତ୍ସା ଅନୁସାରେ ତାଙ୍କ ଗର୍ଭପାତ କରାଯାଇପାରେ। ଆବେଦନକାରୀଙ୍କ ଓକିଲ ଯୁକ୍ତି ବାଢିଥିଲେ ଯେ, ମହିଳାଜଣକ କମ୍ ଯୌତୁକ ଆଣିଥିବାରୁ ଶାଶୁଘର ଲୋକଙ୍କ ଦ୍ୱାରା ନିର୍ଯାତିତ ହୋଇଛନ୍ତି ଏବଂ ତାଙ୍କ ସ୍ୱାମୀ ମଧ ତାଙ୍କୁ ଦୁର୍ବ୍ୟବହାର କରିଛନ୍ତି। ଏହି ନିର୍ଯାତନା କାରଣରୁ ମହିଳାଜଣକ ଅଲଗା ରହିବା ଆରମ୍ଭ କରିଥିଲେ ଏବଂ ଅନୁଭବ କରିଥିଲେ ଯେ, ଅବାଞ୍ଛିତ ଗର୍ଭ ତାଙ୍କ ଶାରୀରିକ ଏବଂ ମାନସିକ ସ୍ୱାସ୍ଥ୍ୟକୁ ଗଭୀର କ୍ଷତି ପହଞ୍ଚାଇବ। ଅଦାଲତ କହିଛନ୍ତି ଯେ, ଆବେଦନକାରୀ ଘରୋଇ ହିଂସା କାରଣରୁ ତାଙ୍କ ସ୍ୱାମୀଙ୍କଠାରୁ ଅଲଗା ହୋଇଯାଇଛନ୍ତି, କିନ୍ତୁ ଆଇନଗତ ଭାବରେ ଛାଡପତ୍ର ହୋଇନାହିଁ। ତଥାପି ବୈବାହିକ ସ୍ଥିତିରେ ପରିବର୍ତ୍ତନ ଆଧାରରେ ତାଙ୍କ ସ୍ୱାମୀଙ୍କ ସହମତି ବିନା ସେ ଗର୍ଭପାତ କରିବାକୁ ଯୋଗ୍ୟ।ହାଇକୋର୍ଟ କହିଛନ୍ତି ଯେ, ଅବାଞ୍ଛିତ ଗର୍ଭଧାରଣ ପାଇଁ ବାଧ ହେବାଦ୍ୱାରା ଜଣେ ମହିଳା ଶାରୀରିକ ତଥା ଭାବଗତ ଆହ୍ୱାନର ସମ୍ମୁଖୀନ ହୋଇପାରନ୍ତି। ଶିଶୁ ଜନ୍ମ ପରେ ମଧ ଏପରି ଗର୍ଭାବସ୍ଥାର ପରିଣାମ ସହିତ ମୁକାବିଲା କରିବା ଆବେଦନକାରୀଙ୍କ ଉପରେ ଅତିରିକ୍ତ ବୋଝ ଲଦିଥାଏ। ଏହାଦ୍ୱାରା ଜୀବନର ଅନ୍ୟାନ୍ୟ ସୁଯୋଗ ଯେପରିକି ରୋଜଗାର ଏବଂ ନିଜ ପରିବାରର ଆୟରେ ଯୋଗଦାନ କରିବାର କ୍ଷମତା ଆଦି ପ୍ରଭାବିତ ହୋଇଥାଏ।

# କ୍ଷମା ମାଗିଲେ ମେଟା ସିଇଓ




ନୂଆଦିଲ୍ଲୀ ୧୫/୧: ଶେଷରେ କ୍ଷମା ମାଗିଲା ମେଟା । ଭାରତ ଉପରେ ମାର୍କ ଜୁକରବର୍ଗଙ୍କ ମନ୍ତବ୍ୟ ପାଇଁ କ୍ଷମା ପ୍ରାର୍ଥନା କରଯାଇଛି । ଏହି ସୂଚନା ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଆଇଟି ଏବଂ ଯୋଗାଯୋଗ ବ୍ୟାପାର ସଂସଦୀୟ କମିଟିର ଅଧ୍ୟକ୍ଷ ନିଶିକାନ୍ତ ଦୁବେ ଦେଇଛନ୍ତି। ମଙ୍ଗଳବାର ଦିନ କହିଥିଲେ ଯେ ମାର୍କ ଜୁକରବର୍ଗଙ୍କ ମନ୍ତବ୍ୟ ଉପରେ ଏକ ସଂସଦୀୟ କମିଟି ମେଟାକୁ ସମନ କରିବ। ନିଶିକାନ୍ତ ଦୁବେ ଏକ୍ସରେ ପୋଷ୍ଟ କରି ଲେଖିଛନ୍ତି, ’ଭାରତୀୟ ସଂସଦ ଏବଂ ସରକାରଙ୍କ ଉପରେ ୧୪୦ କୋଟି ଲୋକଙ୍କ ଆଶୀର୍ବାଦ ଏବଂ ସାର୍ବଜନୀନ ବିଶ୍ୱାସ ରହିଛି ।’ ମେଟା ଭାରତୀୟ ଅଧିକାରୀ ଶେଷରେ ତାଙ୍କ ଭୁଲ ପାଇଁ କ୍ଷମା ମାଗିଛନ୍ତି। ସେ ଲେଖିଛନ୍ତି, ’ଏହି ବିଜୟ ଭାରତର ସାଧାରଣ ନାଗରିକଙ୍କର । ପ୍ରଧାନମନ୍ତ୍ରୀ ମୋଦିଙ୍କୁ ତୃତୀୟ ଥର ପାଇଁ ପ୍ରଧାନମନ୍ତ୍ରୀ କରି, ଲୋକମାନେ ବିଶ୍ୱକୁ ଦେଶର ସବୁଠାରୁ ଶକ୍ତିଶାଳୀ ନେତୃତ୍ୱ ସହିତ ପରିଚିତ କରାଇଛନ୍ତି ।’ ଏବେ ଏହି ପ୍ରସଙ୍ଗରେ ଆମ କମିଟିର ଦାୟିତ୍ୱ ଶେଷ ହେଉଛି । ଆମେ ଭବିଷ୍ୟତରେ ଏହି ସାମାଜିକ ମଞ୍ଚଗୁଡ଼ିକୁ ଅନ୍ୟ ପ୍ରସଙ୍ଗରେ ଡାକିବୁ, କ୍ଷମା ସେହି ସାପକୁ ସୁହାଏ ଯାହା ପାଖରେ ବିଷ ଥାଏ । ପ୍ରକୃତରେ, କହିବାକୁ ଗଲେ ଫେସବୁକ୍ ପ୍ରତିଷ୍ଠାତା ଏବଂ ମେଟା ସିଇଓ ମାର୍କ ଜୁକରବର୍ଗ ଜୋ ରୋଗାନଙ୍କ ପୋଡକାଷ୍ଟରେ ଭାରତ ବିଷୟରେ କିଛି ଭୁଲ ସୂଚନା ଦେଇଥିଲେ। ସେ କହିଥିଲେ ଯେ ଭାରତ ସମେତ ବିଶ୍ୱର ଅନେକ ସରକାର କୋଭିଡ-୧୯ ପରେ ହୋଇଥିବା ନିର୍ବାଚନରେ ହାରିଯାଇଛନ୍ତି

# ନିର୍ବାଚନ ନିୟମ ପରିବର୍ତ୍ତନ ମାମଲା: ସରକାରଙ୍କୁ ଜବାବ ମାଗିଲେ ସୁପ୍ରିମକୋର୍ଟ



ନୂଆଦିଲ୍ଲୀ ୧୫।୧: କଂଗ୍ରେସ ନେତା ଜୟରାମ ରମେଶଙ୍କ ଦ୍ୱାରା ରୁଜୁ ରିଟ୍ ପିଟିସନ ଉପରେ ସୁପ୍ରିମକୋର୍ଟରେ ଶୁଣାଣି ହୋଇଛି। ମାମଲାରେ ସୁପ୍ରିମକୋର୍ଟ କେନ୍ଦ୍ର ସରକାର ଓ ନିର୍ବାଚନ ଆୟୋଗଙ୍କୁ ନୋଟିସ୍ ଜାରି କରିଛନ୍ତି। ମାର୍ଚ୍ଚ ୧୭ରେ ଆରମ୍ଭ ହେଉଥିବା ସପ୍ତାହ ସୁଦ୍ଧା ସରକାର ଓ ନିର୍ବାଚନ ଆୟୋଗଙ୍କୁ ଜବାବ ଦାଖଲ କରିବାକୁ ପଡିବ। ପିଟିସନରେ ନିର୍ବାଚନ ନିୟମ ୧୯୬୧ ସଂଶୋଧନକୁ ଚ୍ୟାଲେଞ୍ଜ କରାଯାଇଛି। ଏହି ନିୟମ କେତେକ ଇଲେକ୍ଟ୍ରୋନିକ ଡକ୍ୟୁମେଣ୍ଟର ସାର୍ବଜନିକ ନିରୀକ୍ଷଣ ଉପରେ ରୋକ ଲଗାଉଛି। ନିର୍ବାଚନ ନିୟମ ୧୯୬୧ରେ ସରକାର କରିଥିବା ଏହି ସଂଶୋଧନକୁ କଂଗ୍ରେସ ଆପତ୍ତି କରିଛି। ଏହା ବିରୋଧରେ ପାର୍ଟି କୋର୍ଟକୁ ଯାଇଥିବା ବେଳେ ଏବେ ନୋଟିସ୍ ଜାରି ହୋଇଛି। ଏହି ମାମଲାର ପରବର୍ତ୍ତି ଶୁଣାଣି ୧୭ ମାର୍ଚ୍ଚରୁ ଆରମ୍ଭ ହେଉଥିବା ସପ୍ତାହରେ ହେବ। ନିକଟରେ କେନ୍ଦ୍ରର ମୋଦି ସରକାର ସିସିଟିଭି କ୍ୟାମେରା ଏବଂ ୱେବକାଷ୍ଟିଂ ଫୁଟେଜ ସହିତ ପ୍ରାର୍ଥୀଙ୍କ ଭିଡିଓ ରେକର୍ଡିଂ ଭଳି ଡକ୍ୟୁମେଣ୍ଟର ସାର୍ବଜନିକ ନିରୀକ୍ଷଣ ରୋକିବା ପାଇଁ ନିର୍ବାଚନ ସମ୍ପର୍କିତ ନିୟମରେ ସଂଶୋଧନ କରିଛନ୍ତି। ଏହା ଦ୍ୱାରା ଏପରି ଡକ୍ୟୁମେଣ୍ଟର ଦୂରୁପଯୋଗ ରୋକାଯାଇ ପାରିବ ବୋଲି ସରକାର ତର୍କ ଦେଇଛନ୍ତି। ନିର୍ବାଚନ ଆୟୋଗଙ୍କ ସୁପାରିଶରେ କେନ୍ଦ୍ରୀୟ ଆଇନ ମନ୍ତ୍ରାଳୟ ସାର୍ବଜନିକ ନିରୀକ୍ଷଣ ପାଇଁ ରଖା ଯାଉଥିବା କାଗଜପତ୍ର ଅଥବା ଡକ୍ୟୁମେଣ୍ଟ ପ୍ରକାରକୁ ନିଷିଦ୍ଧ କରିବା ପାଇଁ ନିର୍ବାଚନ ସଞ୍ଚାଳୟନ ନିୟମାବଳୀ ୧୯୬୧ର ନିୟମ ୯୩ରେ ପରିବର୍ତ୍ତନ କରାଯାଇଛି।

# ମୃତ୍ୟୁ ଦଣ୍ଡାଦେଶକୁ କୋହଳ କଲେ ହାଇକୋର୍ଟ

## ୩୦ଲକ୍ଷ ଟଙ୍କାର କ୍ଷତିପୂରଣ ଦେବାକୁ ନିର୍ଦ୍ଦେଶ

କଟକ: ମୃତ୍ୟୁ ଦଣ୍ଡାଦେଶକୁ କୋହଳ କଲେ ହାଇକୋର୍ଟ । ଫାଶୀ ବଦଳରେ ୯ ଜଣଙ୍କୁ ଆଜୀବନ ଦଣ୍ଡାଦେଶ ପାଇଁ ହାଇକୋର୍ଟ ଆଜି ରାୟ ଶୁଣାଇଛନ୍ତି । ଏଥି ସହିତ ମୃତକଙ୍କ ପରିବାରକୁ ୩୦ଲକ୍ଷ ଟଙ୍କାର କ୍ଷତିପୂରଣ ଦେବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । କିନ୍ତୁ ସ୍ୱାଭାବିକ ମୃତ୍ୟୁ ପର୍ଯ୍ୟନ୍ତ ସମସ୍ତ ୯ ଜଣ ଦୋଷୀ ଜେଲରେ ରହିବେ ଏବଂ ଜେଲରେ ଥିବା ଭିତରେ ସେମାନଙ୍କ ଦଣ୍ଡାଦେଶରେ ଆଉ କୌଣସି କୋହଳ କରାଯାଇପାରିବ ନାହିଁ ବୋଲି ହାଇକୋର୍ଟ ତାଙ୍କ ରାୟରେ ସ୍ପଷ୍ଟ କରିଛନ୍ତି । ଖବର ଅନୁଯାୟୀ, ୨୦୧୬ ସେପ୍ଟେମ୍ବର ୯ ତାରିଖ ରାତି ପ୍ରାୟ ୭.୧୩ମିନିଟ ସମୟରେ ଗୁଣି ଗାରେଡ଼ି ସନ୍ଦେହରେ ପୁଟାସିଂ ଥାନା ଅନ୍ତର୍ଗତ କିତୁ ଗାଁର ଅସୀନ ଶବର, ପତ୍ନୀ ଆମ୍ବ ଶବର ଓ ବଡ଼ ଝିଅ ଅସମଣି ଶବରଙ୍କୁ ପିଟି ପିଟି କେତେକ ବ୍ୟକ୍ତି ଦରମରା କରି ଦେଇଥିଲେ । ଅଭିଯୁକ୍ତମାନେ ଜୀବନ ଥାଉ ଥାଉ ବାପା, ମାଆ ଓ ଝିଅ ୩ଜଣଙ୍କୁ ଗାଁ ଶ୍ମଶାନରେ ଗାତ ଖୋଳି ମାଟିତଳେ ପୋତି ଦେଇଥିଲେ । ଏହାର ଦୁଇ ଦିନ ବିତିଯିବା ପରେ ପ୍ରମାଣ ନଷ୍ଟ କରିବାକୁ ଶବଗୁଡ଼ିକୁ ମାଟିତଳୁ



କାଢ଼ି ପୋଡ଼ି ଦେଇଥିଲେ ବୋଲି ଅଭିଯୋଗ ହୋଇଥିଲା । ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ପ୍ରତ୍ୟେକ ଦୃଶ୍ୟର ଜଣେ ମାତ୍ର ସାକ୍ଷୀ ରହିଥିଲେ ପୀଡ଼ିତ ପରିବାରର ସାନ ଝିଅ । ତାଙ୍କୁ ମଧ୍ୟ ୨ଦିନ ଧରି ଗାଁରେ ଜଣେ ବ୍ୟକ୍ତିଙ୍କ ଘରେ ନଜରବନ୍ଦୀ କରି ରଖାଯାଇଥିଲା । କୌଶଳକ୍ରମେ ସେ ଗାଁରୁ ଖସି ଆସିବାରୁ ଘଟଣା ଲୋକ ଲୋଚନକୁ ଆସିଥିଲା । ରାୟଗଡ଼ା ଜିଲ୍ଲା ଗୁଣପୁର ବ୍ଲକ ଟଲଣା ପଂଚାୟତ ଅନ୍ତର୍ଗତ କିତୁ ଗାଁରେ ଏହି ଘଟଣା ଘଟିଥିଲା। ୨୦୧୬ ସେପ୍ଟେମ୍ବର ୧୬ରେ ଏ ନେଇ ପୋଲିସ ମାମଲା ରୁଜୁ କରିଥିଲା । ଏହି ମାମଲାରେ ଗୁଣପୁର ଅତିରିକ୍ତ ଦୌରା ଜଜ ୨୦୧୮ ଏପ୍ରିଲ ୨୩ ତାରିଖରେ ୯ ଜଣକୁ ଫାଶି ଦଣ୍ଡ ପ୍ରଦାନ କରିଥିବା ବେଳେ ହାଇକୋର୍ଟ ଏହି ରାୟକୁ ରଦ୍ଦ କରିଦେଇଥିଲେ । ଏଥି ସହିତ ମାମଲାର ସାନି ଶୁଣାଣି କରିବାକୁ ନିମ୍ନ ଅଦାଲତଙ୍କୁ ହାଇକୋର୍ଟ ୨୦୧୯ ନଭେମ୍ବର ୫ ତାରିଖରେ ନିର୍ଦ୍ଦେଶ ଦେଇଥିଲେ । ଏହାପରେ ରାୟଗଡ଼ା ଜିଲ୍ଲା ଓ ଦୌରା ଜଜ ଅଦାଲତରେ ମାମଲାର ସାନି ଶୁଣାଣି ଆରମ୍ଭ ହୋଇଥିଲା । ୨୦୨୧ ଅକ୍ଟୋବର ୨୧ରେ ଦୌରା ଅଦାଲତ ରାୟ ପ୍ରକାଶ କରି ୯ ଜଣ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହିତ ମୃତ୍ୟୁଦଣ୍ଡ ପ୍ରଦାନ କରିଥିଲେ । ତେବେ ମୃତ୍ୟୁ ଦଣ୍ଡ ସଂପର୍କିତ ମାମଲା ଓ ରାୟ ବିରୋଧରେ ଦାୟର ଅପିଲର ହାଇକୋର୍ଟ ଏକତ୍ର ଶୁଣାଣି କରି ଆଜି ଏହି ରାୟ ପ୍ରଦାନ କରିଛନ୍ତି। ଏଥି ସହିତ ପୀଡ଼ିତାଙ୍କ ପରିବାରକୁ ୩୦ଲକ୍ଷ ଟଙ୍କାର କ୍ଷତି ପୂରଣ ଦେବାକୁ ଜିଲ୍ଲା ଆଇନ ସେବା କମିଟିକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି ।

## ହାଇୱା ଧକ୍କାରେ ମୋପେଡ ଚାଳକ ମୃତ




ହିଞ୍ଜିଳିକାଟୁ(ନିପ୍ର): ୫୯ନଂ ଜାତୀୟ ରାଜପଥ ତଥା ହିଞ୍ଜିଳି ଥାନା ଚୈତନ୍ୟପଡା ଗ୍ରାମ ଛକ ନିକଟରେ ଏକ ବାଲି ବୋଝେଇ ହାଇୱା ଧକ୍କାରେ ଜଣେ ମୋପେଡ ଚାଳକଙ୍କ ମୃତ୍ୟୁ ଘଟିଛି । ମୃତକ ଜଣଙ୍କ ହେଲେ ହିଞ୍ଜିଳି ଥାନା ଚୈତନ୍ୟପଡା ଗ୍ରାମର ଗଙ୍ଗା ଦାସ (୩୦) । ପ୍ରକାଶ ଯେ, ବୁଧବାର ସକାଳେ ହିଞ୍ଜିଳିକାଟୁ ଦେଇ ଏକ ବାଲି ବୋଝେଇ ହାଇୱା (ଓଡି୦୭ଏଏ ୨୫୬୯) ବ୍ରହ୍ମପୁର ଅଭିମୁଖେ ଯାଉଥିଲା । ସେହି ସମୟରେ ଗଙ୍ଗା ଟିଭିଏସ ଏକ୍ସଏଲ (ଓଡି୦୭ ୱାଇ ୦୦୭୨) ଯୋଗେ ଗୋପିନାଥପୁର ଗ୍ରାମରୁ ଚୈତନ୍ୟପଡା ଗ୍ରାମକୁ ଫେରୁଥିଲେ । ୫୯ନଂ ଜାତୀୟ ରାଜପଥ ତଥା ହିଞ୍ଜିଳି ଥାନା ଚୈତନ୍ୟପଡା ଛକ ନିକଟରେ ବାଲି ବୋଝେଇ ହାଇୱାଟି ଟିଭିଏସ ଏକ୍ସଏଲକୁ ଧକ୍କା ଦେଇଥିଲା । ଦୁର୍ଘଟଣାରେ ଏକ୍ସଏସ ଚାଳକ ଗୁରୁତର ଆହତ ହୋଇଥିଲେ । ସ୍ଥାନୀୟ ଲୋକେ ଆହତଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ୧୦୮ ଆମ୍ବୁଲାନ୍ସ ଯୋଗେ ବ୍ରହ୍ମପୁର ବଡ ଡାକ୍ତରଖାନାକୁ ପଠାଇଥିଲେ । ସେଠାରେ ଡାକ୍ତର ଯୁବକଙ୍କୁ ମୃତ ଘୋଷଣା କରିଥିଲେ । ଦୁର୍ଘଟଣା ଘଟାଇବା ପରେ ହାଇୱା ଚାଳକ ଗାଡି ସହ ବ୍ରହ୍ମପୁର ସଦର ଥାନାରେ ଆତ୍ମସମର୍ପଣ କରିଥିଲେ । ଖବର ପାଇ ହିଞ୍ଜିଳି ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଏକ୍ସଏଲ ଓ ସଦର ଥାନାରୁ ବାଲି ବୋଝେଇ ହାଇୱାକୁ ଜବତ କରିବା ସହ ଚାଳକଙ୍କୁ ଗିରଫ କରିଛି । ମୃତଦେହ ଜବତ କରି ବ୍ୟବଚ୍ଛେଦ କରିଛି । ଏ ନେଇ ହିଞ୍ଜିଳି ଥାନାରେ ଏକ ମାମଲା ରୁଜୁ କରି ପୁଲିସ ଘଟଣାର ତଦନ୍ତ ଚଳାଇଛି ।

## କମିଶନରଙ୍କୁ ଦାବିପତ୍ର

ଭୁବନେଶ୍ୱର(ନିପ୍ର): ମହାପ୍ରଭୁ ଲିଙ୍ଗରାଜ ଦେବାଭିଷେକ ପୌଷ ପୂର୍ଣ୍ଣିମାରୁ ମକର ମଣ୍ଡପରେ ଦୁଇ ଦିନ ହେଲା ଶୀତ କାକର ଖରାରେ ପଡିଛନ୍ତି ।ଏହାର ପ୍ରତିକାର ପାଇଁ ସେବା ପ୍ରତିନିଧିର ମୁଖ୍ୟ ସଙ୍ଗଠକ ନୀଳମଣି ମିଶ୍ରଙ୍କ ନେତୃତ୍ୱରେ ଗତକାଲି ମନ୍ଦିର ଆଗରେ ଦିବା ୩ ଘଟିକାରେ ଶାନ୍ତି ପୂର୍ଣ୍ଣ ଧାରଣା ଦିଆଯାଇଥିଲା । ତାଆ ସହିତ ଦେବୋତ୍ତର ବିଭାଗରେ କିଛି ସମୟ ଧାରଣା ସହିତ ମାନ୍ୟବର କମିଶନରଙ୍କୁ ଏହାର ସମାଧାନ ପାଇଁ ଦାବି ପତ୍ର ପ୍ରଦାନ କରାଯାଇଥିଲା । ଏହି ଧାରଣାରେ ପତିତପାବନ ପଣ୍ଡା, ସୀତା ରାଉତ, ସ୍ନେହଲତା ମହାପାତ୍ରଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ ।

## ଡିସିପି ଓ ସଦର ଇନ୍ସପେକ୍ଟରଙ୍କୁ ସମ୍ବର୍ଦ୍ଧନା

କଟକ(ନିପ୍ର): କଟକ ମହାନଗର ନିଗମ ଅନ୍ତର୍ଗତ ଜଗନ୍ନାଥ ନଗର ପକ୍ଷରୁ କଟକ ଡି ସି ପି ଜଗନମୋହନ ମିନା ଓ ସଦର ଇନସପେକ୍ଟର ଓମ ପ୍ରକାଶ ମହାନ୍ତି ଙ୍କୁ ନୂତନ ବର୍ଷ ଉପଲକ୍ଷେ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ସଭାପତି ଅମର ନାୟକଙ୍କ ନେତୃତ୍ୱରେ ଉପସଭାପତି ସୁଜିତ ପଣ୍ଡା, ସାଧାରଣ ସମ୍ପାଦକ ନରେଶ ବିଶ୍ୱାସ, ଓମ ପ୍ରକାଶ ମିଶ୍ର, ବିଜୟ ଜେନା, ଅମୀୟ ମହାନ୍ତି, ଭାଗିରଥୀ ପରିଜା ଓ ଅଜିତ ସେଠ୍ ପ୍ରମୁଖ ଉପସ୍ଥିତ ରହିଥିଲେ । ଏହି ଅବସରରେ ଜଗନ୍ନାଥ ନଗର ବାସିନ୍ଦାଙ୍କ ପକ୍ଷରୁ ବାଲିକୁଦା ଟ୍ରାଫିକ ଛକ କିପରି ବିପଦମୁକ୍ତ ହେବ ସେ ସମ୍ପର୍କରେ ଡି ସି ପି ଙ୍କ ସହିତ ଆଲୋଚନା କରିଥିଲେ । ଟ୍ରାଫିକ ଜାମ ଓ ଦୁର୍ଘଟଣାକୁ ରୋକିବା ପାଇଁ ସମସ୍ତ ପ୍ରକାର ପଦକ୍ଷେପ ନିଆଯିବ ବୋଲି ଡି ସି ପି ଶ୍ରୀ ମୀନା ପ୍ରତିଶ୍ରୁତି ଦେଇଥିଲେ ।

## ସହରର ବିଭିନ୍ନ ପ୍ରକଳ୍ପ ଉନ୍ନତିକରଣ କାମ ଶୀଘ୍ର ସାରିବାକୁ ଦାବିପତ୍ର

କଟକ(ନିପ୍ର): ସହରର ବିଭିନ୍ନ ପ୍ରକଳ୍ପ କାର୍ଯ୍ୟ ଉନ୍ନତିକରଣ କାମ ଶୀଘ୍ର ଶେଷ କରିବା ଦାବିରେ କଟକ ନଗର କଂଗ୍ରେସ ପକ୍ଷରୁ ସିଏମସି କମିଶନରଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ବରିଷ୍ଠ କଂଗ୍ରେସ ନେତ୍ରୀ ଗିରିବାଳା ବେହେରାଙ୍କ ନେତୃତ୍ୱରେ ଏକ ପ୍ରତିନିଧିଦଳ ସିଏମସି କମିଶନର ଅନାମ ଚରଣ ପାତ୍ରଙ୍କୁ ଭେଟି ଏହି ଦାବିପତ୍ର ପ୍ରଦାନ କରିଥିଲେ । ଏହି ସ୍ମାରକପତ୍ରରେ ଦର୍ଶାଯାଇଛି ଯେ, କମିଟିର ଅଭିଯୋଗ ଅନୁସାରେ କଟକର ବିଭିନ୍ନ ପ୍ରକଳ୍ପ କାର୍ଯ୍ୟର ଉନ୍ନତିକରଣ କାର୍ଯ୍ୟଗୁଡ଼ିକ ବର୍ଷ ବର୍ଷ ଧରି ଶେଷ ହେଉନାହିଁ । ଏହା ସହିତ ଐତିହାସିକ ନେତାଜୀ ସ୍ମାରକୀ ପୀଠ ଓ ସିଡ଼ିଏ ୧୧ ସ୍ଥିତ ବିଜୁପଟ୍ଟନାୟକ ପାର୍କର ଉନ୍ନତିକରଣ ଓ ନବୀକରଣ କାର୍ଯ୍ୟରେ ଅହେତୁକ ବିଳମ୍ବକୁ ନେଇ କଂଗ୍ରେସ ପକ୍ଷରୁ ଅସନ୍ତୋଷ ପ୍ରକାଶ କରାଯାଇଛି । ଅପରପକ୍ଷରେ ଶୀଘ୍ର ବିଜୁପଟ୍ଟନାୟକ ପାର୍କ ଖୋଲିବା ସହ ଉନ୍ନୟନମୂଳକ କାର୍ଯ୍ୟଗୁଡ଼ିକ ତ୍ୱରାନ୍ୱିତ କରାଯିବା ପାଇଁ କଂଗ୍ରେସ ପକ୍ଷରୁ ଦାବି କରାଯାଇଛି । ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ କଂଗ୍ରେସ କର୍ପୋରେଟର ସନ୍ତୋଷ ଭୋଳଙ୍କ ସମେତ ବହୁ କଂଗ୍ରେସ ନେତା ଏହି ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ ।

## ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବନବିହାର କାର୍ଯ୍ୟକ୍ରମ

ବେଲଗୁଣ୍ଠା(ନିପ୍ର): ଗଞ୍ଜାମ ଜିଲ୍ଲା ବେଲଗୁଣ୍ଠା ସହର ସୁତୁମୁସର ରୋଡ ଅବସ୍ଥିତ ଅରବିନ୍ଦ ଶିକ୍ଷା କେନ୍ଦ୍ରର ବନବିହାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ସଭାପତି ତଥା ବିଶିଷ୍ଟ ସମାଜସେବୀ ଭି. ଦେବୀପ୍ରସାଦ ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ଶିକ୍ଷାବିତ ତଥା ଅନୁଷ୍ଠାନର ଉପଦେଷ୍ଟା ରବୀନ୍ଦ୍ର ନାଥ ଚୌଧୁରୀ, ବରିଷ୍ଠ ଆଇନଜୀବୀ ବିପିନ ବିହାରୀ ସାହୁ, ସମାଜସେବୀ ଗୌରୀଶଙ୍କର ମିଶ୍ର, ବେଲଗୁଣ୍ଠା ପ୍ରେସ୍ କ୍ଲବ ସଭାପତି ପ୍ରଦ୍ୟୁମ୍ନ ପାତ୍ର ଯୋଗ ଦେଇଥିଲେ । ପ୍ରାରମ୍ଭରେ ପ୍ରଭୁ ଜଗନ୍ନାଥଙ୍କୁ ସ୍ତୁତିଚାରଣ କରି ଦେଶଭକ୍ତି ସଙ୍ଗୀତ ମାଧ୍ୟମରେ କୁନି କୁନି ଛାତ୍ରଛାତ୍ରୀଙ୍କ ଦ୍ୱାରା ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା । ବେଲଗୁଣ୍ଠା ପ୍ରେସ୍ କ୍ଲବର ସମସ୍ତ ସଦସ୍ୟ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ । ଅନୁଷ୍ଠାନର ସମ୍ପାଦକ ବୁଲୁ ଦାଶ ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ସମସ୍ତ ଗୁରୁମା (ଅପା) ଓ ସମସ୍ତ କମିଟି ସଦସ୍ୟ ସହଯୋଗ କରିଥିଲେ ।

## ନାବାଳିକା ଉତ୍ପୀଡ଼ନ ମାମଲା: ଅଭିଯୁକ୍ତକୁ ୩ବର୍ଷ ଜେଲ୍

ଭୁବନେଶ୍ୱର(ନିପ୍ର): ଆଜି ଭୁବନେଶ୍ୱର ଆଡହକ ଆଡିସନାଲ ସେସନ ଜଜ ଫାଷ୍ଟଟ୍ରାକ ସ୍ପେଶାଲ କୋର୍ଟ (ପୋକସୋ)ର ବିଚାରପତି ସରୋଜ କୁମାର ସାହୁ, ଖଣ୍ଡଗିରୀ ଥାନା ଅଂଚଳରେ ୨୦୧୯ ମସିହାରେ ଘଟିଯାଇଥିବା ଏକ ନାବାଳିକା ଉତ୍ପୀଡ଼ନ ମାମଲାର ବିଚାର କରି ଅଭିଯୁକ୍ତ ପଦ୍ମନାଭ ଜେନାକୁ ସଜା ଶୁଣାଇଛନ୍ତି ।

**ଘଟଣାର ଅନ୍ତରାଳେ:** ଅଭିଯୋଗକାରିଣୀ ଜଣକ ପରିବାର ସହ ଜାଗମରା ଅଂଚଳରେ ରୁହନ୍ତି । ଗତ ତା.୧୮.୦୩.୨୦୧୯ ରିଖ ମଧ୍ୟାହ୍ନରେ ସେ ଏବଂ ତାଙ୍କ ସ୍ୱାମୀ ଘରେ ଅନୁପସ୍ଥିତ ଥିବା ବେଳେ, ଅଭିଯୁକ୍ତ ପଦ୍ମନାଭ ଜେନା ତାଙ୍କ ଘରେ ପଶି ପୀଡିତାଙ୍କ ସାନ ଭାଇଙ୍କୁ ଚକୋଲେଟ ଆଣିବା ଲାଗି ବାହାରକୁ ପଠାଇ ଦେଇଥିଲେ ଏବଂ ପରେ ସେ ପୀଡ଼ିତାଙ୍କ ସହିତ ଜୋରଜବରଦସ୍ତ ଅଶାଳୀନ ବ୍ୟବହାର ପ୍ରଦର୍ଶନ କରିଥିଲେ । ପରେ ଅଭିଯୁକ୍ତ ଜଣକ ପୁନର୍ବାର ସେଠାକୁ ଆସିବା କଥା କହିବା ସହିତ ଘଟଣା କାହା ଆଗରେ ପ୍ରକାଶ ନକରିବା ଲାଗି ଧମକ ଦେଇ ସେଠାରୁ ଖସି ପଳାଇ ଯାଇଥିଲେ । ଅଭିଯୁକ୍ତଙ୍କ ଏତାଦୃଶ ବ୍ୟବହାରରେ ଭୟଭୀତ ହୋଇ ପୀଡ଼ିତା ଜଣକ କାନ୍ଦିବାକୁ ଲାଗିଥିଲେ । ପୀଡ଼ିତାଙ୍କ କାନ୍ଦ ଶୁଣି ଗାଧୁଆ ଘରେ ଥିବା ବଡଝିଅ ବାହାରକୁ ଆସିବା ବେଳେ, ଅଭିଯୁକ୍ତଙ୍କୁ ସେଠାରୁ ଖସି ପଳାଇ ଯାଉଥିବାର ଦେଖିବାକୁ ପାଇଥିଲେ । ନାବାଳିକା ପୀଡ଼ିତାଙ୍କ ନିକଟରୁ ଯୌନ ଉତ୍ପୀଡ଼ନ ବିଷୟରେ ଜାଣିବା ପରେ ଅଭିଯୋଗକାରିଣୀ ଏନେଇ ଖଣ୍ଡଗିରୀ ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗକାରିଣୀଙ୍କର ଏତଲା ଆଧାରରେ ଖଣ୍ଡଗିରୀ ଥାନା କେସ ନଂ.- ୧୫୬/ ୨୦୧୯ରେ ଏକ ମାମଲା ରୁଜୁ କରାଯାଇଥିବା ବେଳେ, ଏହାର ପ୍ରାଥମିକ ତଦନ୍ତ ଦାଇତ୍ୱ ଏସଆଇ ସସ୍ମିତା ଧଳଙ୍କୁ ହସ୍ତାନ୍ତର କରାଯାଇଥିଲା ଏବଂ ପରବ[illegible]ୀ ସମୟରେ ଏସଆଇ ସୁଜାତା ଜେନା ଏହି ମାମଲାର ତଦନ୍ତ ଦାୟିତ୍ୱ ନେଇଥିଲେ । ଏହି ମାମଲାର ତଦନ୍ତ କାଳରେ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରାଯାଇଥିବା ବେଳେ, ନିର୍ଦ୍ଧାରିତ ସମୟ ପୂର୍ବରୁ ଅଭିଯୁକ୍ତଙ୍କ ବିରୁଦ୍ଧରେ କୋର୍ଟରେ ଚାର୍ଜସିଟ୍ ମଧ୍ୟ ଦାଖଲ କରାଯାଇଥିଲା । ଉପରୋକ୍ତ ମାମଲାର ବିଚାର କରି ମାନ୍ୟବର ଅଦାଲତ ୧୦ ଜଣ ସାକ୍ଷୀ ଓ ୨୩ ଗୋଟି ପ୍ରଯୁଜ୍ୟ ଦସ୍ତାବିଜ ଗୁଡ଼ିକୁ ଆଧାର କରି ଆସାମୀ ପଦ୍ମନାଭ ଜେନାକୁ ଦଫା-୩୫୪-ଇ(୧)(ସ) ଆଧାରରେ ୩ବର୍ଷ ସଶ୍ରମ କାରାଦଣ୍ଡ ସହିତ ୫୦୦୦ ଟଙ୍କା ଜୋରିମନା ଆଦେଶ ଦେଇଛନ୍ତି । ଜୋରିମନା ଅନାଦେୟ କ୍ଷେତ୍ରରେ ୦୩ ମାସ ଅଧିକ କାରାଦଣ୍ଡ ଲାଗି ମଧ୍ୟ ଆଦେଶ ଦେଇଛନ୍ତି । ଏହି ମାମଲାକୁ ସରକାରଙ୍କ ତରଫରୁ ସ୍ୱତନ୍ତ୍ର ପବ୍ଲିକ୍ ପ୍ରୋସିକ୍ୟୁଟର ରାଜୀବ ସାସମଲ ଓ ଅତିରିକ୍ତ ପବ୍ଲିକ୍ ପ୍ରୋସିକ୍ୟୁଟର ବଳରାମ ଦେଓ ପ୍ରମୁଖ ପରିଚାଳନା କରିଥିଲେ । ସୂଚନାଯୋଗ୍ୟ ଯେ, ଗତବର୍ଷ ସମୁଦାୟ ୯୨ଟି ମାମଲାରେ ଦୋଷୀ ମାନଙ୍କୁ ସଜା ଦିଆଯାଇ ସାରିଥିବା ବେଳେ, ଭୁବନେଶ୍ୱର ସହରାଂଚଳ ଜିଲ୍ଲା ତରଫରୁ ଦୋଷୀଙ୍କୁ ସଜା ହୋଇଥିବା ଚଳିତ ବର୍ଷର ଏହା ହେଉଛି ପଞ୍ଚମ ମାମଲା ।

## ମୋବାଇଲ ଲୁଟେରା ଧରାପଡ଼ିଲା

ଭୁବନେଶ୍ୱର(ନିପ୍ର): ମୋବାଇଲ ଲୁଟ ଅଭିଯୋଗରେ ଖଣ୍ଡଗିରି ଥାନା ପୁଲିସ ଜଣକୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣକ ଭରତପୁର ଫୁଲେଶ୍ୱରୀ ବସ୍ତିରେ ରହୁଥିବା ସମ୍ବିତ ଡାକୁଆ । ପୁଲିସ ଏନେଇ ଏକ ମାମଲା ରୁଜୁ କରି କୋର୍ଟ ଚାଲଣ କରିଛି । ସୂଚନାଯୋଗ୍ୟ ଯେ, ଅଭିଯୋଗକାରୀ ଅଖିଳ କୁମାର ସାହୁ ଜୋମାଟୋ କଂପାନୀରେ ଡେଲିଭରି ବଏ ଭାବେ କାର୍ଯ୍ୟ କରନ୍ତି । ଗତ ତା.୧୪.୦୧.୨୦୨୫ ରିଖ ବିଳମ୍ବିତ ରାତିରେ ସେ ଜାଗମରା ଅଭିମୁଖେ ଯାଉଥିବା ବେଳେ, ଠିକ୍ ଜାଗମରା ଛକ ନିକଟରେ ନିମ୍ନୋକ୍ତ ଅଭିଯୁକ୍ତ ଜଣକ ଏକ ମୋଟରସାଇକେଲରେ ପଛ ପାଖରୁ ଆସି ତାଙ୍କ ମୋବାଇଲ ଫୋନକୁ ଜୋରଜବରଦସ୍ତ ଛଡାଇ ନେବା ସହିତ ପୋଖରିପୁଟ ଅଭିମୁଖେ ଦ୍ରୁତଗତିରେ ଖସି ପଳାଇଯାଇଥିଲେ । ଅଭିଯୋଗକାରୀ ଜଣକ ଢେର କିଛି ବାଟ ଅଭିଯୁକ୍ତଙ୍କର ପିଛା କରିଥିଲେ ମଧ୍ୟ, ତାଙ୍କୁ କାବୁ କରିବାରେ ସକ୍ଷମ ହୋଇପାରିନଥିଲେ । ପରେ ସେ ଏନେଇ ଥାନାରେ ଅଭିଯୋଗ କରିଥିଲେ । ଘଟଣାର ଅଭିଯୋଗ ପରେ ପୁଲିସ ମାମଲାର ତଦନ୍ତ କରିବା ସହିତ ଘଟଣା ସ୍ଥଳ ଆଖପାଖ ଅଂଚଳରେ ଲାଗିଥିବା ସିସିଟିଭି ଫୁଟେଜକୁ ଆଧାର କରି ତଥା ଏକ ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା କ୍ରମେ ଖଣ୍ଡଗିରୀ ପାହାଡ ନିକଟରେ ଚଢଉ କରି ଅଭିଯୁକ୍ତଙ୍କୁ କାବୁ କରିବାରେ ସକ୍ଷମ ହୋଇଥିବା ବେଳେ, ତାଙ୍କ ହେପାଜତରୁ ଲୁଟ ମୋବାଇଲ ଫୋନକୁ ଜବତ କରିଥିଲେ । ପଚରାଉଚରା ବେଳେ, ଅଭିଯୁକ୍ତ ଜଣକ ନିଜ ଦୋଷ ସ୍ୱୀକାର କରିଥିଲେ ।

## ମାର୍ଶାଲ ପ୍ରଧାନଙ୍କୁ ନିଲମ୍ବନ କଲେ ଜିଲ୍ଲାପାଳ

ପୁରୀ(ନିପ୍ର): ଗୋପ ତହସିଲ ବଉଳାଙ୍ଗ ରାଜସ୍ୱ ଇନିସପେକ୍ଟର ବା ଆରଆଇ ଭାବେ କାର୍ଯ୍ୟ କରୁଥିବା ମାର୍ଶାଲ ପ୍ରଧାନଙ୍କୁ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ନିଲମ୍ବନ କରିଛନ୍ତି । ଶ୍ରୀ ପ୍ରଧାନ କାର୍ଯ୍ୟାଳୟ ପରିସରରେ ମାଦକ ଦ୍ରବ୍ୟ ସେବନ ଓ ଲୋକମାନଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିବା ଘଟଣା ବିଭିନ୍ନ ସାମାଜିକ ଗଣମାଧ୍ୟମରେ ପ୍ରଦର୍ଶିତ ହେବା ପରେ ଉପ ଜିଲ୍ଲାପାଳଙ୍କ ତଦନ୍ତ ରିପୋର୍ଟ ଆଧାରରେ ଜିଲ୍ଲାପାଳ ମାର୍ଶାଲ ପ୍ରଧାନଙ୍କୁ ନିଲମ୍ବିତ କରିବା ସହ ନିଲମ୍ବନ ସମୟରେ ତାଙ୍କ ହେଡ କ୍ୱାର୍ଟର କୃଷ୍ଣ ପ୍ରସାଦ ତହସିଲକୁ ଧାର୍ଯ୍ୟ କରାଯାଇଛି । ତହସିଲଦାର କୃଷ୍ଣ ପ୍ରସାଦଙ୍କ ବିନା ଅନୁମତିରେ ହେଡ କ୍ୱାଟର ନ ଛାଡିବାକୁ ମାର୍ଶାଲଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

## କେନ୍ଦ୍ରାପଡ଼ାରେ ସରକାରୀ ମହାବିଦ୍ୟାଳୟ ପ୍ରତିଷ୍ଠା ପାଇଁ ପ୍ରୟାସ କରାଯିବ: ଶିକ୍ଷାମନ୍ତ୍ରୀ



କେନ୍ଦ୍ରାପଡ଼ା(ନିପ୍ର): କେନ୍ଦ୍ରାପଡ଼ା ଜିଲ୍ଲା ଗସ୍ତରେ ଉଚ୍ଚଶିକ୍ଷା ତଥା ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ କେନ୍ଦ୍ରାପଡ଼ା ପୌରପାଳିକା ଟାଉନ ହଲରେ ଉପସ୍ଥିତ ରହି ରାଜ୍ୟ ସରକାରଙ୍କର ବୟସ୍କଙ୍କ ଭତ୍ତା ବୃଦ୍ଧିକୁ ପ୍ରଶଂସା କରିବା ସହିତ ପରିଣତ ବୟସରେ ବର୍ଦ୍ଧିତ ଭତ୍ତା ପ୍ରଦାନ ବୃଦ୍ଧ ବାପା-ମାଙ୍କ ପାଇଁ ବରଦାନ ସଦୃଶ ବୋଲି କହିଥିଲେ । କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରାଙ୍କ ପ୍ରସ୍ତାବିତ ଦାବି କେନ୍ଦ୍ରାପଡ଼ା ମହାବିଦ୍ୟାଳୟକୁ ବିଶ୍ୱ ବିଦ୍ୟାଳୟର ମାନ୍ୟତା ମିଳୁ ପ୍ରସଙ୍ଗର ଉତ୍ତରରେ ଉଚ୍ଚଶିକ୍ଷା ମନ୍ତ୍ରୀ କହିଥିଲେ ଦୀର୍ଘ ୨୪ ବର୍ଷର ସରକାର ଶିକ୍ଷା ଓ ସଂସ୍କୃତି ସମ୍ପନ୍ନ କେନ୍ଦ୍ରାପଡ଼ାକୁ ଅଣଦେଖା କରିବା ଏବଂ କେନ୍ଦ୍ରାପଡ଼ା ମହାବିଦ୍ୟାଳୟକୁ ସରକାରୀ ମହାବିଦ୍ୟାଳୟରେ ସାମିଲ ନ କରାଇବା ଦୁଃଖ ଏବଂ ପରିତାପର ବିଷୟ । ପ୍ରଥମେ ଏହାକୁ ମୁଁ ସରକାରୀ ସ୍ୱୀକୃତି ଦେବାକୁ ଚେଷ୍ଟା କରିବି ଏବଂ ପରେ ବିଶ୍ୱବିଦ୍ୟାଳୟ କଥା ଚିନ୍ତା କରାଯିବ । ଯେମିତି ନିର୍ବାଚନ ପୂର୍ବରୁ ସରକାର ଦେଇଥିବା ତାଙ୍କ ନିର୍ବାଚନ ପ୍ରତିଶ୍ରୁତି ରକ୍ଷା କରି ୮୦ ବର୍ଷରୁ ଉର୍ଦ୍ଧ୍ୱ ବୃଦ୍ଧବୃଦ୍ଧା ଓ ୮୦ ପ୍ରତିଶତ ବା ତଦୁର୍ଦ୍ଧ୍ୱ ଦିବ୍ୟାଙ୍ଗ ବ୍ୟକ୍ତିମାନଙ୍କୁ ମାସିକ ଭତ୍ତା ୩୫୦୦ ଟଙ୍କା ପ୍ରଦାନ କରିଛନ୍ତି ବୋଲି ମନ୍ତ୍ରୀ ନିଜ ଭାଷଣରେ କହିଥିଲେ । ୬୦ ବର୍ଷରୁ ଉର୍ଦ୍ଧ୍ୱ ବୟସ୍କ ବ୍ୟକ୍ତି ଓ ଭିନ୍ନକ୍ଷମମାନଙ୍କ ଭତ୍ତା ବୃଦ୍ଧି ପାଇଁ ସରକାର ବିଚାର କରୁଛନ୍ତି । କେନ୍ଦ୍ରାପଡ଼ା ଜିଲ୍ଲାରେ ଏହି ବର୍ଦ୍ଧିତ ଭତ୍ତା ଦ୍ୱାରା ୨୬୫୮୪ ଜଣ ୮୦ବର୍ଷରୁ ଉର୍ଦ୍ଧ୍ୱ ତଥା ଦିବ୍ୟାଙ୍ଗ ମାନେ ଉପକୃତ ହେବେ । କେନ୍ଦ୍ରାପଡ଼ା ଜିଲ୍ଲାରେ ସରକାରୀ ମହାବିଦ୍ୟାଳୟ ସମେତ ମେଡିକାଲ କଲେଜ ପାଇଁ ଚେଷ୍ଟା କରାଯିବ । କାର୍ଯ୍ୟକ୍ରମରେ ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନଙ୍କ ଅଧକ୍ଷତାରେ ଆୟୋଜିତ କରାଯାଇଥିଲା। ଏଥିରେ ସାଂସଦ ବୈଜୟନ୍ତ ପଣ୍ଡାଙ୍କ ସମେତ ଅନ୍ୟମାନେ ଯୋଗ ଦେଇ ସରକାରଙ୍କ ବିଭିନ୍ନ ଯୋଜନା, କେନ୍ଦ୍ରାପଡାର ବିଭିନ୍ନ ସମସ୍ୟା ସଂପର୍କରେ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ।

## ଲୁଟେରାକୁ ଦୁଇବର୍ଷ ଜେଲ ଦଣ୍ଡାଦେଶ

ଭୁବନେଶ୍ୱର(ନିପ୍ର): ଗତ ୧୩ ତାରିଖ ଦିନ ଭୁବନେଶ୍ୱର ପ୍ରଥମ ଶ୍ରେଣୀବିଚାର ବିଭାଗୀୟ ଅଦାଲତ-୧ ର ବିଚାରପତି ସ୍ୱଦେଶ ତ୍ରିପାଠୀ, ଶ୍ରୀଲିଙ୍ଗରାଜ ଥାନା ଅଂଚଳରେ ହୋଇଥିବା ଏକ ଚୋରୀ ମାମଲାର ବିଚାର କରି ଅଭିଯୁକ୍ତ ମନ୍ମଥ ରଣାକୁ ଦୋଷୀ ସାବ୍ୟସ୍ତ କରି ସଜା ଶୁଣାଇଛନ୍ତି । ଘଟଣାରଅନ୍ତରାଳେ: ଅଭିଯୋଗକାରୀ ସ୍ମୃତିବାକ୍ୟ ନାୟକଙ୍କ ଲୁଇସ ରୋଡ଼ରେ "ମଞ୍ଜନିସ" ନାମରେ ଏକ କେକ ଦୋକାନ ଅଛି । ଗତ ତା.୦୬.୧୦.୨୦୨୪ ରିଖ ଦିନ ଉକ୍ତ କେକ ଦୋକାନରେ ମରାମତି କାମ ଚାଲୁଥିବା ହେତୁ ସେ ରାତି ପ୍ରାୟ ୧୨.୪୫ ରେ ଦୋକାନ ବନ୍ଦକରି ତାଲା ଲଗାଇ ଘରକୁ ଚାଲିଯାଇଥିଲେ । ସେ ଦୋକାନରେ ତାଲା ପକାଇ ଘରକୁ ଯିବା ପରେ, ଅଭିଯୁକ୍ତ ମନ୍ମଥ ରଣା ସୁଯୋଗ ଉଣ୍ଡି ଦୋକାନର ତାଲା ଭାଙ୍ଗି ଭିତରେ ପଶିବା ସହିତ କ୍ୟାଶ-ଡ୍ର ରେ ଥିବା ମୋଟ ୩୦,୦୦୦ ଟଙ୍କା ଓ ଏକ ମୋବାଇଲ ଫୋନ ଚୋରିକରି ନେଇଯାଇଥିଲେ । ସକାଳେ ଅଭିଯୋଗକାରୀଙ୍କ ବାପା ଏବଂ ଦୋକାନର ଜଣେ କର୍ମଚାରୀ ସଂପୃକ୍ତ ଦୋକାନରୁ ଟଙ୍କା ଓ ମୋବାଇଲ ଫୋନ ଚୋରୀ ହୋଇଥିବା ଜାଣିବା ପରେ ଅଭିଯୋଗକାରୀଙ୍କୁ ସୂଚନା ଦେଇଥିଲେ । ପରେ ଅଭିଯୋଗକାରୀ ଏନେଇ ଲିଙ୍ଗରାଜ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗକାରୀ ସ୍ମୃତିବାକ୍ୟ ନାୟକଙ୍କ ଏତଲା ଆଧାରରେ ଲିଙ୍ଗାରଜ ଥାନା କେସ ନଂ-୩୧୫/୨୦୨୪, ଦଫା-୩୩୧(୪)/୩୦୫(ଏ) ବିଏନଏସ ରେ ଏକ ମାମଲା ରୁଜୁ କରାଯାଇ ଥାନାର ତତ୍କାଳୀନ ଏଏସଆଇ ଶ୍ରୀ ଅମରେନ୍ଦ୍ର ସ୍ୱାଇଁଙ୍କୁ ଏହାର ତଦନ୍ତ ଭାର ଦିଆଯାଇଥିଲା । ଏଏସଆଇ ଶ୍ରୀ ସ୍ୱାଇଁ ଏହି ମାମଲାକୁ ସଠିକ ଭାବେ ତଦନ୍ତ କରିବା ସହିତ ଅଭିଯୁକ୍ତ ମନ୍ମଥ ରଣାକୁ କାବୁ କରି ଚୋରୀ ସାମଗ୍ରୀ ସବୁକୁ ଜବତ କରିବାରେ ସକ୍ଷମ ହୋଇଥିବା ବେଳେ, ନିର୍ଦ୍ଧାରିତ ସମୟ ପୂର୍ବରୁ ଅଭିଯୁକ୍ତଙ୍କ ବିରୋଧରେ ଅଦାଲତରେ ଚାର୍ଜସିଟ ଦାଖଲ କରିଥିଲେ । ଏହି ମାମଲାର ବିଚାର କରି ଅଦାଲତ ୫ଜଣ ସାକ୍ଷୀ ଓ ପ୍ରଯୁଜ୍ୟ ଦସ୍ତାବିଜ ଗୁଡ଼ିକୁ ଆଧାର କରି ଅଭିଯୁକ୍ତ ମନ୍ମଥ ରଣାକୁ ଦଫା-୩୩୧(୩) ବିଏନଏସ ଅନୁଯାଇ ୨ବର୍ଷର ସଶ୍ରମ କାରାଦଣ୍ଡ ସହିତ ୫୦୦୦ ଟଙ୍କା ଜୋରିମାନା ଆଦେଶ ଦେଇଛନ୍ତି ଏବଂ ଜୋରିମନା ଅନାଦେୟ କ୍ଷେତ୍ରରେ ୧ ମାସ ଅଧିକ କାରାଦଣ୍ଡ ଲାଗି ମଧ୍ୟ ଆଦେଶ ଦେଇଛନ୍ତି । ସେହିପରି ଦଫା-୩୦୫ (ଏ) ବିଏନଏସ ଅନୁଯାଇ ୧ ବର୍ଷ ୬ ମାସର ସଶ୍ରମ କାରାଦଣ୍ଡ ସହିତ ୫୦୦୦ ଟଙ୍କା ଜୋରିମାନା ଆଦେଶ ଦେଇଛନ୍ତି ଏବଂ ଜୋରିମନା ଅନାଦେୟ କ୍ଷେତ୍ରରେ ୧ ମାସ ଅଧିକ କାରାଦଣ୍ଡ ଲାଗି ମଧ୍ୟ ଆଦେଶ ଦେଇଛନ୍ତି । ଏହି ମାମଲାକୁ ସରକାରଙ୍କ ତରଫରୁ ସହକାରୀ ପବ୍ଲିକ୍ ପ୍ରୋସିକ୍ୟୁଟର ପ୍ରଫୁଲ୍ଲ ଷଡଙ୍ଗୀ ଏବଂ ସଞ୍ଜୟ ସାହୁ ପ୍ରମୁଖ ପରିଚାଳନା କରିଥିଲେ । ସୂଚନାଯୋଗ୍ୟ ଯେ, ଗତବର୍ଷ ସମୁଦାୟ ୯୨ଟି ମାମଲାରେ ଦୋଷୀ ମାନଙ୍କୁ ସଜା ଦିଆଯାଇ ସାରିଥିବା ବେଳେ, ଭୁବନେଶ୍ୱର ସହରାଂଚଳ ଜିଲ୍ଲା ତରଫରୁ ଦୋଷୀଙ୍କୁ ସଜା ହୋଇଥିବା ଚଳିତ ବର୍ଷର ଏହା ହେଉଛି ଷଷ୍ଠ ମାମଲା ।

## ବେଦାନ୍ତ ଆଲୁମିନିୟମ ଜିଏଚଜି ନିର୍ଗମନରେ ୨୮% ହ୍ରାସ

ଭୁବନେଶ୍ୱର(ନିପ୍ର): ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ, ଏହାର ଆର୍ଥିକ ବର୍ଷ ୨୦୧୨ ମୂଳସୀମା ତୁଳନାରେ ୨୮.୫% ଦ୍ୱାରା ଏହାର ଗ୍ରୀନହାଉସ୍ ଗ୍ୟାସ (ଜିଏଚଜି) ନିର୍ଗମନ ତୀବ୍ରତା ହ୍ରାସ କରି ସ୍ଥାୟୀତ୍ୱ ଆଡକୁ ଯାତ୍ରାରେ ନୂତନ ମାନଦଣ୍ଡ ସ୍ଥାପନ କରିଛି । ଏହି ସଫଳତା ଦାୟିତ୍ୱପୂର୍ଣ୍ଣ ପରିବେଶଗତ ଅଭ୍ୟାସ ଏବଂ ନେଟ୍ ଶୂନ୍ୟ ଭବିଷ୍ୟତ ପାଇଁ ଏହାର ଦୃଷ୍ଟିକୋଣ ପ୍ରତି କମ୍ପାନୀର ଅଟଳ ପ୍ରତିବଦ୍ଧତାକୁ ସ୍ପଷ୍ଟ ଭାବରେ ଦର୍ଶାଉଛି । କମ୍ପାନୀର ସ୍ଥାୟୀତ୍ୱ ଯାତ୍ରା ଏବଂ ସଫଳତାଗୁଡ଼ିକୁ ଏହାର ସର୍ବଶେଷ ସ୍ଥାୟୀ ବିକାଶ ରିପୋର୍ଟ ୨୦୨୩-୨୪ ରେ ବ୍ୟାପକ ଭାବରେ ଆବଣ୍ଟିତ କରାଯାଇଛି, ଯାହାକି ପରିବେଶଗତ ପରିଚାଳନା, ଶାସନ ଏବଂ ସାମୁଦାୟିକ ପଦକ୍ଷେପରେ ଗୁରୁତ୍ୱପୂର୍ଣ୍ଣ ଅଗ୍ରଗତିକୁ ଉଲ୍ଲେଖ କରିଛି । କମ୍ପାନୀର ସମ୍ପ୍ରଦାୟ ପ୍ରଭାବ ପ୍ରୟାସ ଦୃଢ଼ ରହିଛି, ବିଭିନ୍ନ ସାମୁଦାୟିକ ବିକାଶ ପ୍ରକଳ୍ପ ପାଇଁ ୧.୧ ବିଲିୟନ ଟଙ୍କା ଆବଣ୍ଟିତ ହୋଇଛି । ଏହି ପଦକ୍ଷେପଗୁଡ଼ିକ ଦେଶର କିଛି ପଛୁଆ ଅଂଚଳର ୨୬୯ଟି ଗ୍ରାମର ପ୍ରାୟ ୬୦୦,୦୦୦ ଲୋକଙ୍କ ଜୀବନକୁ ସକାରାତ୍ମକ ଭାବରେ ପ୍ରଭାବିତ କରିଛି ।




ଅନ୍ତର୍ଭୁକ୍ତିମୂଳକ ଅଭିବୃଦ୍ଧି ଉପରେ ଏହି ଧ୍ୟାନ ସହିତ, ବେଦାନ୍ତ ଆଲୁମିନିୟମ୍ ସାମାଜିକ ସମାନତା ବୃଦ୍ଧି କରିଚାଲିଛି ଏବଂ ଏହା ଯେଉଁ ଅଂଚଳରେ କାର୍ଯ୍ୟ କରୁଛି ସେହି ଅଂଚଳର ସାମାଜିକ-ଆର୍ଥିକ ଉନ୍ନତିରେ ଯୋଗଦାନ ଦେଉଛି । ବେଦାନ୍ତର ଅଣ-କାର୍ଯ୍ୟକାରୀ ନିର୍ଦ୍ଦେଶକ ପ୍ରିୟା ଅଗ୍ରୱାଲ ହେବର କହିଛନ୍ତି, "ବେଦାନ୍ତ ଆଲୁମିନିୟମରେ, ଆମେ ଆମର 'ପରିବର୍ତ୍ତନ ପାଇଁ ଭଲ' ଦର୍ଶନକୁ ଗ୍ରହଣ କରିବାରେ ଗର୍ବ ଅନୁଭବ କରୁ, ଯାହା ସ୍ଥାୟୀତ୍ୱ, ଅନ୍ତର୍ଭୁକ୍ତି ଏବଂ ଅର୍ଥପୂର୍ଣ୍ଣ ସମ୍ପ୍ରଦାୟ ପ୍ରଭାବ ପ୍ରତି ଆମର ଅଟଳ ପ୍ରତିବଦ୍ଧତାକୁ ଗୁରୁତ୍ୱ ଦିଏ । ବିଶ୍ୱ ଶକ୍ତି ପରିବର୍ତ୍ତନର ଏକ ପ୍ରମୁଖ ସମର୍ଥକ ଭାବରେ, ଆଲୁମିନିୟମ୍ ଉତ୍ପାଦନ ଦାୟିତ୍ୱପୂର୍ଣ୍ଣ ଏବଂ ସ୍ଥାୟୀ ଅଭ୍ୟାସଗୁଡ଼ିକୁ ଆବଶ୍ୟକ କରେ । ଆମର ଇଏସ୍ଜି ନୀତି ଦ୍ୱାରା ପରିଚାଳିତ, ଆମେ ୨୦୫୦ ସୁଦ୍ଧା କାର୍ବନ ନିରପେକ୍ଷତା ହାସଲ କରିବା ପାଇଁ ସମର୍ପିତ, ଏବଂ ୨୦୭୦ ପାଇଁ ଭାରତର ନେଟ୍ ଜିରୋ ଦୃଷ୍ଟିକୋଣ ସହିତ ସମନ୍ୱିତ ପରିବେଶ-ସଚେତନ କାର୍ଯ୍ୟଗୁଡ଼ିକୁ ଆଗକୁ ବଢ଼ାଇବା ପାଇଁ । ଆମର କାର୍ଯ୍ୟରେ ନବୀକରଣୀୟ ଶକ୍ତିକୁ ଅନ୍ତର୍ଭୁକ୍ତ କରିବା ଏବଂ ସବୁଜ ଆଲୁମିନିୟମ ଲାଇନ୍, ରେଷ୍ଟୋରା ଏବଂ ରେଷ୍ଟୋରା ଅଲଟ୍ରା ପ୍ରଚଳନ ସମେତ ସାହସିକ ଜଳବାୟୁ କାର୍ଯ୍ୟ ମାଧ୍ୟମରେ, ଆମେ ବିଶ୍ୱ ସ୍ତରରେ ଦାୟିତ୍ୱପୂର୍ଣ୍ଣ ଶିଳ୍ପ ଅଭିବୃଦ୍ଧି ପାଇଁ ଏକ ମାନଦଣ୍ଡ ସ୍ଥାପନ କରୁଛୁ । ଏକତ୍ର ଆମେ ଲୋକଙ୍କ ପାଇଁ ଏକ ସ୍ଥାୟୀ ଭବିଷ୍ୟତ ସୃଷ୍ଟି କରୁଛୁ ।

## ବେଲଗୁଣ୍ଠାରେ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ମୀନାବଜାର ଓ ଦୋଳି ଦେଖିବାକୁ ପ୍ରବଳ ଗହଳି



ବେଲଗୁଣ୍ଠା(ନିପ୍ର): ବେଲଗୁଣ୍ଠା ବ୍ଲକ୍ ବଡ଼ବୋର୍ସିଂ ଗ୍ରାମରେ ୧୦୮ ପ୍ରହର ପଞ୍ଚ ମହାଯଜ୍ଞ ଆରମ୍ଭ ଆରମ୍ଭ ହୋଇଛି । ଏହି ଅବସରରେ କଳସ ଯାତ୍ରା ହୋଇ ୧୦୮ ପ୍ରହର ଅଖଣ୍ଡ ନାମ ଯଜ୍ଞ, ଅନ୍ନ ଯଜ୍ଞ, ଘୃତ ଯଜ୍ଞ, ଜ୍ଞାନ ଯଜ୍ଞ ଏବଂ ଗୋ ଯଜ୍ଞ ଆରମ୍ଭ ହୋଇଯାଇଛି । ଗହଙ୍ଗୁ ମଠାଧୀଶ ରାଘବାନନ୍ଦ ମହାରାଜଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବଡ଼ବୋର୍ସିଂ, ଖାରିଗୁଡ଼ା, ଦଦରଲୁଣ୍ଡା, ବାଘୁଆପଲ୍ଲୀ, ସାର୍ଦ୍ଦୁଳ, ଖରିଡ଼ା ଏବଂ ସୋଲଣ୍ଡିର ସଂକୀର୍ତ୍ତନ ମଣ୍ଡଳୀ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ଅଖଣ୍ଡ ନାମ ପରିବେଷଣ କରୁଛନ୍ତି । ଏହି ଅବସରରେ ମହନ୍ତ ରାଘବାନନ୍ଦ ଦାସଜୀ ମହାରାଜ, ଡଃ.ସତ୍ୟ ରଞ୍ଜନ ରଥ କଥା ରତ୍ନ ଜ୍ଞାନ ରଞ୍ଜନ ଜେନା ଶ୍ରୀରାମ କଥାମୃତ ପ୍ରବଚନ ପ୍ରଦାନ କରୁଥିବା ବେଳେ ମାଆ ତାରିଣୀ ଭଜନ ସମାରୋହ ଅନୁଷ୍ଠାନ ପକ୍ଷରୁ ଭଜନ ପରିବେଷଣ କରାଯାଉଛି । ଏହି ଅବସରରେ ମୀନା ବଜାର ଏବଂ ବିଭିନ୍ନ ପ୍ରକାର ଦୋଳିର ମଜା ଉଠାଇବାକୁ ଶିଶୁ,ମହିଳା ଏବଂ ଯୁବ ଗୋଷ୍ଠୀଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଦେଖିବାକୁ ମିଳୁଛି ।

# ମନୁ ଭାକର ପାଇଥିବା ଦୁଇ ମେଡାଲ ନକଲି !



ନୂଆଦିଲ୍ଲୀ,୧୫/୧: ପ୍ୟାରିସ ଅଲିମ୍ପିକ୍ସରେ ଭାରତ ପାଇଁ ଦୁଇଟି ପଦକ ଜିତିଥିବା ଷ୍ଟାର ସୁଟର ମନୁ ଭାକର ପୁଣିଥରେ ଚର୍ଚ୍ଚାରେ। ସୂଚନାଥାଉକି, ମନୁ ଖବରର ଶିରୋନାମାରେ ଏଥିପାଇଁ ଅଛନ୍ତି, କାରଣ ତାଙ୍କୁ ମିଳିଥିବା କାଂସ୍ୟ ପଦକଗୁଡ଼ିକର ରଙ୍ଗ ଛାଡ଼ିବା ଆରମ୍ଭ ହୋଇଯାଇଛି। ସାଧାରଣତଃ ଏହା ହେବା କଥା ନୁହେଁ, କିନ୍ତୁ ଯଦି ରଙ୍ଗ ଫିକା ପଡ଼ିଯାଏ, ଫ୍ରାନ୍ସ ସରକାରଙ୍କ ଅନୁଷ୍ଠାନ 'ମୋନାଇ ଡି ପ୍ୟାରିସ୍' ମନୁ ଭାକରଙ୍କୁ ନୂଆ ପଦକ ପ୍ରଦାନ କରିପାରିବ। ଭାରତୀୟ ସୁଟର ମହିଳା ୧୦ ମିଟର ଏୟାର ପିସ୍ତଲ ଏବଂ ୧୦ ମିଟର ଏୟାର ପିସ୍ତଲ ମିଶ୍ରିତ ଦଳ ଇଭେଣ୍ଟରେ କାଂସ୍ୟ ପଦକ ଜିତିଛନ୍ତି। ପ୍ୟାରିସ ଅଲିମ୍ପିକ୍ସରେ ପଦକ ଜିତିବାର କିଛି ସମୟ ପରେ, ମନୁ ଭାକର ଏବଂ ଅନ୍ୟ ଅନେକ ଖେଳାଳି ପଦକର ରଙ୍ଗ ଫିକା ପଡ଼ିଯିବା ବିଷୟରେ ଅଭିଯୋଗ କରିଥିଲେ। ବିଶ୍ୱର ଅନେକ ଖେଳାଳି ସେମାନଙ୍କ ପଦକରୁ ରଙ୍ଗ ଫିକା ପଡ଼ିବାର ଫଟୋ ସେୟାର କରିଛନ୍ତି। ଏହି ସୂଚନା ଅନ୍ତର୍ଜାତୀୟ ଅଲିମ୍ପିକ୍ କମିଟିକୁ ଦିଆଯାଇଛି, ଯାହା ସ୍ପଷ୍ଟ କରିଛି ଯେ ଖେଳାଳିମାନେ ନିଶ୍ଚିତ ଭାବରେ ଏହି ସମସ୍ୟାର ସମାଧାନ ପାଇବେ ଏବଂ ସେମାନଙ୍କୁ ନୂତନ ପଦକ ପ୍ରଦାନ କରାଯିବ। ରଙ୍ଗ ଫିକା ପଡ଼ିଯିବାର ଏହି ଘଟଣା ପରେ, ସୋସିଆଲ ମିଡିଆରେ କିଛି ପ୍ରଶଂସକ ପ୍ୟାରିସ ଅଲିମ୍ପିକ୍ସରେ ଖେଳାଳିମାନଙ୍କୁ ଦିଆଯାଇଥିବା ପଦକଗୁଡ଼ିକୁ ନକଲି ବୋଲି କହିଥିଲେ। ପ୍ୟାରିସ ଅଲିମ୍ପିକ୍ କମିଟି ଫ୍ରେଞ୍ଚ ମିଣ୍ଟ (ଏକ ଫରାସୀ ସରକାରୀ ସଂସ୍ଥା) ସହିତ କାମ କରୁଛି ଏବଂ ଆଗାମୀ କିଛି ସପ୍ତାହ ମଧ୍ୟରେ ସମସ୍ତ ପଦକ ବଦଳାଯିବ। ସୂଚନାଯୋଗ୍ୟ ଯେ, ଦାବି ଅନୁଯାୟୀ, ପ୍ୟାରିସ ଅଲିମ୍ପିକ୍ସର ୫ ହଜାର ୮୪ ପଦକ ଐତିହାସିକ କୋଠା ଆଇଫିଲ ଟାୱାରର ଲୁହାରୁ ପ୍ରସ୍ତୁତ କରାଯାଇଥିଲା।

# ବିସିସିଆଇକୁ ଟାର୍ଗେଟ କଲେ ସିଦ୍ଧୁ



ନୂଆଦିଲ୍ଲୀ,୧୫/୧ : ଚାମ୍ପିୟନ୍ସ ଟ୍ରଫି ୨୦୨୫ ଏବେ ମାତ୍ର କିଛି ସପ୍ତାହ ବାକି ରହିଛି । କିନ୍ତୁ ଭାରତୀୟ କ୍ରିକେଟ ଟିମର ଘୋଷଣାରେ ବିଳମ୍ବ ଫ୍ୟାନ୍ସ ଏବଂ କ୍ରିକେଟ ପଣ୍ଡିତଙ୍କୁ ଆଶ୍ଚର୍ଯ୍ୟ କରି ଦେଇଛି । ଟୁର୍ଣ୍ଣାମେଣ୍ଟ ପାକିସ୍ତାନରେ ଆୟୋଜିତ କରାଯିବ । କିନ୍ତୁ ଭାରତର ମ୍ୟାଚ୍ ଦୁବାଇରେ ଖେଳାଯିବ । ଟୁର୍ଣ୍ଣାମେଣ୍ଟର ଆରମ୍ଭ ୧୯ ଫେବୃଆରୀରେ ପାକିସ୍ତାନ ଏବଂ ନ୍ୟୁଜିଲାଣ୍ଡ ମଧ୍ୟରେ ପ୍ରଥମ ମ୍ୟାଚରୁ ହେବ । ଯାହାକି ଭାରତର ପ୍ରଥମ ମ୍ୟାଚ୍ ୨୦ ଫେବୃଆରୀରେ ବାଂଗଲାଦେଶରେ ହେବ । ଟୁର୍ଣ୍ଣାମେଣ୍ଟରେ ପ୍ରାୟ ୮ଟି ଟିମ୍ ଭାଗ ନେବେ ଏବଂ ଏବେ ପର୍ଯ୍ୟନ୍ତ ଭାରତ ଏବଂ ପାକିସ୍ତାନକୁ ଛାଡ଼ି ସବୁ ଟିମ୍ ନିଜ ୧୫ସଦସ୍ୟ ଟିମର ଘୋଷଣା କରି ଦେଇଛନ୍ତି । ଭାରତୀୟ ଟିମ୍ ଘୋଷଣାରେ ହେଉଥିବା ବିଳମ୍ବ ଉପରେ ପୂର୍ବତନ କ୍ରିକେଟର ନବଜୋତ ସିଂହ ସିଦ୍ଧୁ ସୋସିଆଲ ମିଡ଼ିଆରେ ନିଜର ମତ ଜାହିର କରିଛନ୍ତି । ସିଦ୍ଧୁ ଏକ୍ସ ପ୍ଲାଟଫର୍ମରେ ପୋଷ୍ଟ କରି ଲେଖିଛନ୍ତି କି, ଆଇସିସିର ୨୫ବର୍ଷର ଇତିହାସରେ ପ୍ରଥମ ଥର ଭାରତର ଚାମ୍ପିୟନ୍ସ ଟ୍ରଫି ଟିମ୍ ଘୋଷଣାରେ ବିଳମ୍ବ ହେଉଛି । ୧୨ଜାନୁଆରୀରେ ନିର୍ଦ୍ଧାରିତ ସମୟ ସୀମା ବିତିସାରିଛି ଏବଂ ଏବେ ପର୍ଯ୍ୟନ୍ତ ଚୟନକର୍ତ୍ତା ଏବଂ ଖେଳାଳୀଙ୍କ ମଧ୍ୟରେ ଦିନକୁ ଦିନ ଉତ୍ସୁକତା ବଢିବାରେ ଲାଗିଛି । ୧.୫ଅରବ ଲୋକ ଏହି ଘୋଷଣାର ଅପେକ୍ଷା କରିଛନ୍ତି । ବର୍ଡର-ଗାଭାସ୍କର ଟ୍ରଫି ୨୦୨୪-୨୫ର ଶେଷ ସିଡନୀ ଟେଷ୍ଟ ମ୍ୟାଚ୍ ସମୟରେ ଜସପ୍ରୀତ ବୁମରାହ ଆହତ ହୋଇଥିଲେ ।

# ଜାତୀୟ ମହିଳା କମିଶନ ଅଧ୍ୟକ୍ଷାଙ୍କୁ ଭେଟିଲେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା

**ଭୁବନେଶ୍ୱର, ୧୫/୧(ନିପ୍ର):** ନୂଆଦିଲ୍ଲୀରେ ଜାତୀୟ ମହିଳା ଆୟୋଗର ଅଧ୍ୟକ୍ଷା ବିଜୟା ରାହତକରଙ୍କୁ ଭେଟିବା ସହ ଏହି ନୂତନ ଦାୟିତ୍ୱ ପାଇଁ ଶୁଭେଚ୍ଛା ଜଣାଇଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା । ଦୀର୍ଘଦିନ ଧରି ବିଜୟା ରାହତକରଙ୍କୁ ଜାଣିବା ସହ ମହିଳାମାନେ ସମ୍ମୁଖୀନ ହେଉଥିବା ଆହ୍ୱାନ ବିଷୟରେ ବିଜୟା ଗଭୀର ଜ୍ଞାନ ରଖିଥିବା ପ୍ରକାଶ କରିଛନ୍ତି ଉପମୁଖ୍ୟମନ୍ତ୍ରୀ । ବିଜୟା ରାହତକରଙ୍କର ବଳିଷ୍ଠ ନେତୃତ୍ୱ, ବିସ୍ତୃତ ଅଭିଜ୍ଞତା ଏବଂ ତୃଣମୂଳ ସ୍ତରର ସଂଗଠନ ଦ୍ୱାରା ମହିଳା ସଶକ୍ତିକରଣ ତଥା ମହିଳାଙ୍କର ଅଧିକାରର ସୁରକ୍ଷା ଦିଗରେ ଜାତୀୟ ମହିଳା ଆୟୋଗ ସଫଳତା ହାସଲ କରିବା ନେଇ ବିଶ୍ୱାସ ଦେଖାଇଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ।

# 'ଦୁଇ ତିନି ବର୍ଷ ଭିତରେ ବେଆଇନ ମଦ ଓ ଡ୍ରଗ୍ସ କାରବାର ହେବ ବନ୍ଦ'



**ଭୁବନେଶ୍ୱର, ୧୫/୧(ନିପ୍ର):** ଦୁଇ ତିନି ବର୍ଷ ଭିତରେ ବେଆଇନ ମଦ ଓ ଡ୍ରଗ୍ସ କାରବାର ହେବ ବନ୍ଦ । ନୂଆ ବର୍ଷରେ ସ୍ପେଶାଲ ଡ୍ରାଇଭରେ ବିଭାଗକୁ ମିଳିଛି ବଡ଼ ସଫଳତା । ସ୍ପେଶାଲ ଡ୍ରାଇଭରେ ବହୁ ପରିମାଣରେ ବେଆଇନ ମଦ ଓ ଡ୍ରଗ୍ସ ଜବତ କରିଛି ବିଭାଗ । ୧୨ ଦିନରେ ସ୍ପେଶାଲ ଡ୍ରାଇଭରେ ୧୯ କୋଟି ଟଙ୍କାର ବେଆଇନ ମାଦକ ଦ୍ରବ୍ୟ ଜବତ କରିଛି ବିଭାଗ । ନୂଆବର୍ଷକୁ ଆଖି ଆଗରେ ରଖି ୧୫ ଦିନ ପାଇଁ ସ୍ପେଶାଲ ଡ୍ରାଇଭ କରିବାକୁ କହିଥିଲି। ବିଭାଗକୁ ବହୁ ସଫଳତା ମିଳିଛି ବୋଲି କହିଛନ୍ତି ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ୨୮ ତାରିଖରୁ ୧୨ ତାରିଖ ପର୍ଯ୍ୟନ୍ତ ଏହି ଡ୍ରାଇଭ ଚାଲିଥିଲା । ବିଭାଗକୁ ଏଥିରେ ବହୁ ସଫଳତା ମିଳିଛି ଏବଂ ସେହି ସ୍ପେଶାଲ ଡ୍ରାଇଭରେ ବହୁ ଗୁଡାଏ ବେଆଇନ ମଦ ଓ ଡ୍ରଗ୍ସ ଜବତ ହୋଇଛି। ଏବଂ ଏହାକୁ କ୍ରମାଗତ ଭାବରେ ଆମେ କରିବୁ । ଓଡିଶାରୁ ଦୁଇ ତିନି ବର୍ଷ ଭିତରେ ବେଆଇନ ମଦ ଓ ଡ୍ରଗ୍ସ କାରବାର ରୋକିବା ପାଇଁ ଯାହା ପଦକ୍ଷେପ ନେବାକଥା ସରକାର ପକ୍ଷରୁ ନେବୁ। ମିଳିଥିବା ସୂଚନା ଅନୁସାରେ ସ୍ପେଶାଲ ଡ୍ରାଇଭରେ ୧୯ କୋଟି ଟଂକାର ବେଆଇନ ମାଦକ ଦ୍ରବ୍ୟ ଜବତ କରିଛି ବିଭାଗ । ସେହିପରି ୧୫ ଦିନରେ ୪୦୧୩ଟି ମକଦମା ରୁଜୁ ହୋଇଥିବା ବେଳେ ୨ ହଜାର ୧୭୬ ଜଣ ଗିରଫ ହୋଇଛନ୍ତି।

# ୧୧ ଗ୍ରାମକୁ ଗୋ-ସେବକ ସମ୍ମାନ ପ୍ରଦାନ

**ପୁରୀ,୧୫/୧(ନିପ୍ର):** ଶ୍ରୀରାମ ସୁନ୍ଦରକାଣ୍ଡ ଚାରିଟେବୁଲ ଟ୍ରଷ୍ଟ ତରଫରୁ ଗୋରୁଆଳ ପଞ୍ଚାୟତର ଆଳିପଡା ଗ୍ରାମସ୍ଥିତ ଗୋବିନ୍ଦ ଗୋଧାମ ଗୋଶାଳାରେ ରାଷ୍ଟ୍ରୀୟ ରାମାୟଣ ମହୋତ୍ସବ ଏବଂ ତୁଳସୀପୀଠାଧିଶ୍ୱର ଜଗତଗୁରୁ ରାମାନନ୍ଦାଚାର୍ଯ୍ୟ ସ୍ୱାମୀ ରାମଭଦ୍ରାଚାର୍ଯ୍ୟ ମହାରାଜଙ୍କ ୭୬ତମ ଜୟନ୍ତୀ ପାଳିତ ହୋଇଯାଇଛି । ଟ୍ରଷ୍ଟର ପ୍ରତିଷ୍ଠାତା ତଥା ସଂପାଦକ ପଣ୍ଡିତ ବିଷ୍ଣୁ ଚରଣ ପଣ୍ଡାଜୀ ମହାରାଜଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମହୀପ୍ରକାଶ ମଠର ମହନ୍ତ ଶୁଭାନନ୍ଦ ପୁରୀ ମୁଖ୍ୟଅତିଥି ରୂପେ ଯୋଗଦେଇ କହିଲେ ଗୋରୁଆଳର ଗୋବିନ୍ଦ ଗୋଧାମ ଗୋଶାଳା ବର୍ତ୍ତମାନ ଗୋତୀର୍ଥରେ ପରିଣତ ହୋଇଛି। ଏଥିରେ ୧୧ ଗ୍ରାମକୁ ଗୋ ସେବକ ସମ୍ମାନ ଦିଆଯାଇଥିଲ। ଭାରତବର୍ଷର ବିଭିନ୍ନ ରାଜ୍ୟର ସାଧୁ, ସନ୍ଥ ବର୍ତ୍ତମାନ ଗୋରୁଆଳର ଗୋବିନ୍ଦ ଗୋଧାମ ଗୋଶାଳାକୁ ଗୋତୀର୍ଥ ବୋଲି ବିବେଚନା କରୁଛନ୍ତି ।




# ହିତାଧିକାରୀଙ୍କ ବର୍ଦ୍ଧିତ ଭତ୍ତା ବିତରଣ

**ପୁରୀ, ୧୫/୧(ନିପ୍ର):** ପୁରୀ ଜିଲ୍ଲା ସହଭବନା ଗୃହଠାରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ବିଭାଗ ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରାୟ ୨୦୦ ହିତାଧିକାରୀଙ୍କୁ ବର୍ଦ୍ଧିତ ଭତ୍ତା ଟ.୩୫୦୦ ବଣ୍ଟା ଯାଇଛି। ଉକ୍ତ ସମାରୋହରେ ମୁଖ୍ୟ ଅତିଥି ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂ ଦେଓଙ୍କ ଦ୍ୱାରା ହିତାଧିକାରୀମାନଙ୍କୁ ବର୍ଦ୍ଧିତ ଭତ୍ତା ବଣ୍ଟନ କରାଯାଇଥିଲା। ୧୧ ଜଣଙ୍କୁ ଭତ୍ତା ବଣ୍ଟନ କରିଥିଲେ ଆଉ ଅବଶିଷ୍ଟ ପୁରୀ ବିଧାୟକ ସୁନିଲ କୁମାର ମହାନ୍ତି ଓ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରିଥିଲେ।

# ଅଭିଯୋଗ ସମାଧାନ ବ୍ୟବସ୍ଥା ଲାଗି ବୀମା କମ୍ପାନୀଗୁଡ଼ିକୁ ପରାମର୍ଶ

**ଭୁବନେଶ୍ୱର, ୧୫/୧(ନିପ୍ର):** ରାଜ୍ୟସ୍ତରୀୟ ବୀମା କମିଟିର ପ୍ରଥମ ସମ୍ମିଳନୀ ୧୫ ଜାନୁଆରୀ ୨୦୨୫ ତାରିଖରେ ଭୁବନେଶ୍ୱରରେ ସଫଳତାର ସହିତ ଆୟୋଜିତ ହୋଇଯାଇଛି । ଏହି ସମ୍ମିଳନୀ ଅନୁ ଗର୍ଗ, ଉନ୍ନୟନ କମିଶନର୍ ଓ ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ସମ୍ପାଦିତ ହୋଇଥିଲା । ସେ ତାଙ୍କ ଉଦବୋଧନରେ ରାଜ୍ୟସ୍ତରୀୟ ବୀମା କମିଟିକୁ ଆଇଆରଡିଏଆଇ, ରାଜ୍ୟ ସରକାର ଓ ବୀମା କମ୍ପାନୀମାନଙ୍କର ଏକ ତ୍ରିପାକ୍ଷିକ ସଂସ୍ଥାଗତ ବ୍ୟବସ୍ଥା ଭାବେ କାମ କରିବା ପାଇଁ ଉତ୍ସାହିତ କରିଥିଲେ । ବ୍ୟାଙ୍କିଂ କ୍ଷେତ୍ରରେ ଏସଏଲବିସି ପରି ବୀମା କ୍ଷେତ୍ରରେ ଏସଏଲବିସିକୁ ସର୍ବୋତ୍ତମ ମାନଦଣ୍ଡ ସ୍ଥାପନ କରିବାର ଆବଶ୍ୟକତା ରହିଛି । ଏହି କମିଟି ରାଜ୍ୟର ବୀମା କଭରେଜ୍‌ର ଅବସ୍ଥା ମୂଲ୍ୟାଙ୍କନ କରି ୨୦୩୬ ସୁଧା ସମସ୍ତଙ୍କ ପାଇଁ ବୀମା ସୁବିଧା ଲକ୍ଷ୍ୟ ହାସଲ ପାଇଁ ବିହିତ ପଦକ୍ଷେପ ନେବ। ବୈଠକରେ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଅଧୀନରେ ନିମ୍ନ ହାରରେ ଦାବି ସମାଧାନ ପ୍ରସଙ୍ଗ ଉପରେ ଧ୍ୟାନ ଆକର୍ଷଣ କରାଯାଇଥିଲା। କମିଟି ଏହାକୁ ଗମ୍ଭୀରତାର ସହିତ ଆଲୋଚନା କରିଥିଲେ ଓ ସମ୍ପୃକ୍ତ ବୀମା କମ୍ପାନୀଗୁଡିକୁ ସମସ୍ତ ଦାବି ପ୍ରାଥମିକତା ସହିତ ସମାଧାନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ସାଧାରଣ ଜନତାଙ୍କ ପାଇଁ ସୁଲଭ ଓ ସହଜ ବୀମା ସୁବିଧା, ବୀମାକାରୀ ଏବଂ ବୀମା ଗ୍ରହୀତାଙ୍କ ମଧ୍ୟରେ ବିଶ୍ୱାସର ନିବିଡତାକୁ ବଢାଇବା, ଟେକ୍ନୋଲୋଜି ପରିଚାଳିତ ପ୍ଲାଟଫର୍ମ ବ୍ୟବହାର କରି ପ୍ରକ୍ରିୟାକୁ ସରଳୀକରଣ କରିବା, ଦାବି ସମାଧାନକୁ ତ୍ୱରାନ୍ୱିତ କରିବା ପାଇଁ କୃତ୍ରିମ ବୁଦ୍ଧିମତ୍ତା ଆଧାରିତ ବ୍ୟବସ୍ଥା ଏବଂ ସୁଦୃଢ ଅଭିଯୋଗ ସମାଧାନ ବ୍ୟବସ୍ଥା କରିବା ପାଇଁ ଅନୁ ଗର୍ଗ ସମସ୍ତ ବୀମା କମ୍ପାନୀମାନଙ୍କୁ ପରାମର୍ଶ ଦେଇଥିଲେ । ରାଜ୍ୟ ପାଇଁ ଆଇଆରଡିଏଆଇ ଦ୍ୱାରା ନିଯୁକ୍ତ ଚାରି ପ୍ରମୁଖ ବୀମା କମ୍ପାନୀ ଯଥା ଭାରତୀ ଆକ୍ସା ଲାଇଫ୍, ଶ୍ରୀରାମ ଜେନେରାଲ୍ ଇନସୁରାନ୍ସ, ଏଲ୍‌ଆଇସି ଅଫ୍ ଇଣ୍ଡିଆ ଏବଂ ଜୁରିଚ୍ କୋଟାକ୍ ଜେନେରାଲ୍ ଇନସୁରାନ୍ସ ମଧ୍ୟରୁ ଲାଇଫ୍ ଇନସୁରାନ୍ସ କର୍ପୋରେସନ୍‌କୁ ଏସଏଲଆଇସି ପାଇଁ ନୋଡାଲ୍ ବୀମା କମ୍ପାନୀ କରିବାକୁ କମିଟିରେ ନିଷ୍ପତ୍ତି ନିଆଗଲା । ଜୀବନ, ଫସଲ, ମୋଟର, ସ୍ୱାସ୍ଥ୍ୟ ଇତ୍ୟାଦି ବିଭିନ୍ନ କ୍ଷେତ୍ରର ବୀମା ସମ୍ବନ୍ଧୀୟ ସମସ୍ୟାର ସମାଧାନ ପାଇଁ ସମ୍ପୃକ୍ତ ଉପ-କମିଟି ଗଠନ କରିବାକୁ ମଧ୍ୟ କମିଟି ପରାମର୍ଶ ଦେଇଥିଲେ। ଏହି ବୈଠକରେ ଆଇଆରଡିଏଆଇର ସଦସ୍ୟ ସଚିବ ସତ୍ୟଜିତ ତ୍ରିପାଠୀ; ଏଲଆଇସିର ଅଧ୍ୟକ୍ଷ ସିଦ୍ଧାର୍ଥ ମହାନ୍ତି; ଆରବିଆଇର ଆଂଚଳିକ ନିର୍ଦ୍ଦେଶକ ଏସ. ପି. ମହାନ୍ତି; ୪ଟି ଅଗ୍ରଣୀ ବୀମା କମ୍ପାନୀର ଏମ୍. ଡି. ତଥା ସି. ଇ. ଓ., ଏମ୍. ଜଗନ୍ନାଥ, ଏଲ୍. ଆଇ. ସି.; ପରାଗ ରାଜା, ଭାରତୀ ଆକ୍ସା ଲାଇଫ୍ ଲିମିଟେଡ୍; ଅନିଲ କୁମାର ଅଗ୍ରୱାଲ, ଶ୍ରୀରାମ ଜେନେରାଲ୍ ଇନସୁରାନ୍ସ ଲିମିଟେଡ୍; ଆଲୋକ କୁମାର ଅଗ୍ରୱାଲ, ଜୁରିଚ୍ କୋଟାକ୍ ଜେନେରାଲ୍ ଇନସୁରାନ୍ସ ଲିମିଟେଡ୍; ଶାଶ୍ୱତ ମିଶ୍ର , ପ୍ରମୁଖ ଶାସନ ସଚିବ, ଅର୍ଥ ବିଭାଗ, ଡ଼ ଅରବିନ୍ଦ କୁମାର ପାଢୀ, ପ୍ରମୁଖ ଶାସନ ସଚିବ କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ଗୁହା ପୁନମ ତାପସ କୁମାର, କମିଶନର ତଥା ଶାସନ ସଚିବ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ; ବୀମା କମ୍ପାନୀମାନଙ୍କର ଉଚ୍ଚ ପଦସ୍ଥ ଅଧିକାରୀ; ରାଜ୍ୟ ସରକାରଙ୍କ ସଚିବ ଏବଂ ବରିଷ୍ଠ ଅଧିକାରୀଗଣ ତଥା ଅନୁଷ୍ଠାନିକ ଅର୍ଥ ବିଭାଗର ନିର୍ଦ୍ଦେଶକ ଡ. ପ୍ରଜ୍ଞାସ୍ମିତା ସାହୁ ଉପସ୍ଥିତ ଥିଲେ।

# ଏଚ୍‌ଏମ୍‌ପିଭି: ରାଜ୍ୟ ଓ କେନ୍ଦ୍ର ସରକାର ସଂପୂର୍ଣ୍ଣ ସଜାଗ



**ଭୁବନେଶ୍ୱର, ୧୫/୧(ନିପ୍ର):** ହ୍ୟୁମାନ ମେଟାନ୍ୟୁମୋ ଭାଇରସ୍ (ଏଚ୍‌ଏମ୍‌ପିଭି) ସଂପର୍କିତ ଏକ ସମୀକ୍ଷା ବୈଠକ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ କମିଶନର ତଥା ଶାସନ ସଚିବ ଅଶ୍ୱତୀ ଏସ୍‌ଙ୍କ ଅଧ୍ୟକ୍ଷତାରେ ଆଜି ବିଭାଗୀୟ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶାର ଜନସାଧାରଣ ଏଚ୍‌ଏମ୍‌ପିଭି ଭୂତାଣୁ ନେଇ ବିଚଳିତ କିମ୍ବା ଆତଙ୍କିତ ହେବାର କିଛି କାରଣ ନାହିଁ ବୋଲି ବୈଠକରେ ମତପ୍ରକାଶ ପାଇଛି । ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଏବଂ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଏହାକୁ ନେଇ ସଂପୂର୍ଣ୍ଣ ସଜାଗ ରହିଛନ୍ତି । ଅଦ୍ୟାବଧି ଏଚ୍‌ଏମ୍‌ପିଭିର କୌଣସି ପ୍ରଭାବ ଓଡ଼ିଶାରେ ପରିଲକ୍ଷିତ ହୋଇନାହିଁ । ତା' ସତ୍ତ୍ୱେ ଓଡ଼ିଶା ସରକାର ସମସ୍ତ ପରିସ୍ଥିତି ପାଇଁ ସଂପୂର୍ଣ୍ଣ ପ୍ରସ୍ତୁତ ଅଛନ୍ତି । ଆଇଡିଏସ୍‌ପି, ଏନ୍‌ସିଡିସି ଠାରୁ ଆରମ୍ଭ କରି ରାଜ୍ୟ ସରକାରଙ୍କ ସମସ୍ତ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟ, ଏମସ୍, ଭୁବନେଶ୍ୱର, ଆଁଏମ୍‌ଆଁସି, ଭୁବନେଶ୍ୱର, ଆଇ.ଏଲ୍.ଏସ୍, ଭୁବନେଶ୍ୱର ପ୍ରଭୃତି ପ୍ରମୁଖ ଅନୁଷ୍ଠାନ ଏହା ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି । ତେଣୁ ଜନସାଧାରଣ ତଥା ଗଣମାଧ୍ୟମ ଅଯଥା ବ୍ୟସ୍ତବିବ୍ରତ କିମ୍ବା ବିଚଳିତ ହେବାର କୌଣସି କାରଣ ନାହିଁ । ବ୍ୟାପକ ଜନସଚେତନତା ଓ ସତର୍କତା ଦ୍ୱାରା ସଂକ୍ରମଣକୁ ସହଜରେ ପ୍ରତିହତ କରାଯାଇପାରେ । ତେଣୁ, ସଦାସର୍ବଦା ବ୍ୟକ୍ତିଗତ ତଥା ପରିବେଶର ପରିଷ୍କାର ପରିଚ୍ଛନ୍ନତା ପ୍ରତି ବିଶେଷ ଧ୍ୟାନଦେବା ପାଇଁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଜନସାଧାରଣଙ୍କୁ ଅନୁରୋଧ କରୁଛନ୍ତି । ସଚେତନ ହେଲେ ସୁରକ୍ଷିତ ରହିବା । ଏହି ବୈଠକରେ ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ଡ. ବିଜୟ କୁମାର ମହାପାତ୍ର, ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ଡ. ନୀଳକଣ୍ଠ ମିଶ୍ର, ଡିଏମ୍‌ଇଟି ଡ. ସନ୍ତୋଷ କୁମାର ମିଶ୍ର, ଭାରତ ସରକାରଙ୍କ ଆଂଚଳିକ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ନିର୍ଦ୍ଦେଶାଳୟର ନିର୍ଦ୍ଦେଶିକା ଡ. ସୁମିତ୍ରା ସାସମଲ, ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଟିମ୍ ଲିଡ୍ ଡ. ନିହାର ରାୟ, ଆଁଏମ୍‌ଆଁସିର ଡ. ଶୁଭ୍ର ସୁଭଦ୍ରା, ଡ. ଇରା ପ୍ରହରାଜ, ଅତିରିକ୍ତ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶିକା ଡ. ପ୍ରମିଳା ବରାଳ, ଏପିଏଚ୍‌ଓ ଡ. ବିଶ୍ୱରଞ୍ଜନ ଦାସ, ଉପଶାସନ ସଚିବ ଅରୁଣା ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ ।

# ଓଏଏସ୍ ଆଲୋକ ପ୍ରଧାନ ମୁଖ୍ୟମନ୍ତ୍ରୀଙ୍କ ଯୁଗ୍ମ ସଚିବ ନିଯୁକ୍ତ



**ଭୁବନେଶ୍ୱର, ୧୫/୧(ନିପ୍ର):** : ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଯୁଗ୍ମ ସଚିବ ଭାବେ କେନ୍ଦୁଝର ଏଡିଏମ୍ ଭାବେ କାର୍ଯ୍ୟ କରୁଥିବା ଓଏଏସ୍ ଅଧିକାରୀ ଆଲୋକ କୁମାର ପ୍ରଧାନଙ୍କୁ ନିଯୁକ୍ତ କରାଯାଇଛି। ଖୋର୍ଦ୍ଧା ଉପ ଜିଲ୍ଲାପାଳ ପଦ୍ମ ଚରଣ ସାହୁଙ୍କୁ ବର୍ତ୍ତମାନ କ୍ରୀଡା ଏବଂ ଯୁବ ସେବା ଉପ ସଚିବ ଭାବରେ ନିଯୁକ୍ତ କରାଯାଇଛି। । କେନ୍ଦୁଝର ଆନନ୍ଦପୁରର ଅତିରିକ୍ତ ଉପ ଜିଲ୍ଲାପାଳ କିଶୋର କୁମାର ପଣ୍ଡାଙ୍କୁ ଖୋର୍ଦ୍ଧା ଉପ ଜିଲ୍ଲାପାଳ ଭାବରେ ଦାୟିତ୍ୱ ଦିଆଯାଇଛି। ଜୁନ୍ ମାସରେ ଦୁଇଜଣ ଓଏଏସ୍ ଅଧିକାରୀ - ତ୍ରିଲୋଚନ ମହାନ୍ତି ଏବଂ ଚିତ୍ରସେନ ରାଉତଙ୍କୁ ଯଥାକ୍ରମେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଯୁଗ୍ମ ସଚିବ ଏବଂ ଅତିରିକ୍ତ ସଚିବ ଭାବରେ ନିଯୁକ୍ତ କରାଯାଇଥିଲା।

# କାଶୀ ତାମିଲ ସଙ୍ଗମମ୍ ତୃତୀୟ ପର୍ଯ୍ୟାୟ ପାଇଁ ପଞ୍ଜୀକରଣ ପୋର୍ଟାଲ ଶୁଭାରମ୍ଭ



**ଭୁବନେଶ୍ୱର, ୧୫/୧(ନିପ୍ର):** କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କାଶୀ ତାମିଲ ସଙ୍ଗମମ୍ (କେଟିଏସ୍)ର ତୃତୀୟ ସଂସ୍କରଣ ପାଇଁ ପଞ୍ଜୀକରଣ ପୋର୍ଟାଲର ଶୁଭାରମ୍ଭ କରିଛନ୍ତି । ଏକ ସାମ୍ବାଦିକ ସମ୍ମିଳନୀରେ କେନ୍ଦ୍ରମନ୍ତ୍ରୀ ଘୋଷଣା କରିଛନ୍ତି ଯେ କାଶୀ ତାମିଲ ସଙ୍ଗମମ ୩.୦ ଆସନ୍ତା ଫେବୃଆରୀ ୧୫ରୁ ଉତ୍ତରପ୍ରଦେଶର ବାରଣାସୀରେ ଆରମ୍ଭ ହେବ ଏବଂ ୧୦ ଦିନ ଧରି ଚାଲିବାକୁ ଥିବା ଏହି କାର୍ଯ୍ୟକ୍ରମ ଫେବୃଆରୀ ୨୪ରେ ଶେଷ ହେବ । ଆଇଆଇଟି ମାଡ୍ରାସ ଦ୍ୱାରା ପରିଚାଳିତ ପୋର୍ଟାଲରେ ଫେବୃଆରୀ ୧, ୨୦୨୫ ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନେ ପଞ୍ଜୀକରଣ କରିପାରିବେ । ଶ୍ରୀ ପ୍ରଧାନ କହିଛନ୍ତି ଯେ କାଶୀ ତାମିଲ ସଙ୍ଗମମ ୩.୦ ଜରିଆରେ ତାମିଲନାଡୁ ଓ କାଶୀ ମଧ୍ୟରେ ଅତୁଟ ସମ୍ପର୍କ ସୃଷ୍ଟି ହେବ । କାଶୀ ତାମିଲ ସଙ୍ଗମମ୍ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମୂଳ କଳ୍ପନା ଥିଲା । ତାମିଲନାଡୁ ଏବଂ କାଶୀ ମଧ୍ୟରେ ଚିରନ୍ତନ ସମ୍ପର୍କକୁ ପାଳନ କରିବା, ସଭ୍ୟତା ସମ୍ପର୍କକୁ ସୁଦୃଢ଼ କରିବା ଏବଂ ଏକ ଭାରତ, ଶ୍ରେଷ୍ଠ ଭାରତର ଭାବନାକୁ ଆଗକୁ ବଢ଼ାଇବା ପାଇଁ ଏହା ଏକ ପ୍ରେରଣାଦାୟକ ପଦକ୍ଷେପ । କାଶୀ ତାମିଲ ସଙ୍ଗମମ ଭାରତର ଅନ୍ୟତମ ପୂଜ୍ୟ ସାଧୁ ମହର୍ଷି ଅଗସ୍ତ୍ୟଙ୍କ ଉତ୍ସବ ହେବ । ଭାରତର ସାଂସ୍କୃତିକ ଓ ଆଧ୍ୟାତ୍ମିକ ଢାଂଚାରେ ମହର୍ଷି ଅଗସ୍ତ୍ୟଙ୍କ ପରମ୍ପରା ଗଭୀର ଭାବରେ ଜଡ଼ିତ । ତାମିଲ ଭାଷା ଓ ସାହିତ୍ୟ ସହିତ ମିଳିତ ମୂଲ୍ୟବୋଧ, ଜ୍ଞାନ ପରମ୍ପରା ଓ ଐତିହ୍ୟର ମୂଳଦୁଆ ବୌଦ୍ଧିକ ପ୍ରତିଭା ବୋଲି ଶ୍ରୀ ପ୍ରଧାନ କହିଥିଲେ । ଶ୍ରୀ ପ୍ରଧାନ କହିଛନ୍ତି ଯେ ଚଳିତ ବର୍ଷ କାଶୀ ତାମିଲ ସଙ୍ଗମମର ବିଶେଷ ମହତ୍ତ୍ୱ ରହିଛି କାରଣ ଏହା ମହାକୁମ୍ଭ ସହିତ ଏକ ସଙ୍ଗେ ପଡୁଛି ଏବଂ ଅଯୋଧ୍ୟାରେ ଶ୍ରୀରାମଲଲାଙ୍କ 'ପ୍ରାଣ ପ୍ରତିଷ୍ଠା' ପରେ ଏହା ପ୍ରଥମ ସଙ୍ଗମମ ଅଟେ । ମହାକୁମ୍ଭ ଏବଂ ଶ୍ରୀ ଅଯୋଧ୍ୟା ଧାମର କେନ୍ଦ୍ରୀୟ ବିଷୟବସ୍ତୁ ଏବଂ ପୃଷ୍ଠଭୂମି ଭାବରେ ମହର୍ଷି ଅଗସ୍ତ୍ୟ ସହିତ, କାଶୀ ତାମିଲ ସଙ୍ଗମମ୍ ୩.୦ ଏକ ଦିବ୍ୟ ଅନୁଭୂତି ପ୍ରଦାନ କରିବ । ଆମ ସଭ୍ୟତା ଏବଂ ସଂସ୍କୃତିର ଦୁଇଟି ଚିରନ୍ତନ କେନ୍ଦ୍ର - ତାମିଲନାଡୁ ଏବଂ କାଶୀକୁ ପୂର୍ବଅପେକ୍ଷା ଅଧିକ ନିକଟତର କରିବ । ଶ୍ରୀ ପ୍ରଧାନ ତାମିଲନାଡୁବାସୀଙ୍କୁ କାଶୀ ତାମିଲ ସଙ୍ଗମମ୍ ୩.୦ରେ ଅଂଶଗ୍ରହଣ କରିବାକୁ ନିବେଦନ କରିଥିଲେ ।

# ତାଳଚେର-ବିମଳାଗଡ଼ ରେଳ ଲାଇନ ପ୍ରକଳ୍ପ: କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ନୂଆ ଟେଣ୍ଡର

**ଭୁବନେଶ୍ୱର, ୧୫/୧(ନିପ୍ର):** ବହୁ ପ୍ରତୀକ୍ଷିତ ତାଳଚେର-ବିମଳାଗଡ଼ ନୂତନ ବ୍ରଡଗେଜ୍ ରେଳ ଲାଇନ ପ୍ରକଳ୍ପକୁ ସମାପ୍ତ କରିବା ଲକ୍ଷ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ବିକାଶରେ, ରେଳ ମନ୍ତ୍ରଣାଳୟ ପ୍ରକଳ୍ପର ଅବଶିଷ୍ଟ ଅଂଶ ପାଇଁ ଟେଣ୍ଡର ଆମନ୍ତ୍ରଣ କରିଛି । ୧୪୯.୭୮ କିଲୋମିଟର ବ୍ୟାପୀ ଏହି ନୂତନ ରେଳ ଲାଇନ ଓଡ଼ିଶାର ତାଳଚେର ସହିତ ବିମଳାଗଡ଼କୁ ସଂଯୋଗ କରିବାକୁ ପ୍ରସ୍ତୁତ ଏବଂ ଟେଣ୍ଡର ଆମନ୍ତ୍ରଣରେ ମାଟି କାମ, ସେତୁ ନିର୍ମାଣ, ଷ୍ଟେସନ ସୁବିଧା, ଡ୍ରେନେଜ୍ ସିଷ୍ଟମ୍ ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଅନ୍ତର୍ଭୁକ୍ତ ଅଟେ । ଟେଣ୍ଡର ପାଇଁ ଆନୁମାନିକ ମୂଲ୍ୟ ୭୨୬.୧୨୯ କୋଟି ଟଙ୍କା ବ୍ୟୟ ବରାଦ ରଖାଯାଇଅଛି । ତାଳଚେର-ବିମଳାଗଡ଼ ରେଳ ଲାଇନ ପ୍ରାରମ୍ଭିକ ଭାବରେ ୨୦୦୩-୦୪ ମସିହାରେ ମଞ୍ଜୁର କରାଯାଇଥିଲା କିନ୍ତୁ ଜମି ଅଧିଗ୍ରହଣ ସମସ୍ୟା, ଆଇନଗତ ବାଧା ଏବଂ ଅନ୍ୟାନ୍ୟ ଆହ୍ୱାନ ଯୋଗୁଁ ବର୍ଷ ବର୍ଷ ଧରି ଅନେକ ବିଳମ୍ବର ସମ୍ମୁଖୀନ ହୋଇଛି । ଏହି ବାଧା ସତ୍ତ୍ୱେ, ପ୍ରକଳ୍ପର ପ୍ରାୟ ୨୬% କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇସାରିଛି, ତାଳଚେର ଏବଂ ସୁନାଖେଣି ମଧ୍ୟରେ ୨୦ କିଲୋମିଟର ରେଳ ଲାଇନ ନିର୍ମାଣ କରାଯାଇଛି । ଏହା ସହିତ, ଚାଲୁଥିବା ନିର୍ମାଣ କାର୍ଯ୍ୟ ଅନୁଗୁଳ ଜିଲ୍ଲାର ଖମାର ଆଡକୁ ରେଳ ସଂଯୋଗକୁ ଆହୁରି ୩୦.୫ କିଲୋମିଟର ବିସ୍ତାର କରିଛି, ଯାହାର ଲକ୍ଷ୍ୟ ହେଉଛି ପ୍ରକଳ୍ପକୁ ଶୀଘ୍ର ସମାପ୍ତ କରିବା । ବିଳମ୍ବ ଦୂର କରିବା ପାଇଁ ପ୍ରୟାସ ଜୋରଦାର କରାଯାଇଛି । ଅନୁଗୁଳ ଜିଲ୍ଲାର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଘରୋଇ ଜମି ଅଧିଗ୍ରହଣ କରାଯାଇଛି ଏବଂ ରାଜ୍ୟ ସରକାର ଦେବଗଡ଼ ଏବଂ ସୁନ୍ଦରଗଡ଼ ଜିଲ୍ଲାରେ ଅବଶିଷ୍ଟ ଜମି ଯୋଗାଇ ଦେବେ ବୋଲି ଆଶା କରାଯାଉଛି । ରେଳବାଇ ଦ୍ୱାରା ନିୟୋଜିତ ସ୍ୱତନ୍ତ୍ର ଭୂମି ଅଧିଗ୍ରହଣ ଅଧିକାରୀମାନେ ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ସହ ଘନିଷ୍ଠ ଭାବରେ କାର୍ଯ୍ୟ କରୁଛନ୍ତି ଯାହା ଦ୍ୱାରା ଜମି ଅଧିଗ୍ରହଣ ପ୍ରକ୍ରିୟା ଆଉ କୌଣସି ବାଧା ବ୍ୟତୀତ ଆଗକୁ ବଢ଼ିବ । ନିର୍ମାଣକୁ ତ୍ୱରାନ୍ୱିତ କରିବା ପାଇଁ, ରେଳ ଲାଇନର ଉଭୟ ପାର୍ଶ୍ୱ ଯଥା ତାଳଚେର ଏବଂ ବିମଳାଗଡ଼ ପାର୍ଶ୍ୱରୁ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇଛି । ବିମଳାଗଡ଼-ମହୁଲଡିହା ସେକ୍ସନ ପୂର୍ବରୁ ନିର୍ମାଣାଧୀନ ଅଛି ଏବଂ ପାଲଲହଡ଼ା ଏବଂ ମହୁଲଡିହା ମଧ୍ୟରେ ଅବଶିଷ୍ଟ ୩୦.୬୨୫ କିଲୋମିଟର ରେଳ ମାର୍ଗ ପାଇଁ ସମ୍ପ୍ରତି ଏକ ଟେଣ୍ଡର ଆହ୍ୱାନ କରାଯାଇଅଛି ଯାହାକି ନିର୍ମାଣ କାର୍ଯ୍ୟ ପ୍ରକ୍ରିୟା ଅଗ୍ରଗତିକୁ ତ୍ୱରାନ୍ୱିତ କରିବ ବୋଲି ଆଶା କରାଯାଉଛି । ପ୍ରାୟ ୧୨ ବର୍ଷ ଧରି ବିଳମ୍ବର ସମ୍ମୁଖୀନ ହୋଇଥିବା ତାଳଚେର-ବିମଳାଗଡ଼ ରେଳ ଲାଇନ ପ୍ରକଳ୍ପ ଏବେ ପୂର୍ବତଟ ରେଳପଥ ପ୍ରଶାସନ ଦ୍ୱାରା ନିଆଯାଇଥିବା ସକ୍ରିୟ ପଦକ୍ଷେପ ସହିତ ଅଗ୍ରଗତି ପାଇବାରେ ଲାଗିଛି । ଏହି ପଦକ୍ଷେପଗୁଡ଼ିକ ମଧ୍ୟରେ ଭୂମି ଅଧିଗ୍ରହଣ ଏବଂ ନ୍ୟାୟାଳୟ ମାମଲା ସହିତ ଜଡିତ ସମସ୍ୟାର ସମାଧାନ ପାଇଁ ରାଜ୍ୟ ଏବଂ ଜିଲ୍ଲା କର୍ତ୍ତୃପକ୍ଷଙ୍କ ସହିତ ଘନିଷ୍ଠ ସମନ୍ୱୟ ଅନ୍ତର୍ଭୁକ୍ତ । ରେଳ ମନ୍ତ୍ରଣାଳୟ ଏହି ପ୍ରକଳ୍ପକୁ ପ୍ରାଥମିକତା ଦେଇଛି । କେନ୍ଦ୍ର ରେଳମନ୍ତ୍ରୀ ଶ୍ରୀ ଅଶ୍ୱିନୀ ବୈଷ୍ଣବ ବ୍ୟକ୍ତିଗତ ଭାବରେ ଅଧିକାରୀମାନଙ୍କୁ ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଏବଂ ପ୍ରକଳ୍ପ ସମାପ୍ତି ସୁନିଶ୍ଚିତ କରିବା ପାଇଁ ପରାମର୍ଶ ଦେଇଛନ୍ତି ।



# ପ୍ରସିଦ୍ଧ ଓଳାଶୁଣୀ ମେଳା ୨୫ରୁ

**ବାଲିଚନ୍ଦ୍ରପୁର,୧୫/୦୧(ନିପ୍ର):** ଓଡିଶାର ସୁପରିଚିତ ଆଧ୍ୟାତ୍ମିକ କ୍ଷେତ୍ର ଭାବରେ ପରିଚିତ ଓଳାଶୁଣୀ ଗୁମ୍ଫା ପୀଠର କାୟାକଳ୍ପ ବଦଳୁଛି । ଏହାକୁ ଅଧିକ ସୁନ୍ଦର ଓ ବିକଶିତ ଆଧ୍ୟାତ୍ମିକ କ୍ଷେତ୍ର ଭାବରେ ପରିଚିତ କରାଇବା ପାଇଁ ସମସ୍ତଙ୍କ ସହଯୋଗରେ କାର୍ଯ୍ୟାନ୍ୱୟନ ଗ୍ରହଣ କରାଯାଉଛି ବୋଲି କହିଛନ୍ତି ବଡଚଣା ବିଧାୟକ ଅମର କୁମାର ନାୟକ । ଚଳିତ ଜାନୁଆରୀ ୨୫ତାରିଖ ମାଘ କୃଷ୍ଣ ଏକାଦଶୀ ତଥା ଅଷ୍ଟାଦଶ ଶତାବ୍ଦୀର ମହାପୁରୁଷ ଅରକ୍ଷିତ ଦାସଙ୍କର ପବିତ୍ର ମହାସମାଧି ଦିବସ ଅବସରରେ ଆରମ୍ଭ ହେଉଛି ଓଡିଶା ପ୍ରସିଦ୍ଧ ଓଳାଶୁଣୀ ଗୁମ୍ଫା ଯାତ୍ରା । ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ବୁଧବାର ପୁର୍ବାହ୍ଣରେ ଓଳାଶୁଣୀ ପୀଠ ଗଣେଶ ମଣ୍ଡପଠାରେ ଯାଜପୁରର ଅତିରିକ୍ତ ଜିଲ୍ଲାପାଳ ଶୁଭେନ୍ଦ୍ର କୁମାର ସାମଲଙ୍କ ଅଧ୍ୟକ୍ଷତାରେ ପ୍ରଶାସନିକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ବିଧାୟକ ଶ୍ରୀ ନାୟକ ଯୋଗଦେଇ ବିଭିନ୍ନ କାର୍ଯ୍ୟକ୍ରମଗୁଡିକର ସମୀକ୍ଷା କରିଥିଲେ। ବୈଠକରେ ଆସିଥିବା ବିଭିନ୍ନ ଗଠନମୂଳକ ପ୍ରସ୍ତାବ ଗୁଡିକୁ କାର୍ଯ୍ୟକାରୀ କରିବା ପାଇଁ ସେ ସମସ୍ତଙ୍କର ସହଯୋଗ କାମନା କରିଥିଲେ । ବିଶେଷକରି ମେଳା ସମୟରେ ଭକ୍ତମାନଙ୍କର ପୀଠକୁ ଆଗମନ ଓ ମହାପୁରୁଷଙ୍କୁ ଦର୍ଶନ,ମେଳାର ସୁପରିଚାଳନା,ଟ୍ରାଫିକ ନିୟନ୍ତ୍ରଣ,ମେଳାରେ ବ୍ୟବସାୟିକ ପ୍ରତିଷ୍ଠାନକୁ ସ୍ଥାନ ଆବଣ୍ଟନ,ସମଗ୍ର ମେଳା ପରିସର ଓ ରାସ୍ତାରେ ଆଲୋକୀକରଣ କରାଯିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଚଳିତ ବର୍ଷର ଓଳାଶୁଣୀ ମେଳା ଭଲରେ ଆୟୋଜିତ ହେଉ ଏବଂ ଏଭଳି ଏକ ଭଲ ବାର୍ତ୍ତା ଏ ମେଳାରୁ ଯାଉ ବୋଲି ସେ ପ୍ରକାଶ କରିଥିଲେ ।

Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED,** Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com
ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ
ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ